ଛୁଆମା’

(ଭିନ୍ନ ସ୍ୱାଦର କଥା ଓ କାହାଣୀ)

ଅଟଳ ବିହାରୀ ନାୟକ

Digitized by PPRACHIN, SOA

ଛୁଆମା'

(ଭିନ୍ନ ସ୍ୱାଦର କଥା ଓ କାହାଣୀ)

ଗାଳ୍ପିକ

ପ୍ରଫେସର୍ ଅଟଳ ବିହାରୀ ନାୟକ

ପୂର୍ବତନ ପରୀକ୍ଷା ନିୟନ୍ତ୍ରକ

ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ,

ଶ୍ରୀରାମ ବିହାର, ବାରିପଦା

Digitized by PPRACHIN, SOA

ଉତ୍ସର୍ଗ

କବି ଓ ଲେଖକମାନେ କଳ୍ପନା ବିଳସୀ ବୋଲି ବିଦ୍ୱାନ୍‌ମାନଙ୍କର ମତ । ମନର କଳ୍ପନାକୁ କବି ବା ଲେଖକ କଲମ ମୁନରେ ସ୍ଥାନ ଦେଉଥିଲେ । ରାତି ରାତି ଅନିଦ୍ରା ରହି ସେମାନଙ୍କର ମାନସ ସନ୍ତାନକୁ ଜନ୍ମ ଦେଉଥିଲେ କଳ୍ପନାର ପୁଟରେ । ଏବେ କିନ୍ତୁ କବି ଲେଖକ ପ୍ରାବନ୍ଧିକ କଳ୍ପ ରାଜ୍ୟରେ ବିଚରଣ କରୁନାହାନ୍ତି । ସାଁବାଳୁଆ ପୋକ ସାଲୁବାଲୁ ହେଲା ପରି ଚରିତ୍ରମାନେ/ ଉପଜୀବ୍ୟ ତା'ର ଚତୁଃପାର୍ଶ୍ୱରେ ଘୂରି ବୁଲୁଛନ୍ତି । କ୍ଷୁଦ୍ରଗଳ୍ପ ଲେଖକ ଆଉ ଏବେ ମେକ୍ସିମ୍ ଗର୍କିଙ୍କ ବହିର ପୃଷ୍ଠା ଓଲଟାଉ ନାହାନ୍ତି କ୍ଷୁଦ୍ର ଗଳ୍ପ ରଚନା କରିବା ପୂର୍ବରୁ । ଗଳ୍ପର ଚରିତ୍ରମାନେ ଆଜି ବହିର ପୃଷ୍ଠାରୁ ବାହାରି ଇତସ୍ତତଃ ବିଚରଣ କରୁଛନ୍ତି । ଯୁଆଡ଼େ ଦୃଷ୍ଟି ନିକ୍ଷେପ କଲେ ପ୍ରତି ମୁହୂର୍ତ୍ତରେ କେତେନା କେତେ ମିନି ଗଳ୍ପ, ଅଣୁଗଳ୍ପ ଓ କ୍ଷୁଦ୍ରଗଳ୍ପର ଚରିତ୍ରମାନେ ଆଖି ଆଗରେ ଭାସି ଉଠନ୍ତି । କବି ଓ ଲେଖକ କଲମ ମୁନରେ ଆଉ ଡାଇରୀ ପୃଷ୍ଠାରେ ସେ ସବୁ ଚରତ୍ରକୁ ଓ ତା'ର ପ୍ରେକ୍ଷାପଟକୁ (କାନ୍‌ଭାସ୍‌ରେ ଚିତ୍ର ଶିଳ୍ପୀ ରୂପ ଦେଲା ପରି) ଲେଖିବସେ । ମୋର ଏ କ୍ଷୁଦ୍ରଗଳ୍ପ ପୁସ୍ତକଟିକୁ ସେଇ ଚରିତ୍ରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି ଯେଉଁମାନେ କିଛି ଆଶା ନରଖି ନିଜ ଜନ୍ମର ସାର୍ଥକତା ପାଇଁ ସ୍ରଷ୍ଟାଙ୍କ ନିର୍ଦ୍ଦେଶରେ ସୃଷ୍ଟିର ମଙ୍ଗଳ କାମନା କରନ୍ତି । ଭୋଗବାଦୀ ନହୋଇ ତ୍ୟାଗ ସର୍ବସ୍ୱ ହୁଅନ୍ତି । ଯେହେତୁ ଶାନ୍ତି ଭୋଗରେ ମିଳେନାହିଁ ମିଳେ ତ୍ୟାଗରେ ।

ବିନୀତ କଥାକାର

ପ୍ରଫେସର୍ ଅଟଳ ବିହାରୀ ନାୟକ

Digitized by PPRACHIN, SOA

ମୋ କଲମରୁ ପଦେ

ତ୍ରେତା ଯୁଗର କାହାଣୀଟିଏ । ପ୍ରବଳ ପ୍ରତାପୀ ବିଶ୍ୱବିଜୟୀ କ୍ଷତ୍ରୀ ବିଶ୍ୱାମିତ୍ରଙ୍କ ମନରେ ଦ୍ୱନ୍ଦ୍ୱ, ଅସ୍ଥିରତା, ଅଶାନ୍ତିର ପାହାଡ଼ ଲଦି ହୋଇ ପଡ଼ିଥାଏ । କ'ଣ ସେ କରିବେ ? ତାଙ୍କର ମାନସିକ ଶାନ୍ତି ଦରକାର । ଈଶ୍ୱରଙ୍କ ଉଦ୍ଦେଶ୍ୟରେ କୁଚ୍ଛ୍ର ସାଧନା କରିବସିଲେ । ଜଙ୍ଗଲରେ ବିରାଟ ବଟବୃକ୍ଷର ଓହଳରେ ନିଜର ଗୋଡ଼ ଦୁଇଟି ବାନ୍ଧିଦେଇ ମୁଣ୍ଡ ତଳକୁ କରି ନାରାୟଣଙ୍କୁ ପ୍ରାର୍ଥନା କଲେ । ବୈକୁଣ୍ଠ ଥରିଉଠିଲା । ନାରାୟଣ ବିଶ୍ୱାମିତ୍ରଙ୍କ ସମ୍ମୁଖରେ ଆବିର୍ଭାବ ହେଲେ । ପଚାରିଲେ ବିଶ୍ୱାମିତ୍ର ! କ'ଣ ପାଇଁ ଏ କୁଚ୍ଛ୍ର ସାଧନା ? ବିଶ୍ୱାମିତ୍ର ଯୋଡ଼ ହସ୍ତରେ କହିଲେ ପ୍ରଭୁ ! ମୁଁ ବ୍ରାହ୍ମଣ ହେବାକୁ ଚାହେଁ । ସ୍ମିତ ହସି ପ୍ରଭୁ କହିଲେ ଠିକ୍ ଅଛି ମୁଁ ତ ତୁମକୁ ବ୍ରାହ୍ମଣ କରିପାରିବି ନାହିଁ । ତୁମେ ବଶିଷ୍ଠ ମହର୍ଷିଙ୍କୁ ଦେଖାକର । ବିଶ୍ୱାମିତ୍ର ଚାଲିଲେ ମହର୍ଷି ବଶିଷ୍ଠଙ୍କ ପାଖକୁ । ମହର୍ଷି ବଶିଷ୍ଠଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପଚାରିଲେ ପ୍ରଭୁ ମୋତେ ବ୍ରାହ୍ମଣ କରିଦିଅନ୍ତୁ । ହସିଲେ ମହର୍ଷି । କହିଲେ ବିଶ୍ୱାମିତ୍ର ! ତୁମେ କ୍ଷତ୍ରିୟ ବୀର୍ଯ୍ୟରୁ ଜାତ । ବ୍ରାହ୍ମ ବୀର୍ଯ୍ୟଯୁକ୍ତ କିପରି ହେବ ? କ୍ରୋଧାନ୍ୱିତ ହେଲେ ଦୁର୍ବାର ଦୁର୍ଜେୟ ବିଶ୍ୱାମିତ୍ର । ତାଙ୍କର ସାଧନା ଜନିତ କ୍ଳାନ୍ତି ଅବଶୋଷ, କ୍ଷୁଧାତୁର ଥିବାର ଜାଣିପାରି ବଶିଷ୍ଠ କାମଧେନୁକୁ ସ୍ମରଣ କଲେ । କାମଧେନୁ ବିଶ୍ୱାମିତ୍ରଙ୍କର କ୍ଷୁଧା ଓ ତୃଷା ଦୂରକଲା । ବିଶ୍ୱାମିତ୍ର ଚାହିଁଲେ କାମଧେନୁକୁ ନେବା ପାଇଁ । ଅଶେଷ ଯାତନା ଦେଲେ ମହର୍ଷି ବଶିଷ୍ଠଙ୍କୁ । ପାଦଦେଶରୁ କଣ୍ଠଦେଶ ପର୍ଯ୍ୟନ୍ତ ମହର୍ଷି ବଶିଷ୍ଠ ମୃତବତ୍ ହୋଇଗଲେ । କେବଳ ମସ୍ତକରୁ ବେକ ପର୍ଯ୍ୟନ୍ତ ଚଳନଶୀଳ ଥିଲା । ବିଶ୍ୱାମିତ୍ରଙ୍କୁ ମହର୍ଷି ବଶିଷ୍ଠ କହିଲେ, ଦେଖ ବିଶ୍ୱାମିତ୍ର ତୁମେ ମୋର ଆଉ ଅଧିକ କ୍ଷତି କରିପାରିବ ନାହିଁ କିମ୍ବା ମୁଁ ତୁମକୁ ବ୍ରାହ୍ମଣ

Digitized by PPRACHIN, SOA

କରି ପାରିବି ନାହିଁ । ତୁମେ ପାତାଳ ଭୁବନ ଯାଅ । ସେଠାରେ ବାସୁକୀଙ୍କୁ ତୁମ ମନକଥା ଜଣାଅ । ବାସୁକୀ ଚାହିଁଲେ ତୁମକୁ ବ୍ରାହ୍ମଣ କରିପାରିବେ । ମହର୍ଷିଙ୍କ କଥାରେ ରାଜି ହୋଇ ବିଶ୍ୱାମିତ୍ର ପାତାଳ ଭୁବନ ଯାତ୍ରା କଲେ । ବାସୁକୀଙ୍କୁ ପ୍ରଣିପାତ ପୂର୍ବକ ମନର କଥା ବ୍ୟକ୍ତ କଲେ । ବାସୁକୀ କହିଲେ ବିଶ୍ୱାମିତ୍ର ! ତୁମେ ତ ଅଜେୟ, ଦୁର୍ଜେୟ, ମହାବଳୀ । ତୁମେ ଟିକେ ପୃଥିବୀକୁ ଧରି ରଖିଥାଅ । ମୁଁ ଶାସ୍ତ୍ରର କ'ଣ ବିଧାନ ଅଛି ତୁମେ କିପରି ବ୍ରାହ୍ମଣ ହୋଇପାରିବ ଦେଖିଆସେ । ପୃଥିବୀକୁ ମୁଣ୍ଡରେ ସାନ ଦେଲେ ବିଶ୍ୱାମିତ୍ର । ପାଦ ଟଳମଳ ହେଲା । ପ୍ରାଣ କଣ୍ଠାଗ୍ରତ ହେଲା । ବିକଳରେ ଡାକ ପକାଇଲେ ବାସୁକୀଙ୍କୁ । ବାସୁକୀ କହିଲେ ମୁଁ ବୁଝିଗଲି ତୁମେ ମୋତେ କାହିଁକି ଡାକୁଛ । ତେବେ କିଛି ସମୟ ଅପେକ୍ଷା କର । ମୁଁ ଶାସ୍ତ୍ର ଅଧ୍ୟୟନ କରି ତୁମ ବିଧାନ ନେଇ ଯାଉଛି । ତୁମକୁ ଆଉ ଯେପରି କଷ୍ଟ ନହୁଏ ତା'ର ମଧ ବ୍ୟବସ୍ଥା କରୁଛି । ହଠାତ୍ ବିଶ୍ୱାମିତ୍ର ଅନୁଭବ କଲେ ପାହାଡ଼ ପରି ଓଜନ ଲାଗୁଥିବା ପୃଥିବୀଟା ହଠାତ୍ ଫୁଲପରି ହାଲୁକା ଲାଗିଲା । ସତେ ଯେପରି ବର୍ଷ ବର୍ଷ ଧରି ରଖିଲେ ମଧ ଟିକେ ଯେପରି କ୍ଳେଶ ଅନୁଭବ ହେବନାହିଁ । ଅଣ୍ଟର୍ଯ୍ୟାନ୍ୱିତ ହେଲେ ବିଶ୍ୱାମିତ୍ର । ନିଜର ଅହମିକା, ଈର୍ଷ୍ୟା, କ୍ରୋଧକୁ ସଂପୂର୍ଣ୍ଣ ଭାବେ ଜଳାଞ୍ଜଳି ଦେଇଦେଲେ । ବାସୁକୀ ବିଧାନ ନେଇ ଫେରିବା ପରେ ପୃଥିବୀର ବୋଝ ତାଙ୍କୁ ଦେଇ ବିଶ୍ୱାମିତ୍ର ଲୋତକାପ୍ଳୁତ ନୟନରେ ବାସୁକୀଙ୍କ ପାଦ ତଳେ ନତଜାନୁ ହୋଇ ବସିପଡ଼ିଲେ । ନିଜକୁ ସମର୍ପଣ କରିଦେଲେ । ନିଜେ କେତେ ହେୟ, କେତେ ନଗଣ୍ୟ, କେତେ ତୁଚ୍ଛ ତାହା ନିଜେ ଅନୁଭବ କଲେ । ନିଜର ସ୍ୱାର୍ଥ, ନିଜର ମଙ୍ଗଳ ପରିବର୍ତ୍ତେ ବିଶ୍ୱର କଲ୍ୟାଣ ତାଙ୍କ ହୃଦୟ ଓ ମନରେ ସ୍ଥାନ ପାଇଲା । ବାସୁକୀ ବୁଝିପାରିଲେ ବିଶ୍ୱାମିତ୍ରଙ୍କ ଉଦ୍‌ବେଗିତ ହୃଦୟର କଥା । ନୂତନ ଜନ୍ମ ନେଇ ସାରିଲେଣି ବିଶ୍ୱାମିତ୍ର । ତେଣୁ ବାସୁକୀ ନିର୍ଦ୍ଦେଶ ଦେଲେ ବିଶ୍ୱାମିତ୍ର ତୁମେ ଏବେ ପୁଣି ଥରେ ମର୍ତ୍ତ୍ୟ ଭୁବନ ଯାଅ । ବଶିଷ୍ଠଙ୍କୁ ଗୁରୁ କର । ମହର୍ଷି ବଶିଷ୍ଠ ହିଁ ତୁମକୁ ବ୍ରାହ୍ମଣ କରିପାରିବେ ଆଉ କେହି ନୁହଁ । ଈଶ୍ୱର ଏବଂ

Digitized by PPRACHIN, SOA

ବାସୁକୀଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ ଜଣାଇ ବିଶ୍ୱାମିତ୍ର ମହର୍ଷି ବଶିଷ୍ଠଙ୍କ ପାଖରେ ପହଞ୍ଚିଲେ । ମହର୍ଷିଙ୍କ ପାଦ ତଳେ ପଡ଼ି ବ୍ରାହ୍ମଣ ହେବା ପାଇଁ ଆକୁଳ ନିବେଦନ କଲେ । ମହର୍ଷି ବଶିଷ୍ଠ କ'ଣ ଉତ୍ତର ଦେଲେ ଜାଣନ୍ତି ? କହିଲେ ବତ୍ସ ! ତୁମେ ବ୍ରାହ୍ମଣ ହୋଇସାରିଛ । ମୁଁ ତୁମକୁ ଆଉ କ'ଣ ବ୍ରାହ୍ମଣ କରିବି ? ତୁମକୁ ପୃଥିବୀକୁ ମୁଣ୍ଡେଇବାକୁ କହି ଶାସ୍ତ୍ରୀୟ ନିଦାନ ଖୋଜିବା ଛଳରେ ବାସୁକୀ ତୁମ ପାଇଁ ତୁଳାରୁ ସୂତା କାଟି ଉପବୀତ ପ୍ରସ୍ତୁତ କରି ମୋ ପାଖକୁ ପଠାଇ ସାରିଛନ୍ତି । ତୁମେ ଏବେ ଉପବୀତ ମୋ ହସ୍ତରୁ ଗ୍ରହଣ କର । ତୁମେ ବ୍ରହ୍ମକୁ ଚିହ୍ନିପାରିଛ । ଆଉ ତୁମର କିଛି ଲୋଡ଼ା ନାହିଁ । "ବ୍ରହ୍ମଂ ଜାନାତି ଇତି ବ୍ରାହ୍ମଣ" । ମୋ କଥାଟି ଏତିକିରେ ରଖୁଛି ।

ଜୟ ଭାରତ । ଜୟ ଜଗନ୍ନାଥ

ବିନୀତ ଗାଳ୍ପିକ

ପ୍ରଫେସର୍ ଅଟଳ ବିହାରୀ ନାୟକ

Digitized by PPRACHIN, SOA

ମୁଖବନ୍ଧ

ଓଡ଼ିଆ ଭାଷା ସାହିତ୍ୟରେ କ୍ଷୁଦ୍ରଗଳ୍ପର ସ୍ଥାନ ସ୍ୱତନ୍ତ୍ର । ଗଳ୍ପ ମାଧ୍ୟମରେ ଯୁଗେ ଯୁଗେ ସମାଜର ଦୃଶ୍ୟପଟକୁ ଜନମାନସରେ ପହଞ୍ଚାଇଥାଏ ଗାଳ୍ପିକ । ସାମାଜିକ ଦାୟିତ୍ୱବୋଧ, ପ୍ରତିବଦ୍ଧତା, ନିଷ୍ଠା ଏବଂ କର୍ତ୍ତବ୍ୟ-ସଚେତନ ଗାଳ୍ପିକ ସର୍ବଦା ସାମାଜିକ ଶୃଙ୍ଖଳାକୁ ଗୁରୁତ୍ୱ ଦେଇଥାଏ ତା'ର ଲେଖା ମାଧ୍ୟମରେ । ଅବକ୍ଷୟମୁଖୀ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ଗାଳ୍ପିକ । ପୌରାଣିକ କଥାବସ୍ତୁ ହେଉ ବା କାଳ୍ପନିକ କଥାବସ୍ତୁ କିମ୍ବା ପ୍ରତୀକାତ୍ମକ ଗଳ୍ପ ହେଉ ସବୁ ଗଳ୍ପମାନଙ୍କରେ ସମାଜକୁ କିଛି ବାର୍ତ୍ତା ପ୍ରଦାନ କରିଥାଏ । ଅଧୁନା କ୍ଷୁଦ୍ର ଗଳ୍ପର କଳେବର କ୍ଷୁଦ୍ରରୁ ଅତି କ୍ଷୁଦ୍ର (ମିନି ବା ଅଣୁଗଳ୍ପ)ର ଆକୃତି ଗ୍ରହଣ କରିଛି । ହେଲେ ଗାଳ୍ପିକ ସମାଜ ପାଇଁ କିଛିନା କିଛି ଗଠନମୂଳକ ବାର୍ତ୍ତା ଦେଇଥାଏ ତା'ର ଗଳ୍ପ ଜରିଆରେ ।

ପ୍ରଫେସର୍ ଅଟଳ ବିହାରୀ ନାୟକ ଏକାଧାରରେ ଜଣେ ନାଟ୍ୟକାର, କବି, ପାବନ୍ଧିକ ଓ ଗାଳ୍ପିକ । ଛୁଆ ମା' ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପର ସମ୍ଭାର ଏବେ ପାଠକ ମହଲରେ ପ୍ରବେଶ କରିଛି । ଉକ୍ତ ଗଳ୍ପ ପୁସ୍ତକରେ ପନ୍ଦର ଗୋଟି ଗଳ୍ପ ସ୍ଥାନିତ । ସେମାନଙ୍କ ମଧ୍ୟରୁ କେତେକ ପ୍ରତୀକାତ୍ମକ, କେତେକ ସତ୍ୟ ଘଟଣା ଉପରେ ପର୍ଯ୍ୟବେକ୍ଷିତ ଏବଂ ଆଉ କିଛି ସମସାମୟିକ ସାମାଜିକ ପୃଷ୍ଠଭୂମି ଉପରେ ଆଧାରିତ । ଅଧିକାଂଶ ଗଳ୍ପ ବିଭିନ୍ନ ପତ୍ର ପତ୍ରିକାରେ ଭିନ୍ନ ସମୟରେ ପ୍ରକାଶିତ ।

Digitized by PPRACHIN, SOA

ଛୁଆ ମା' ଗଳ୍ପଟି ସୀମାନ୍ତକୁ ସୁରକ୍ଷା ଦେଉଥିବା ସୈନିକ ଜୀବନ ଉପରେ ଲିଖିତ । ଅମ୍ଳାନ ଶହୀଦ 'କୁନା'ଙ୍କର ଉଜୁଡ଼ା ସଂସାରରେ ତାଙ୍କର ଟିକି ପୁତୁରା ମୁନା କିପରି 'ମାନୀ'ଙ୍କର ବେସାହାରା ଜୀବନକୁ ପ୍ରଭାବିତ କରିଛି ତା'ର ନିଛକ ଦୃଶ୍ୟ ନିଶ୍ଚିତ ଭାବେ ପାଠକୀୟ ମନରେ ଭାବାନ୍ତର ଆଣିବ ଏଥିରେ ଦ୍ୱିମତ ହେବାର ନାହିଁ ।

ସେହିପରି 'ମା'ର କଥା: ଦେହକୁ ହିତ-ପାଟିକୁ ପିତା' ଗଳ୍ପରେ ଏକ ବିଶାଳ ପୃଥିବୀକୁ ଉଦ୍ଧାର କରିବାକୁ ଯାଇ ପ୍ରଫେସର୍ ସିଦ୍ଧାନ୍ତ କିପରି ନିଜର ଟିକି ପୃଥିବୀକୁ ଖିନ୍‌ଭିନ୍ କରି ଦେଇଛନ୍ତି ତା'ର ସୁନ୍ଦର ଅବତାରଣା କରିଛନ୍ତି ଗାଳ୍ପିକ ।

"ବାଲ୍ମିକୀର ରାମାୟଣ" ନିଛକ ସତ୍ୟ ଘଟଣା ଉପରେ ଆଧାରିତ କଥାବସ୍ତୁ । ଅରୁଣା ରାମଚନ୍ଦ୍ର ସେନେବାଗର ଦୀର୍ଘ ୪୨ ବର୍ଷର ମର୍ମନ୍ତୁଦ କାହାଣୀ ଏକ ଆଇନ୍‌ର ଅସହାୟତାକୁ ଗାଳ୍ପିକ ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି । ଲମ୍ପଟ, କାମାନ୍ଧ ଯୁବକ ମୋହନ୍‌ଲାଲ୍ ବାଲ୍ମିକୀ ଆଇନ୍‌ର ଗଳାବାଟ ଦେଇ କିପରି ଖସିଯାଇଛି ତା'ର ଚିତ୍ର ପ୍ରଦାନ କରିଛନ୍ତି ଗାଳ୍ପିକ । ସହକର୍ମୀ ବନ୍ଧୁମାନଙ୍କର ଦାୟିତ୍ୱବୋଧ, କର୍ତ୍ତବ୍ୟପରାୟଣତା ବେଶ୍ ଉପଭୋଗ୍ୟ ।

'ଶବବାହକମାନେ' ଗଳ୍ପଟି ବର୍ତ୍ତମାନ ଦ୍ରୁତ ଅବକ୍ଷୟମୁଖୀ ସମାଜର ଚିତ୍ର ପ୍ରଦାନ କରୁଛି । ଶବ ସତ୍କାର କରିବା ପାଇଁ ବି ନିଶାପାଣିର ଲାଞ୍ଚ ଦେବାକୁ ପଡ଼ିଛି । ଲାଞ୍ଚ ସର୍ବସ୍ୱ ଦୁନିଆର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି ଏ ଗଳ୍ପ ମାଧ୍ୟମରେ ।

'ମୋହନ ଦାସ' ଆଉ ଏକ ସମସାମୟିକ ଗଳ୍ପ । ଆଜିର ରାଜନୈତିକ ଚିତ୍ର ଉକ୍ତ ଗଳ୍ପ ଜରିଆରେ ପ୍ରତିଫଳିତ ହୋଇଛି । ଅସହାୟ ମୋହନ ଦାସର

Digitized by PPRACHIN, SOA

ପିତା ଜାତିର ପିତା ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କୁ ଆହ୍ୱାନ ଦେଇଛନ୍ତି ଏବର ଶାସକ ଦଳ ବିରୁଦ୍ଧରେ ସାମାନ୍ୟ ୱାର୍ଡ଼ ମେମ୍ବର ପଦବୀ ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ । ତାଙ୍କର ବିଶ୍ୱାସ ଜନ୍ମିଛି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପାଇଁ ପୃଥିବୀର ସବୁ ନେତା ଏକଜୁଟ ହୋଇ ପ୍ରଚାର ଚଳାଇଲେ ମଧ୍ୟ ଶାସକ ଦଳର ପ୍ରାର୍ଥୀଙ୍କ ପାଖରେ ଯେ ତାଙ୍କର ଅମାନତ ହରାଇବେ ଏଥିରେ ସନ୍ଦେହ ନାହିଁ । ଏହା ବର୍ତ୍ତମାନର ଅବକ୍ଷୟମୁଖୀ ସମାଜର ଚିତ୍ର ପ୍ରଦାନ କରୁଛି । ଅର୍ଥ ସର୍ବସ୍ୱ ଦୁନିଆଁରେ ମୂଲ୍ୟବୋଧ, ଜୀବନାଦର୍ଶ ଯେ ମୂଲ୍ୟହୀନ ଏହା ପ୍ରତିପାଦିତ ହୋଇଛି 'ମୋହନ ଦାସ' ଗଳ୍ପ ମାଧ୍ୟମରେ ।

କ୍ଷୁଦ୍ରଗଳ୍ପ ' ଅବ୍ୟକ୍ତ ବକ୍ତବ୍ୟ- ଏକ ବିଚିତ୍ରବର୍ଣ୍ଣାର' ପୂର୍ବରୁ ପାଠକୀୟ ସ୍ୱୀକୃତି ଲାଭ କରିସାରିଛି ।

ସେହିପରି ପ୍ରତୀକାତ୍ମକ ଗଳ୍ପ 'ପାଳଭୂତ', ଡୁଠ ପଥର, ଜଟାୟୁ, ହଡ଼ାବଳଦ, ବାଡ଼, ବତୀଘର, ଥୁଣ୍ଟାଗଛ, ଛାମୁଦାନ୍ତ' ଜରିଆରେ ଗାଳ୍ପିକ ତ୍ୟାଗ ଓ ଭୋଗର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି । ସହିଷ୍ଣୁତା ଏବଂ ଅସହିଷ୍ଣୁତାର ସୁନ୍ଦର ଅବତାରଣା ଉକ୍ତ ଗଳ୍ପ ମାନଙ୍କରେ ବେଶ୍ ଉପଭୋଗ୍ୟ ।

'ଅନ୍ଧ ଦେଶର ଅଇନା ବେପାର' ଏକ ଫର୍ମୁଲା ସମ୍ବଳିତ ବାଣିଜ୍ୟ ସାହିତ୍ୟ । ଗାଳ୍ପିକ ନିଜେ ଜଣେ ବାଣିଜ୍ୟ ବିଭାଗର ଅଧ୍ୟାପକ ଭାବେ ତାଙ୍କର ତେତିଶି ବର୍ଷ ଅଧ୍ୟାପନା ଜୀବନର 'ବିକ୍ରୟ କଳାର ପ୍ରୟୋଗ' ଉକ୍ତ ଗଳ୍ପଟିରେ ଉପସ୍ଥାପନ କରିଛନ୍ତି । ବିଜ୍ଞାନ ସାହିତ୍ୟ ପରି ବୋଧହୁଏ ବାଣିଜ୍ୟ ସାହିତ୍ୟ ଲେଖିବା ପାଇଁ ଗାଳ୍ପିକ ଅଣ୍ଟା ଭିଡ଼ିଛନ୍ତି । ଉକ୍ତ ଗଳ୍ପଟି ନିଶ୍ଚିତ ଭାବେ ଲାଭକ୍ଷତିର ହିସାବ କରୁଥିବା ବ୍ୟବସାୟୀ ବନ୍ଧୁଙ୍କ ପାଇଁ ଉଦ୍ଦିଷ୍ଟ । ଲେଖକ ତଥ୍ୟ ଭିତ୍ତିକ, ଅନୁସନ୍ଧାନ ଭିତ୍ତିକ କବିତା ସୃଷ୍ଟି କରିବାରେ ଜଣେ ଧୂରୀଣ ବିନ୍ଧାଣୀ ମାତ୍ର

Digitized by PPRACHIN, SOA

ପରୀକ୍ଷା ସ୍ୱରୂପ 'ଅନ୍ଧ ଦେଶରେ ଅଇନା ବେପାର' ଗଳ୍ପଟି ପାଠକମାନଙ୍କ ପାଇଁ ଲେଖି ବୋଧେ ତା'ର ପାଠକୀୟ ଆଦୃତି ଏବଂ 'ବାଣିଜ୍ୟ-ସାହିତ୍ୟ' ପ୍ରତି ପାଠକ ଆକୃଷ୍ଟ ହେଉଛନ୍ତି କି ନାହିଁ ତାହା ପରଖିବା ପାଇଁ ଗାଳ୍ପିକଙ୍କର ପ୍ରୟାସ । ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛି ଏହା ପାଠକୀୟ ସ୍ୱୀକୃତି ପାଉ । ନିର୍ଦ୍ଦିଷ୍ଟ ଭାବେ ମୋର ପାଠକମାନଙ୍କୁ ଅନୁରୋଧ 'ଅନ୍ଧ ଦେଶରେ ଅଇନା ବେପାର' ଗଳ୍ପ ପାଇଁ ସେମାନଙ୍କର ମତାମତ ଗାଳ୍ପିକଙ୍କୁ ଜଣାଇଲେ ଅନ୍ତତଃ ଗାଳ୍ପିକ ଏହାର ସାହିତ୍ୟିକ ମୂଲ୍ୟାଙ୍କନ କରିପାରିବେ । ଉକ୍ତ ଗଳ୍ପର ମୂଲ୍ୟ ସୁରକ୍ଷିତ କି ନୁହେଁ ତାହା ଗାଳ୍ପିକ ପାଠକମାନଙ୍କ ମତାମତରୁ ବେଶ୍ ଜାଣିପାରିବେ ।

ଏତିକିରେ ରହୁଛି । ଜଗତର ନାଥ ଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ଗାଳ୍ପିକଙ୍କର ଉତ୍ତରୋତ୍ତର ଶ୍ରୀ ବୃଦ୍ଧି କାମନା କରି ରହୁଛି ।

ଜୟ ଜଗନ୍ନାଥ !

ବିଷୁବ ସଂକ୍ରାନ୍ତି
ସି.ଡି.ଏ. ବିଡ଼ାନାଶୀ,
କଟକ

ଡକ୍ଟର ନଟବର ଶତପଥୀ
ଅବସରପ୍ରାପ୍ତ ପ୍ରଫେସର୍
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରେଭେନ୍ସା ସ୍ୱୟଂଶାସିତ ମହାବିଦ୍ୟାଳୟ
ସଦସ୍ୟ, "ଓଡ଼ିଆ ଭାଷା ଆଇନ୍ କମିଟି"
ଓଡ଼ିଶା ସରକାର , ଭୁବନେଶ୍ୱର

Digitized by PPRACHIN, SOA

ସୃଷ୍ଟି ସମ୍ଭାର

୧.	ବାଲ୍ମିକୀର ରାମାୟଣ	୧
୨.	ଅବ୍ୟକ୍ତ ବକ୍ତବ୍ୟ- ଏକ ବିଚିତ୍ର ବର୍ଣ୍ଣାର	୭
୩.	ଛୁଆମା'	୧୩
୪.	ଜଟାୟୁ	୨୧
୫.	ଅନ୍ଧ ଦେଶରେ ଅଇନା ବେପାର	୨୭
୬.	ମା'ର କଥା :	
	ଦେହକୁ ହିତ-ପାଟିକୁ ପିତା	୩୫
୭.	ଛାମୁଦାନ୍ତ	୪୧
୮.	ମୋହନ ଦାସ	୪୯
୯.	ପାଳଭୂତ	୫୭
୧୦.	ତୁଠ ପଥର	୬୧
୧୧.	ବାଡ଼	୬୫
୧୨.	ଥୁଣ୍ଟା ଗଛ	୭୧
୧୩.	ଶବବାହକମାନେ	୭୭
୧୪.	ବତୀଘର	୮୩
୧୫.	ହଡ଼ା ବଳଦ	୮୯

Digitized by PPRACHIN, SOA

ବାଲ୍ମୀକିର ରାମାୟଣ

(ଏକ ନିଚ୍ଛକ ସତ୍ୟ ଘଟଣାର ଗଳ୍ପ ରୂପ)

ସତେଇଶ ନଭେମ୍ବର ଉଣେଇଶି ଶହ ତେସ୍ତରୀ ମସିହାରୁ ଅଠର ମେ ଦୁଇ ହଜାର ପନ୍ଦର ମସିହା ପର୍ଯ୍ୟନ୍ତ ବୟାଳିଶି ବର୍ଷର ବ୍ୟବଧାନ । ଧର୍ଷିତା ଅରୁଣା ରାମଚନ୍ଦ୍ରଙ୍କର ବୟାଳିଶି ବର୍ଷ କୋମାର ଅନ୍ତଃ ଘଟିଲା । ଜୀବନ ଦୀପ ଲିଭିଗଲା । କଳିଯୁଗର ବାଲ୍ମୀକି ପଚିଶି ବର୍ଷ ବୟସ୍କା ଏକ ତରୁଣୀ ସେବିକାର ସବୁକିଛି ଲୁଟି ନେଇ ଏକ ନୂଆ ରାମାୟଣ ଲେଖିଗଲା ।

ତ୍ରେତୟା ରାମାୟଣର ଅୟମାରମ୍ଭ ହୋଇଥିଲା କ୍ରୁର ନିଷାଦର

Digitized by PPRACHIN, SOA

ଶରାଘାତରେ ଭୂପତିତ କ୍ରୌଞ୍ଚ ଦମ୍ପତିଙ୍କର ଦୃଶ୍ୟପଟରୁ । ମାତ୍ର ଏ ରାମାୟଣର ଅୟମାରମ୍ଭ ହେଲା ଦାନବ ବାଲ୍ମୀକିର ଯୌନ ଆକ୍ରମଣରୁ ।

ଏ ରାମଚନ୍ଦ୍ର ତ୍ରେତୟାର ନୟନାଭିରାମ, ରଘୁକୁଳ ତିଳକ, ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ନୁହଁନ୍ତି । ମାତ୍ର ମର୍ଯ୍ୟାଦା ସମ୍ପନ୍ନ ଏକ ସେବିକା ଅରୁଣା ରାମଚନ୍ଦ୍ର ଶାନ୍ ବାଗ୍ । ଠିକ୍ ଭାବେ ଜୀବନ ଜୀଇଁବା ଆଗରୁ ସବୁକିଛି ଓଲଟପାଲଟ ହୋଇଗଲା, ଆ ପିଛୁଳାକେ । ତାଳ, ବେତାଳ ହୋଇଗଲା । ସୁର, ବେସୁରା ଧରିଲା । ପଚିଶିବର୍ଷ ବୟସ୍କା ତରୁଣୀ ଜୀବନର ରାଗ ରାଗିଣୀ, ଛନ୍ଦ, ଲୟ ସବୁ ଶିଥିଳ ହୋଇଗଲା । କାଳ ଅକାଳ ହେଲା, ସମୟ ଅସମୟ ହେଲା, କର୍ମ ଅକର୍ମ ପାଲଟିଲା, ଧର୍ମ ଅଧର୍ମ ହେଲା । ଜୀବନ ଜୀଇଁବା ବ୍ୟର୍ଥତାର ଏକ ଶୂନ୍ୟ ଗାର ପାଲଟିଗଲା । ତରୁଣୀ ଜୀବନର ଅସୁମାରି ଆଶା ଆକାଂକ୍ଷାରେ ଭଟ୍ଟା ପଡ଼ିଗଲା । ପୁଞ୍ଜା ପୁଞ୍ଜା ସ୍ୱପ୍ନ ସବୁ ଭାଙ୍ଗି ଚୁରମାର୍ ହୋଇଗଲା ।

ଡାକ୍ତର ସ୍ୱାମୀ ନେଇ ଘର ସଂସାର କରିବାର ସ୍ୱପ୍ନରେ ବିଭୋର ତରୁଣୀ ସେବିକା ଅରୁଣା ମୁମ୍ବାଇର ଏଡ଼ୱାର୍ଡ୍ ମେମୋରିଆଲ୍ ହସ୍ପିଟାଲ୍‌ରେ ଓ.ଟି.ରୁ ଡ୍ୟୁଟି ସାରି, ରକ୍ତଛିଟା ପଡ଼ିଥିବା ଗାଉନ୍ ବଦଳାଇବା ପାଇଁ ତଳ ତାଲାର ଡ୍ରେସ୍ ଚେଞ୍ଜ୍ କରୁଥିବାର ସୁଯୋଗ ହାତଛଡ଼ା କରେନାହିଁ ୱାର୍ଡ଼ବୟ ବାଲ୍ମୀକି- ସୋହନ ଲାଲ୍ ବାଲ୍ମୀକି ।। ଆରମ୍ଭ ହୁଏ ତା'ର ବର୍ବରତାର ଲୋମହର୍ଷଣକାରୀ ଦୃଶ୍ୟପଟ । ଅମାନବୀୟ ନାରକୀୟ ଲୀଳା । ଅସହାୟ ଏକ ତରୁଣୀର ଚିତ୍କାର, ନାରୀ ମାଂସ ଲୋଭୀ ଦାନବ ବାଲ୍ମୀକିର ଯୌନ ଆକ୍ରମଣର ନିଷିଦ୍ଧ ଇଲାକାରେ ହଜିଗଲା ।

ବାସ୍ । ସେବେଠୁଁ ଆଜିଯାଏ । କଳିଯୁଗର ରାମଚନ୍ଦ୍ର ଜୀଅନ୍ତା ଶବ

Digitized by PPRACHIN, SOA

ପରି ପଡ଼ି ରହିଲେ ବୟାଳିଶି ବର୍ଷ ଧରି ବେଡ୍ ନମ୍ବର ଚାରିରେ । ତ୍ରେତୟାର ରାମଚନ୍ଦ୍ର ଚଉଦବର୍ଷ ବନବାସ ବିତାଇଥିବା ବେଳେ ଅରୁଣା ରାମଚନ୍ଦ୍ର କିନ୍ତୁ କଳିଯୁଗରେ ତିନି ତିନିଟା ରାମ ବନବାସର ଯାତନା ଭୋଗିଲେ । ସୋହନ ଲାଲ ବାଲ୍ମୀକି । କଳିଯୁଗର ରୁଗ୍ଣ ମାନସିକତା ଆଉ ବର୍ବରତାର ଏକ ପ୍ରତିନିଧି - ଏକ ଅଭିପ୍ତ ଜାତିର ପ୍ରତୀକ, ଏକ ଅଭିଶପ୍ତ ଚରିତ୍ର । ସଂସ୍କୃତି-ସମୃଦ୍ଧ, ଦ୍ରୁତ ବିକଶିତ ଭାରତୀୟ ଜନଜୀବନର କ୍ୟାନ୍‌ସର୍ ସଂକ୍ରମିତ ଏକ ଅନାବଶ୍ୟକ, ଅଦରକାରୀ ଅଙ୍ଗ ଯାହାକୁ ସମୂଳେ ନିପାତ ଅପରିହାର୍ଯ୍ୟ । ଆଜିର ବାଲ୍ମୀକିମାନେ ସମାଜର ମୁଖ୍ୟ ସ୍ରୋତରୁ ଦୂରେଇ ରହୁଥିବା ଅବକ୍ଷୟମୁଖୀ ଏକ ଅଂଶ ବିଶେଷ । ଏମାନେ ପ୍ଲେଗ୍, ଡେଙ୍ଗୁ, ହେପାଟାଇଟିସ୍, ଏଡ୍‌ସ, ସ୍ୱାଇନ୍‌ଫ୍ଲୁ ଭୂତାଣୁ ଠାରୁ ମଧ୍ୟ ଅଧିକ ଭୟଙ୍କର । ଏମାନେ ସମାଜରେ ସବୁଠି ବିଦ୍ୟମାନ । ରାସ୍ତାଘାଟ, ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ସ୍କୁଲ୍, କଲେଜ୍, ସିନେମା ହଲ୍, ପବ୍ଲିକ୍ ପାର୍କ, ସପିଂ ମଲ୍ ସବୁଠି ଏମାନଙ୍କର ଆଧିପତ୍ୟ । ଏଠି, ସେଠି, ସବୁଠି ଏମାନେ ସାଁବାଲୁଆ ପରି ସାଲୁବାଲୁ ହୋଇ ଚଳପ୍ରଚଳ କରନ୍ତି । ଏମାନଙ୍କୁ ଚାରିଖୁଣ ମାଫ୍ । 'ମାତୃଜାତି', 'ମାତୃଶକ୍ତି', 'ମାତୃଭକ୍ତି' ପରି ପବିତ୍ର ଶବ୍ଦ ଏମାନଙ୍କ ଅଭିଧାନରେ ନଥାଏ । ଥାଏ କେବଳ 'ନାରୀ' ଶବ୍ଦଟିଏ ଯାହାର ଅର୍ଥ ସେମାନଙ୍କ ପାଇଁ ଭୋଗ୍ୟ ସାମଗ୍ରୀ ।

ଆଜିର ବାଲ୍ମୀକିମାନେ ଦଣ୍ଡ ପାଆନ୍ତି ନାହିଁ । ଆଇନ୍‌ର ଗଳାବାଟ ସେମାନଙ୍କ ପାଇଁ ଦଣ୍ଡ କୋହଳ କରିଦିଏ । ସେମାନଙ୍କର ସବୁ ଗଡ୍ ଫାଦର୍ ଥାଆନ୍ତି । ଏଇ ଯେପରି ସୋହନ୍ ଲାଲ୍ ବାଲ୍ମୀକିକୁ ଏତେବଡ଼ ଜଘନ୍ୟ ଅପରାଧ ପାଇଁ ଶାସ୍ତି ମିଳିଥିଲା ମାତ୍ର ସାତ ବର୍ଷ ଜେଲ୍ ଦଣ୍ଡ । ଅପରାଧ ତା'ର ବଳାତ୍କାରୀର ବଳାତ୍କାର ପାଇଁ ନୁହେଁ । ଯେହେତୁ ବଳାତ୍କାର/ ଧର୍ଷଣ ସମୟରେ ରାଜସାକ୍ଷୀ (ଆଏ ଉଇଟ୍‌ନେସ୍) କେହି ନଥିଲେ । ସେ ଯେଉଁ ସାତବର୍ଷ

Digitized by PPRACHIN, SOA

ଜେଲ୍‌ଦଣ୍ଡ ଭୋଗିଲା ତାହା କେବଳ କୁକୁରବନ୍ଧା ଲୌହ ଶିକୁଳିରେ ଗଳାରୁଦ୍ଧ କରି ଅରୁଣା ରାମଚନ୍ଦ୍ରର ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ବନ୍ଦ କରିଥିବା ଯୋଗୁଁ । ଅତି ମାମୁଲି ଘଟଣା । ଧନ୍ୟରେ ଆଇନ୍ ! ଧନ୍ୟ ତୋର ଯାଦୁକାରୀ ବିଦ୍ୟା !

ଏଠାରେ ଲେଖକ ବହୁଦିନ ତଳେ 'ସନ୍-ଡେ' ମେଗାଜିନ୍ (ଏମ୍.ଜେ. ଆକବର)ରେ ପ୍ରକାଶିତ ହୋଇଥିବା ଆର୍ନ୍ତଜାତୀୟ ସ୍ତରର ଦୁର୍ଦ୍ଦାନ୍ତ ଅପରାଧୀ ଚାର୍ଲସ ଶୋଭରାଜ କଥା ମନେପକାଇ ଦେବାକୁ ଯୋଗ୍ୟ ମନେକରେ । ପୃଥିବୀର ଭିନ୍ନ ଭିନ୍ନ ଦେଶରେ ସଂଘଟିତ ଯେତେସବୁ ଦୁର୍ଦ୍ଦାନ୍ତ ଅପରାଧ ଚାର୍ଲସ ଶୋଭରାଜ ଘଟାଇ ତତ୍‌କ୍ଷଣାତ୍ ଭାରତକୁ ପ୍ରତ୍ୟାବର୍ତ୍ତନ କରି ଜାଣି ଜାଣି ଦିଲ୍ଲୀ ପୋଲିସ୍ ହାତରେ ଧରା ଦେଇଥାଏ । ତା' ପାଇଁ ଉଦ୍ଦିଷ୍ଟ ତିହାର ଜେଲ୍‌ର ନିର୍ଦ୍ଦିଷ୍ଟ କୋଠରୀ ତାକୁ ସ୍ୱାଗତ କରେ । ସେଠାରେ ଶୋଭରାଜ ମଧୁଚନ୍ଦ୍ରିକା ରଚନା କରେ । ତା' ପାଇଁ ତିହାର ଜେଲ୍ ଅଳକାପୁରୀ ସଦୃଶ । ସେ ସ୍ୱଗତୋକ୍ତି କରେ- 'ଭାରତରେ ଦଣ୍ଡବିଧି ଆଇନ୍ ବହୁତ ସରଳ । ଥାଇଲାଣ୍ଡ୍ ଏବଂ ସ୍କଟ୍‌ଲାଣ୍ଡ୍ ୟାର୍ଡ୍ ପୋଲିସ୍ ଡିଟେକ୍ଟିଭ୍‌ଙ୍କୁ ତାଙ୍କୁ ପ୍ରାଣ ଭୟ ।" ଏପରି ଅପରାଧୀମାନଙ୍କ ପାଇଁ କଠୋରରୁ କଠୋରତମ/ ଦୃଷ୍ଟାନ୍ତମୂଳକ ଦଣ୍ଡ ହେବା ବିଧେୟ । ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ନ୍ୟୁନତମ ଶାସ୍ତି ।

ଅପରେସନ୍ ଥିଏଟର୍‌ରେ ଜୀବନ ରକ୍ଷା କରିବାର ଧାର୍ମିକ ଦାୟିତ୍ୱ ତୁଲାଉ ତୁଲାଉ ନିଜେ ଅଧର୍ମର ଯୂପକାଷ୍ଠରେ ବଳି ପଡ଼ିଗଲେ ଅରୁଣା ରାମଚନ୍ଦ୍ର ଶାନ୍‌ବାଗ । ଦୀର୍ଘଦିନର କୋମାବସ୍ଥା ଯୋଗୁଁ, ଜନ୍ମଦାତା, ଜନ୍ମଦାତ୍ରୀ ଆଉ ପରିବାର ମୁହଁ ଫେରାଇନେଲେ । ମାତ୍ର ସହୃଦୟତାର ହସ୍ତ ପ୍ରସାରିତ ହୋଇ ଆସିଥିଲା ସହକର୍ମୀ ବନ୍ଧୁମାନଙ୍କର । ହସ୍ପିଟାଲ୍ ପ୍ରଶାସନର ଶରବ୍ୟ ହୋଇ ମଧ୍ୟ ସେମାନେ ନିରୁତ୍ସାହିତ ହୋଇନଥିଲେ । ହସ୍ପିଟାଲ୍‌ର ସମସ୍ତ କର୍ମଚାରୀ ଚାକିରି ଚାଲିଯିବାର ଭୟକୁ ଭ୍ରୁକ୍ଷେପ ନକରି ଦୀର୍ଘ ବୟାଳିଶି ବର୍ଷ ଧରି ସେବା

Digitized by PPRACHIN, SOA

ସୁଶ୍ରୁଷା କରିଥିଲେ । ପ୍ରଚଣ୍ଡ ପ୍ରତିବଦ୍ଧତା ଐକ୍ୟ ଆଉ ସହାନୁଭୂତିର ବିରଳ ମାନବୀୟ ମୂଲ୍ୟବୋଧର ଜ୍ୱଳନ୍ତ ଉଦାହରଣ ଏମାନେ । ନରରୁ ନାରାୟଣ ବୋଲି ସେମାନଙ୍କୁ ବିବେଚନା କଲେ ଅତ୍ୟୁକ୍ତି ହେବନାହିଁ ।

ଆଜିର ଦିନରେ ଏଇ ଲେଖକ ସେମାନଙ୍କୁ ସଶ୍ରଦ୍ଧ ପ୍ରଣାମ ଜଣାଉଛି ଆଉ ଭଉଣୀ ଅରୁଣା ରାମଚନ୍ଦ୍ର ଶାନ୍‌ବାଗଙ୍କର ଦିବଂଗତ ଆତ୍ମାର ସଦ୍‌ଗତି କାମନା କରୁଛି ।

Digitized by PPRACHIN, SOA

Digitized by PPRACHIN, SOA

"ଅବ୍ୟକ୍ତ ବକ୍ତବ୍ୟ"- ଏକ ବିଚିତ୍ର ବର୍ଣ୍ଣାର

ଅସୁମାରି ଆଶା ଆଉ ଆଶଙ୍କାର ଢେଉ ଭାଙ୍ଗୁଥିଲା ମେରିଆ ରବର୍ଟ ମନରେ । ସବୁ ଭାବନାର ଅଡୁଆ ସୂତାକୁ ଯଦି ଗୁଡ଼ାଇ ରଖୁଥା'ନ୍ତା କାହିଁ କେତେ ମହଣ ହୋଇ ସାରନ୍ତାଣି । କ'ଣ ବା କରିବ ! ବିଧାତା ତାକୁ ଗଢ଼ିଲା ବେଳେ ବିଚିତ୍ର ବର୍ଣ୍ଣାଟିଏ କରିଛନ୍ତି । ଦେହ ପୁରୁଷର ଆଉ ମନ ନାରୀର । ନା ସେ ପୁରୁଷ, ନା ସେ ନାରୀ । କିନ୍ନର ସେ ।

ହେତୁ ହେଲା ଦିନୁ ନିଜକୁ ସେ ଖୋଜି ପାଇଛି ଇଟା ପଥରରେ ତିଆରି ଏକ ନୂଆଁଣିଆ ଖପରିଲ ଘରେ । ନିଜ ଲୋକ ଭାବେ ଏତେ ବଡ଼

Digitized by PPRACHIN, SOA

ପୃଥିବୀଟାରେ ତା'ର କେହି ନାହିଁ । ଏକମାତ୍ର ଭରସା ସ୍ୱାମୀ ପରିତ୍ୟକ୍ତା ପ୍ରୌଢ଼ା ଜୁଲିଆ ରବର୍ଟ । ଆଦିବାସୀ ବହୁଳ ଏକ ଖ୍ରୀଷ୍ଟିଆନ୍ ବସ୍ତିରେ ସ୍ୱଳ୍ପ ଶିକ୍ଷିତ ଜୁଲିଆ ଜୀବନ ଯନ୍ତ୍ରଣାରେ ଜର୍ଜରିତ ହୋଇ ଦିନ କାଟୁଥିବା ବେଳେ ଗାଁ ମୁଣ୍ଡର ଚର୍ଚ୍ଚ ପାଖରୁ ଗୋଟାଇ ଆଣିଥିଲା 'ମେରିଆକୁ' । ପ୍ରଭୁ ଯୀଶୁଙ୍କର ଉପହାର ଭାବି ନାମ ରଖିଥିଲା ମେରିଆ ରବର୍ଟ ।

ପାଠ ପଢ଼ିବାର ବୟସ ହେବା ବେଳକୁ ମେରିଆ ଘରେ ମା'ଙ୍କ ଠାରୁ ବହୁତ କିଛି ଶିଖି ସାରିଥିଲା । ସମୟ ଦେଖି ମା' ତାକୁ ଗାଁରେ ଥିବା ମିସନ୍ ହାଇସ୍କୁଲ୍‌ର ଫାଦର୍‌ଙ୍କ ପାଖକୁ ନେଇଗଲା । ଫାଦର୍ ଉଭୟ ଚର୍ଚ୍ଚ ଏବଂ ସ୍କୁଲ୍ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଥିବାରୁ ଏବଂ ଫାଦର୍‌ଙ୍କ ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଦେଇପାରିଥିବାରୁ ମେରିଆର ନାମ ଏକାବେଳେ ଉପର କ୍ଲାସ୍‌ରେ ଲେଖାଇଦେଲେ । ସେଦିନ ଜୁଲିଆ ମା'ଙ୍କ ମନ ଖୁସିରେ ଫାଟି ପଡ଼ିଥିଲା । ସ୍ୱାମୀ ସୁଖରୁ ବଞ୍ଚିତ କରି ସନ୍ତାନ ସୁଖ ଦେଇଥିବାରୁ ପ୍ରଭୁ ଯୀଶୁଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲା ଜୁଲିଆ ।

ବିଧିର ବିଚିତ୍ର ବିଧାନ । ଦୁରାରୋଗ୍ୟ ରୋଗରେ ପୀଡ଼ିତ ହେଲେ ଜୁଲିଆ । ଫାଦର୍‌ଙ୍କ ହାତରେ ମେରିଆକୁ ଟେକି ଦେଇ ମା' ତା'ର ଆକାଶର ତାରା ହୋଇଗଲେ । ଶୈଶବ, କୈଶୋର ଅତିକ୍ରମ କରି ଯୌବନରେ ପାଦ ଥାପିଲାଣି ମେରିଆ । ମେରିଆର ଅସମ୍ଭବ ପ୍ରକାର ଶାରୀରିକ ପରିବର୍ତ୍ତନ ଘଟୁଥିବାରୁ ଏବଂ ଚର୍ଚ୍ଚ ତଥା ସ୍କୁଲ୍ ମେନେଜ୍‌ମେଣ୍ଟକୁ ନ ଜଣାଇ ମେରିଆକୁ ଏଡ଼ିମିସନ୍ ନେଇଥିବା ଅପରାଧରେ ଚାକିରିରୁ ବହିଷ୍କୃତ ହେବାକୁ ପଡ଼ିଥିଲା ଫାଦର୍ ଫର୍ଣ୍ଣାଣ୍ଡିଜ୍‌ଙ୍କୁ । ସରକାରଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖି ସ୍କୁଲ୍ କେମ୍ପସ୍ ଛାଡ଼ି ସହର ଅଭିମୁଖେ ମେରିଆକୁ ସାଥିରେ ନେଇ ଆଗେଇଲେ ଫାଦର୍ ।

ସରକାରଙ୍କୁ ଲେଖିଥିବା ଚିଠିରେ ଥିଲା ଜନ ସଚେତନତାର ସ୍ୱର,

Digitized by PPRACHIN, SOA

ଗଣ ବିପ୍ଳବର ସତର୍କତା, ଆଗାମୀ କାଲି ପାଇଁ ଏକ ନୂତନ ସୂର୍ଯ୍ୟୋଦୟର ସଂକେତ । ସମାଜରେ ଚିର ଅବହେଳିତ ଏକ ନିଆରା ବର୍ଗର ମଣିଷ ପାଇଁ କିଛି କରିବାର ଦୃଢ଼ ପ୍ରତିବଦ୍ଧତା । ଶିକ୍ଷାର ଅଧିକାର ସମସ୍ତଙ୍କୁ ମିଳିବା ଉଚିତ୍ । ସେ ପୁଅ ହେଉ, ଝିଅ ହେଉ ଅବା କିନ୍ନର ହେଉ । ସମସ୍ତେ ମାତୃଗର୍ଭରୁ ସୃଷ୍ଟ ଅମୃତର ସନ୍ତାନ । ବେଶ ପୋଷାକ ଆଳରେ ଆଚାର, ବ୍ୟବହାର ଆଳରେ, ଜାତି, ଧର୍ମ, ବର୍ଣ୍ଣ ଏବଂ ବର୍ଗ ଆଳରେ ଶୈଶବର ଶିକ୍ଷାଦାନରୁ ବଞ୍ଚିତ ହେଉଥିବା କୋଟି କୋଟି ପିଲାଙ୍କ ପାଖରେ ଏ ସମାଜ ଉତ୍ତରଦାୟୀ ରହିବ ।

ସମାଜର ଗୁରୁ ଦାୟିତ୍ୱ ହେଉଛି ଶିଶୁର ନିରାପଦ ଶୈଶବ । ପାର୍ଥିବ ଜଗତରେ ଦିବା ରାତ୍ରି ଯେପରି ସତ୍ୟ, ଜନ୍ମ ମୃତ୍ୟୁ, ସୁଖ-ଦୁଃଖ, ଆଲୁଅ-ଅନ୍ଧାର, ହସ-କାନ୍ଦ ମଧ୍ୟ ସେହିପରି ସତ୍ୟ । ଜନ୍ମ ମାତ୍ରକେ ମଣିଷ ପୁଅ ଝିଅ ଭିନ୍ନକ୍ଷମ କିମ୍ଵା କିନ୍ନର ହୋଇଥାଏ । ମାତ୍ର ପାର୍ଥକ୍ୟ ଏତିକି ଯେ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ନାରୀ ଆଉ ପୁରୁଷଙ୍କୁ ଛାଡ଼ିଦେଲେ ଅନ୍ୟ ଏକ ବର୍ଗ ଆପେ ଆପେ ସୃଷ୍ଟି ହୋଇଯାଏ । ସେ ବର୍ଗରେ ଆମ ଭାଷାରେ ସେମାନଙ୍କୁ ହିଞ୍ଜଡ଼ା, ଟ୍ରାନ୍ସଜେଣ୍ଡର୍, ବାଇସେକ୍ସୁଆଲ୍ ଅବା ଟ୍ରାନ୍ସସେକ୍ସୁଆଲ ବୋଲି କହୁ । ଏଥିରେ ସେମାନଙ୍କର ଭୁଲ ରହିଲା କେଉଁଠି ? ହିଁ କେତେ ଯୁଗରୁ ଏମାନଙ୍କର ସୃଷ୍ଟି ।

ଦିନ ଆଉ ରାତିର ସନ୍ଧିକ୍ଷଣରେ ପ୍ରଦୋଷ ଯେପରି କମନୀୟ, ରାତି ଆଉ ଦିନର ସନ୍ଧିକ୍ଷଣରେ ପ୍ରତ୍ୟୁଷ ସେପରି କମନୀୟ । ଦ୍ୟାବ୍ୟା ଆଉ ପୃଥିବୀର ସନ୍ଧିସ୍ଥଳରେ ଦିଗ୍‌ବଳୟ ଯେପରି କମନୀୟ, ପୁରୁଷ ଆଉ ନାରୀର ସନ୍ଧିସ୍ଥଳରେ ସୃଷ୍ଟ କିନ୍ନର ସେପରି କମନୀୟ । ସୃଷ୍ଟି କମନୀୟ । ତେବେ କିନ୍ନରଙ୍କ ପ୍ରତି ଏ ସ୍ୱତନ୍ତ୍ରତା କାହିଁକି ?

ଜୁଲିଆ ମା'ର ଆଦର୍ଶବାଦୀ ତ୍ୟାଗପୂତ ଜୀବନ ଦର୍ଶନରେ ଗଢ଼ା ହୋଇଥିବା ମେରିଆ ରବର୍ଟ ଆଜି କିନ୍ତୁ ଫାଦର୍ ଫର୍ଣ୍ଣାଣ୍ଡିଜ୍‌ଙ୍କ ମାନବବାଦୀ ସମାଜ ଗଠନର ପୁରୋଧା ସାଜିଛି । ସେ ଅନନ୍ୟ ସୁନ୍ଦରୀ । ଅସାଧାରଣ

Digitized by PPRACHIN, SOA

ଭାବେ ବୁଦ୍ଧିମତି, ପ୍ରତ୍ୟୁତ୍ପନ୍ନମତି ଏବଂ ପ୍ରଚଣ୍ଡ ଧୀଶକ୍ତିର ଅଧିକାରିଣୀ ହୋଇଥିବାରୁ ବିଭିନ୍ନ ସଭା ସମିତି ଏବଂ ଧାର୍ମିକ ସଂଗଠନ ପ୍ରଭୃତି ସ୍ଥାନରେ ତା'ର ଉପସ୍ଥାପିତ ଯୁକ୍ତି ସବୁ ଅକାଟ୍ୟ । ପୁରୁଷ ଓ ନାରୀ ପରି ସମାନ ଭାବେ ବଞ୍ଚିବା (Right to equality) ଏବଂ ସସମ୍ମାନେ ବଞ୍ଚିବା (Right to dignity) କିନ୍ନରମାନଙ୍କର ସାମ୍ବିଧାନିକ ଅଧିକାର । 'ଏ ସମାଜ ସମସ୍ତଙ୍କୁ ସମଚକ୍ଷୁରେ ଦେଖୁ ।' – ଯୁକ୍ତି କରେ ମେରିଆ ।

ଉଗ୍ର ଆଧୁନିକତାରେ ମସଗୁଲ୍ ଥିବା ଏ ସମାଜର ଦୃଷ୍ଟଭଙ୍ଗୀ ବଦଳାଇବାରେ ଯେତେବେଳେ ନିଜକୁ ଅସହାୟ ମନେକରେ ମେରିଆ, ତାକୁ ଭାରି ଏକା ଏକା ଲାଗେ । ଅଣନିଃଶ୍ୱାସୀ ହୋଇପଡ଼େ । ନିଃସଙ୍ଗ ମୁହୂର୍ତ୍ତରୁ ନିଜକୁ ମୁକ୍ତ କରିବା ପାଇଁ ମା'ଙ୍କ ଫଟୋଚିତ୍ର ତଳେ ଗୁମ୍ ହୋଇ ବସିପଡ଼େ । ଦୀପଟିଏ ଜାଳିଦିଏ । ଅନ୍ତରାତ୍ମା ତା'ର ବିଳପି ଉଠେ । ସ୍ବଗତୋକ୍ତି କରେ ସେ । "ମା' ପରମ୍ପରାବାଦୀ ଏ ସମାଜର ଦୃଷ୍ଟିଭଙ୍ଗୀ କେବେ ବଦଳିବ ? କିନ୍ନର ସମାଜ ପଣ୍ୟଦ୍ରବ୍ୟ/ ଭୋଗ୍ୟ ସାମଗ୍ରୀ ଭାବେ ବିବେଚିତ ନହୋଇ କେବେ ଏମାନଙ୍କୁ ସ୍ୱତନ୍ତ୍ର/ ସମାନ ପରିଚୟ ମିଳିବ ?

ଅପ୍ରତିଭ ହୋଇ ଉଠିଲା ମେରିଆ । କାନ ମୁଣ୍ଡ ତା'ର ଝାଇଁ ଝାଇଁ ହୋଇଗଲା । ଯଥା ସମ୍ଭବ ନିଜକୁ ସଂଯତ କରିନେଇ ଟି.ଭି.ରେ ଦେଉଥିବା ନ୍ୟୁଜ୍ ଆଇଟମ୍‌ରେ ମନୋନିବେଶ କଲା । ଆରେ ! ଏ କ'ଣ ସେ ଦେଖୁଛି ! କିନ୍ନର ସମାଜ ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା କରୁଛନ୍ତି ଉଦ୍‌ଘୋଷିକା । ଆର୍ଜେଣ୍ଟିନା ସରକାରକାରଙ୍କ ଦ୍ୱାରା ଘୋଷିତ "ସମତା ଭିତ୍ତିକ ଜେଣ୍ଡର୍ ଆଇଡେଣ୍ଟିଟି ଆକ୍ଟ" । ପଡ଼ୋଶୀ ଦେଶ ପାକିସ୍ଥାନ ଦ୍ୱାରା ଘୋଷିତ 'ଅଲଟରନେଟିଭ୍ ସେକ୍ସ/ଜେଣ୍ଡର୍ ଇନ୍ ନ୍ୟାସନାଲ୍ ଆଇଡେଣ୍ଟିଟି କାର୍ଡ୍' ବିଷୟରେ କହୁଛନ୍ତି । ଆମ ଦେଶର ତାମିଲନାଡୁ ଏବଂ କେରଳ ରାଜ୍ୟସରକାରଙ୍କର 'ସମଲିଙ୍ଗୀ ବୋର୍ଡ଼ ଗଠନ' 'ଚାଳିଶି ବର୍ଷ ବୟସରେ

Digitized by PPRACHIN, SOA

ଭତ୍ତା ପ୍ରଦାନ' ଇତ୍ୟାଦି । ସ୍କୁଲ୍ କଲେଜ୍‌ରେ ଏଡ଼ିମିସନ୍, ଟ୍ରେନ୍ ଟିକେଟ୍ ବ୍ୟବସ୍ଥା, ରେସନ୍‌କାର୍ଡ଼, ଭୋଟର ପରିଚୟପତ୍ର ପ୍ରଦାନ ଆଦି ସବୁଥିରେ ମେଲ୍, ଫିମେଲ୍ ଉଭୟ ବର୍ଗଙ୍କ ପାଇଁ ଉଲ୍ଲେଖ ଥିବାରୁ 'ଥାର୍ଡ଼ ଜେଣ୍ଡର୍' ବା 'ଅଦର୍ ଜେଣ୍ଡର୍' ବ୍ୟବସ୍ଥା ପ୍ରଚଳନ ପାଇଁ ତାମିଲନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ ପରି ରାଜ୍ୟଗୁଡ଼ିକ ଅଧିକ ଯତ୍ନବାନ୍ ହେଉଥିବାରୁ ଏହା ଗୌରବର ବିଷୟ ବୋଲି ମଧ୍ୟ ସୂଚନା ଦିଆଯାଉଛି ।

ସର୍ବଶେଷ ସମ୍ବାଦ ଏବଂ ମୁଖ୍ୟ ସମ୍ବାଦ ଭାବେ ସମ୍ବାଦ ପରିବେଷିକା ମାନ୍ୟବର ଭାରତୀୟ ସୁପ୍ରିମ୍‌କୋର୍ଟଙ୍କ ଏକ ଐତିହାସିକ ଗୁରୁତ୍ୱପୂର୍ଣ୍ଣ ରାୟ ଘୋଷଣା କରି ସମଗ୍ର ମାନବ ସମାଜକୁ ହତ ଚକିତ କରିଦେଲେ । ଏପ୍ରିଲ୍ ୧୩ ତାରିଖ ୨୦୧୩ ମସିହା ବିଶ୍ୱ ଇତିହାସର ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କଲା । କିନ୍ନର ବର୍ଗଙ୍କୁ ମିଳିଲା ତୃତୀୟ ବର୍ଗର ମାନ୍ୟତା ।

କ୍ଷୀଣ ହସ ଧାରଟିଏ ଭାସି ଉଠି ପୁଣି ମିଳେଇଗଲା ମେରିଆ ରବର୍ଟଙ୍କ ମୁହଁରେ । ଧିରେ ଧିରେ ମା'ଙ୍କ ଫଟୋଚିତ୍ର ପାଖରୁ ଉଠିଯାଇ ଟି.ଭି. ବନ୍ଦ କରିଦେଲେ । ଅଜାଣତରେ କେଇବୁନ୍ଦା ଲୁହ ଝରିପଡ଼ିଲା ଫଟୋଚିତ୍ର ଉପରେ । ମିସନ୍ ସ୍କୁଲ୍‌ରେ ଟିଚର୍ ପଢ଼ାଉଥିବା ଭାରତୀୟ ସମ୍ବିଧାନ କଥା ମନେପଡ଼ିଲା । "ଭାରତର ସମ୍ବିଧାନ ଲିଖିତ, ସର୍ବବୃହତ୍ ତଥାପି ଅସଂପୂର୍ଣ୍ଣ । ପ୍ରତି ମୁହୂର୍ତ୍ତରେ ସଂଶୋଧନ ଚାଲିଛି । ନୟମ ଗଢ଼ାଯାଉଛି ପୁଣି ଭଙ୍ଗାଯାଉଛି ।" କିନ୍ତୁ ମଣିଷର ମନୋଭାବ, ଦୃଷ୍ଟିଭଙ୍ଗୀ, ଚିନ୍ତାଧାରା, ବିଚାର ଶକ୍ତି ଏବଂ ଆଚାର ବ୍ୟବହାରରେ ସାମାନ୍ୟ ପରିବର୍ତ୍ତନ ହେଉନାହିଁ । କେବେ ବା ହେବ ତାହା କେବଳ ସୃଷ୍ଟି ରହସ୍ୟର ଆଇନ୍ ପ୍ରଣୟନକାରୀ ଖୋଦ୍ ଗଡ୍ ଜାଣନ୍ତି ।

Digitized by PPRACHIN, SOA

Digitized by PPRACHIN, SOA

ଛୁଆମା'

ଦାଣ୍ଡ ଦୁଆର ପାହୁଚ ପାଖେ ମୁଣ୍ଡ ବାଡ଼େଇ କାନ୍ଦୁଛି ମାନି । ଅସଜ୍ଜିତ ଦେହ, ଓଦା ସରସର ଲୁଗାପଟା, ମୁକୁଳା କେଶରାଶିକୁ ସଜାଡୁ ସଜାଡୁ ପଡ଼ିଶା ଘରର ବୁଢ଼ୀମା ତାକୁ କୋଳେଇ ନେଇ କେତେ ବୁଝାଉଛି । ଗାଁ ସାରା ଲୋକ ରୁଣ୍ଡ ହୋଇଗଲେଣି ବଇନ ପଧାନ ଘର ଆଗରେ । ଆହା !, ଚ, ଚୁ ଶବ୍ଦରେ ଫାଟିପଡୁଛି ଗାଁ ଦାଣ୍ଡ, ପିଣ୍ଡାର କାନ୍ଥକୁ ଆଉଜି ନିର୍ବାକ୍ ହୋଇ ବସିରହିଛି ବଇନ ପଧାନ । ଆଖିରୁ ଅମାନିଆ ଲୁହ ଧାର ଅବିରତ ଝରି ଚାଲିଛି । ସତେ ଯେପରି ଖଣ୍ଡେ କଳାମୁଗୁନି ପଥର ଦେହରେ ବର୍ଷା ଛିଟା ପଡ଼ି ପଡ଼ି ଚାଲିଛି ତଳକୁ ତଳକୁ ।

Digitized by PPRACHIN, SOA

ଗମେଇ ନଈର ଉତ୍ତର ପଟେ ନରେନ୍ଦ୍ରପୁର । ମାନିର ବାପଘର ଗାଁ । ସେଇ ଗାଁର ଜଣେ ଜଣାଶୁଣା ଚାଷୀ ଶୁକୁରା ସାମଲର ଗୋଟିଏ ବୋଲି ଝିଅ ମାନି । କେତେ ଦିଅଁ ଦେବତାଙ୍କୁ ମାନସିକ ରଖି ପାଇଥିବାରୁ ବାପା ମା' ତା'ର ନାମ ରଖିଥିଲେ ମାନସୀ । ସାମଲ ପରିବାରର ଆଉ ପିଲାଛୁଆ ନଥିବାରୁ ସେଇ ପୁଅ ସେଇ ଝିଅ । ଭାରି ଗୁଣର ଝିଅ ମାନି । ପୁନେଇ ଚାନ୍ଦ ପରି ଦିନକୁ ଦିନ ଧିରେ ଧିରେ ବଢ଼ିଚାଲିଲା ମାନି । ଶେଷରେ ବାହା ବୟସ ହେବାରୁ ବାର ଆଉ ବାର ପ୍ରସ୍ତାବ ଆସିଲା । ମା'ର ଏକା ଜିଦ୍ ସେ ଭାତ ଥାଳି ଛୁଇଁ ନିୟମ କରିଛି ମାନି ବାପାଙ୍କ ମଇତ୍ର ନଈ ସେପାରି ଗାଁ ବଇନ ପଧାନର ସାନ ଭାଇ କୁନା ସଙ୍ଗେ ମାନିର ବାହାଘର କରିବ ।

କେଡ଼େ ସୁଧାର ପିଲାଟିଏ କୁନା । ଚକ୍ରଧରପୁରର ହୀରା ଖଣ୍ଡିଏ । ବଡ଼ ଭାଇ ବଇନ ପଧାନଙ୍କୁ ଭଗବାନ ପରି ମାନେ । ଗାଁ ସାରା ସମସ୍ତେ କହନ୍ତି ରାମ ଲକ୍ଷ୍ମଣ ଯୋଡ଼ି । କୁନାର ଭାଉଜଙ୍କର ସ୍ୱର୍ଗବାସ ହୋଇଯାଇଥିବାରୁ ପୁତୁରା ମୁନାକୁ ଟିକିଏ ହେଲେ ଅବହେଳା କରେନି କୁନା । ଚାକିରିରୁ ଛୁଟିରେ ଆସିଲେ କିସମ କିସମର ଜିନିଷ ତା' ପାଇଁ ନେଇଆସେ । ଗାଁ ମେଳା ବୁଲିଗଲେ ମୁନାକୁ କାନ୍ଧରେ ବସାଇ ଚାଲିଯାଏ ମେଳାକୁ । ବାଇସ୍କୋପ୍ ଦେଖାଏ । ବେଲୁନ୍ କିଣିଦିଏ । ବମ୍ବେ ଲଡ୍ଡୁ, ଚାଟ୍, ଗୁପ୍‌ଚୁପ୍ ଖୁଆଏ । ମେଳାରୁ ଫେରିଲା ବେଳେ କିନ୍ତୁ ଭାଇଙ୍କ ପାଇଁ ଖଣ୍ଡେ ଦିଖଣ୍ଡ ଭଜନ ଜଣାଣ ବହି ଆଣିଥାଏ ।

ଆଉ ବଇନ ପଧାନ, ତା'ର ଖାତିର କହିଲେ ନସରେ । ଆଖପାଖ ଦଶ ବାରଖଣ୍ଡ ଗାଁର ଜଣେ ଆଦର୍ଶ କୃଷକ । ଶ୍ରୀ ପ୍ରଣାଳୀରେ ଧାନ ଚାଷ କରେ ବୋଲି ସରକାରୀ ବାବୁମାନଙ୍କର ଆଗ ଡାକରା ସେ । ଏଣେ ଭାଇ କୁନାଟା ବି ଫଉଜୀ । ଗମେଇ ନଈର ତ୍ରିକୋଣଭୂମି ଇଲାକାରେ ସ୍ୱାଧୀନତା ଦିବସ ଆଉ ଜନରାଜ୍ୟ ଦିବସରେ ତାଙ୍କରି ଚାଳ ଉପରେ ତ୍ରିରଙ୍ଗା ଝଣ୍ଡା

Digitized by PPRACHIN, SOA

ଫରଫର ହୋଇ ଉଡ଼େ ।

ସେଇ ବଇନ ପଧାନ । ବନ୍ଧୁ ବାନ୍ଧିବ ମଇତ୍ର ଶୁକୁରା ସାମଲ ଘରେ । ଫଗୁଣରେ ମାନି ଆଉ କୁନାର ବାହାଘର । ଗୋଡ଼ ତଳେ ଲାଗୁନି ବଇନ ପଧାନର । ଖୁସିରେ ଛାତି ଫାଟିଯାଉଛି । ଗାଁ ଇଷ୍ଟଦେବୀଙ୍କୁ ନାଲି ଶାଢ଼ୀ, ନାଲି ଚୁଡ଼ି, ନାଲି ସିନ୍ଦୁର ଦେବ ବୋଲି ମାନସିକ ରଖିଛି । ପ୍ରସ୍ତାବ ପଡ଼ିଲା ଦିନରୁ ସବୁ ସଞ୍ଜରେ ସଞ୍ଜ ଦୀପଟିଏ ଜାଳି ଦେଇ ମୁନା ବଉ ଫଟୋ ତଳେ କେତେ କ'ଣ ଗପି ଯାଉଛି । ଜ୍ୟୋତିଷକୁ ଡକାଇ ଶେଷ ଫଗୁଣକୁ ଦିନ ଧରିଛି ।

ସମୟର ଚକ ଘୂରି ଚାଲିଛି । ଶେଷରେ ବହୁ ଆକାଂକ୍ଷିତ ଦିନଟି ଆସିଲା । ଇଲାକା ଯାକର ସମସ୍ତଙ୍କର ପତର ପଡ଼ିଲା ବଇନ ପଧାନ ଘରେ । କି ବାବୁ ଭାୟା, କି କୁଲି ମୂଲିଆ, ବାଟ ଭିକାରୀ ସମସ୍ତଙ୍କୁ ଶଙ୍ଖୋଳିଲା ସେ । ସମସ୍ତଙ୍କ ମୁହଁରେ ଗୋଟିଏ କଥା- ସାକ୍ଷାତ୍ ଲକ୍ଷ୍ମୀ ପରି ବୋହୂଟିଏ ଆଣିଛି ବଇନ ପଧାନ ।

ସୁଖର ଦିନ ସରିଆସିଲା । କୁନାର ବି ଛୁଟି ପୂରିଗଲା । ମାନିକୁ ବହୁତ ପ୍ରକାର ବୁଝାଇ ଶୁଝାଇ, ବହୁ ପ୍ରତିଶ୍ରୁତି ଦେଇ ଚାକିରିକୁ ବାହାରିଲା କୁନା । ଭାଇ କେତେ ଆକଟ କରି କହିଲା । ଗାଁ ଲୋକେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ସମସ୍ତେ ଦେହ ପା' ଜଗି ଚଳିବାକୁ ଉପଦେଶ ଦେଲେ । ସୀମାନ୍ତକୁ ଜଗିଛୁ । ସତର୍କ ପ୍ରହରୀ ସାଜି ଭାରତ ମାତାର ସେବ କରିବୁ । ଆମ ଗାଁର ଟେକ ରଖିବୁ । ଏହା ଥିଲା ବୟସ୍କ ଲୋକମାନଙ୍କର ଉପଦେଶ । ସମସ୍ତଙ୍କୁ ସାନ୍ତ୍ୱନା ଦେଇ, ଦୃଢ଼ ପ୍ରତିଶ୍ରୁତି ଦେଇ ଗାଁ ମାଟି ଆଉ ମା' ଭାଉଜଙ୍କ ଫଟୋ ତଳେ ମୁଣ୍ଡିଆ ମାରି ଗୋଡ଼ କାଢ଼ିଥିଲା କୁନା । ଦୁଆର ବନ୍ଧ ପାଖେ ଅଶ୍ରୁଳ ନୟନରେ ବିଦାୟ ଦେଇଥିଲା ମାନି ଆଉ ମୁନାଟା ମଟର ଗାଡ଼ିରେ ବସି ଦାଦା ସହିତ ଗାଁ ମୁଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଶେଷରେ ପ୍ରାଣ ପ୍ରତୀମ ବଡ଼

Digitized by PPRACHIN, SOA

ଭାଇଙ୍କ ଠାରୁ ବିଦାୟ ନେଲା ବେଳେ ବାଷ୍ପାକୁଳ ନେତ୍ରରେ ଭାଇ ମୁନା ଆଉ ମାନି ତମକୁ ଲାଗିଲେ । ଫଉଜୀ ଜୀବନରେ ଥରେ ଘରୁ ଗୋଡ଼ କାଢ଼ିଲେ ଆଉ କାହା କଥା ମନେ ପଡ଼େନା । କେବଳ ଦେଶ ମାତୃକାର ସୁରକ୍ଷା ଆମ ଜୀବନର ପରମ ବ୍ରତ ହୋଇଯାଏ ।

ହେଲେ ଏତେ ଖୁସି ବୋଧେ ଦଇବ ସହିଲା ନାହିଁ । ମାସ କେଇଟା ନନ ପୂରୁଣୁ ଖବର ଆସିଲା ପାକିସ୍ଥାନ ସୀମାରେ ପୁର ସେକ୍ଟରର କେତେ ପାକିସ୍ଥାନି ବଙ୍କରରୁ ହଠାତ୍ ଗୁଳି ବର୍ଷଣ ହେଲା । ଲାଇନ୍ ଅଫ୍ କଣ୍ଟ୍ରୋଲ୍‌ରେ କାର୍ଯ୍ୟରତ ରାଜସ୍ଥାନ ରେଜିମେଣ୍ଟ ଦାୟିତବରେ ଥାଏ କୁନା ପଧାନ । ରାଜସ୍ଥାନ ରେଜିମେଣ୍ଟରେ ଥିବା ସମସ୍ତ ଫଉଜୀ ପ୍ରାଣ ମୂର୍ଚ୍ଛା ଲଢ଼େଇ କରି ପାକିସ୍ଥାନୀ ସୈନ୍ୟଙ୍କୁ ସମୂଳେ ବିନାଶ କଲେ । କୁନା ପଧାନର ପ୍ରତ୍ୟୁତ୍ପନ୍ନମତିତ୍ୱ ଏବଂ ସମୟୋଚିତ ପଦକ୍ଷେପ ଯୋଗୁଁ ନିଜ ରେଜିମେଣ୍ଟର ବିଶେଷ କିଛି କ୍ଷତି ହୋଇନଥିଲା । ମାତ୍ର ଅଚାନକ ଏକ ଗୁଳି ଚୋଟରେ କୁନା ଟଳି ପଡ଼ିଲା । ମାତୃଭୂମିର ସେବା କରୁ କରୁ ଅମର ଶହୀଦ୍ ପାଲଟିଗଲା ।

ଆଜି କୁନାର ଶବ ଗାଁକୁ ଆସୁଛି । ସାମରିକ ବିଭାଗର ବହୁ ଅଫିସର୍, ଫଉଜୀ ଭାଇ କୁନାର ମାର ଶରୀରରେ ଜାତୀୟ ପତାକା ଆଚ୍ଛାଦିତ କରି ଆସିବା ବାଟରେ ରାଜ୍ୟ ତଥା ଜିଲ୍ଲାର ପ୍ରଶାସନକୁ ଖବର ଦିଆଯାଇଛି । ସାମରିକ ମର୍ଯ୍ୟାଦା ସହ ମୁନାର ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହେବ ତା'ର ପିତୁରୁଷର ଭିଟାମାଟିରେ । ତା'ର ଶେଷ ଅନୁରୋଧ, ଚିତାଗ୍ନି ନିର୍ବାପିତ ହେଲା ପରେ ସମସ୍ତ ଭସ୍ମକୁ ବିଞ୍ଚି ଦିଆଯିବ ନଦୀ ସମୁଦ୍ରରେ । ସାମରିକ ବିଭାଗର ଗାଡ଼ି ଓ ହେଲିକେପ୍ଟର ମଧ୍ୟ ସାଙ୍ଗରେ ଆସିଛି ।

ଗାଁରେ ଖବର ପହଞ୍ଚିବା ପରେ ଚକ୍ରଧରପୁର, ନରେନ୍ଦ୍ରପୁର ଏବଂ ଆଖପାଖ ଶହେ କି ଦୁଇଶହ ଗାଁରୁ ଲୋକ ଧାଇଁଛନ୍ତି କୁନାକୁ ଦେଖିବା ପାଇଁ । ଖବର ଘରେ ପହଞ୍ଚିବା ବେଳଠୁଁ ବାରମ୍ବାର ଚେତା ହରାଉଛି ମାନି । ତା'

Digitized by PPRACHIN, SOA

ମନର ମଣିଷ ଆଜି ଅଫେରା ପଥର ଯାତ୍ରୀ ସାଜିଛି । ମା’ ଆଉ ମାଟିର ମାନ ରଖିବାକୁ ଯାଇ ହସି ହସି ମୃତ୍ୟୁକୁ ଆଦରି ନେଇଛି ତା’ର ପ୍ରିୟ ମଣିଷଟି ।

ଘର ପାଖ ବଡ଼ ପଡ଼ିଆ ଉପରେ ଦୁଇ ତିନିଥର ଚକ୍କର କାଟି ସାମରିକ ବିଭାଗର ହେଲିକେପ୍ଟରଟି ଅବତରଣ କଲା । ଭାରତ ମାତା କି ଜୟ ! କୁନା ପଧାନ ଅମର ରହେ । ବନ୍ଦେ ମାତରମ୍, ଝଣ୍ଡା ଉଚ୍ଚ ରହେଗା ହମାରା ଇତ୍ୟାଦି ସାମରିକ ସ୍ଲୋଗାନ୍‌ରେ ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହେଲା । ହେଲିକେପ୍ଟରରୁ କୁନାର ଶବ ଥିବା ସାମରିକ ବାକ୍ସଟିକୁ ବାହାର କରାଗଲା । ବିଜୟ ବାଦ୍ୟ ବାଜି ଉଠିଲା । ତୋପ ଫୁଟିଲା । ଗାର୍ଡ଼ ଅଫ୍ ଅନର୍ ଦିଆଯାଇ କୁନାର ମର ଶରୀରକୁ ଦାଣ୍ଡରେ ରଖାଗଲା । ସାମରିକ ବାହିନୀର ଜବାନ୍‌ମାନେ କର୍ଡ଼ନ୍ କରି ରହିଲେ । ଫୁଲମାଳରେ ପୋତି ପଡ଼ିଲା କୁନାର ଶରୀର । ଶେଷ ଦର୍ଶନ ପାଇଁ ସମସ୍ତ ଜନସାଧାରଣଙ୍କୁ ସୁଯୋଗ ଦିଆଗଲା ।

ଏପଟେ ଘର ବାଡ଼ିରେ ପିତୃ ପୁରୁଷଙ୍କ ସମାଧି ପାଖରେ କୁନାର ଜୁଇ ସଜା ହେଲା । ଅଗ୍ନି ସଂଯୋଗ ପାଇଁ ମୁନାକୁ ପ୍ରସ୍ତୁତ କରାଗଲା । ମୁନା ଜୁଇରେ ଅଗ୍ନି ସଂଯୋଗ କଲା । କୁନାଙ୍କୁ ସର୍ବଶେଷ ସମ୍ମାନ ତୋପ ସଲାମୀ ଦିଆଗଲା ।

ବଇଦ ପଧାନର ଘର ଛାଡ଼ିବା ପୂର୍ବରୁ ସାମରିକ ବିଭାଗ, ରାଜ୍ୟ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ଅଧିକାରୀମାନେ ଗାଁ ମୁଖିଆ, ବଇଦ ପଧାନ, ମାନି ଏବଂ ମୁନାକୁ ଏକାଠି କରି ଫଟୋ ଉଠାଇଲେ । ପରେ ପରେ ସରକାରୀ କାଗଜପତ୍ର କାମ କରି ମାନିର ଦସ୍ତଖତ, ବଇଦ ପଧାନ ଦସ୍ତଖତ ଏବଂ ମୁନାର ଦସ୍ତଖତ ନେଇ ଏକ ବଡ଼ ପ୍ୟାକେଟ୍ ଏବଂ କୁନାର ଏକ ଫଟୋଚିତ୍ର ପ୍ରଦାନ କଲେ । ମୁନା ମାନିକୁ କୁଣ୍ଢାଇ ଧରି କଇଁ କଇଁ କାନ୍ଦୁଥାଏ । ମାନି ସତେ ଯେପରି ଏକ କାଠ ପିତୁଳା ପାଲଟି ଯାଇଛି । ନିମିଷକେ ମଧ୍ୟରେ କ’ଣ ସବୁ ଘଟିଗଲା ତା’ ମୁଣ୍ଡରେ ପଶୁନଥାଏ ।

Digitized by PPRACHIN, SOA

ପୋଲିସ୍‌ବାବୁମାନେ ସ୍ୟାଲ୍ୟୁଟ୍ ମାରି ଆଗେଇ ଗଲାବେଳେ ମୁନା ଦୌଡ଼ିଯାଇ ସେମାନଙ୍କ ଆଗରେ ବାଟ ଓଗାଳି ଚିତ୍କାର କରୁଥାଏ- "ପୋଲିସ୍ ବାବୁ ମୋ ଦାଦ ତ ମରିଗଲେ, ହେଲେ ତାଙ୍କ ବନ୍ଧୁକଟା ମୋତେ ଦେଇଯାଅ । ମୋ ଦାଦାକୁ ଯିଏ ମାରିଛଛି ତାକୁ ଛାଡ଼ିବି ନାହିଁ । ଗୁଳି କରିଦେବି । ମୁଁ ବି ଦାଦାଙ୍କ ପରି ଫଉଜୀ ହେବି ।" ଅତ୍ୟଧିକ ଉତ୍ତେଜିତ ହୋଇପଡ଼ିବାରୁ ଚେତାଶୂନ୍ୟ ହୋଇପଡ଼ିଲା ମୁନା । ସାମରିକ ବାହିନୀର ଡାକ୍ତରଙ୍କ ଚିକିତ୍ସାରେ ସେ ସୁସ୍ଥ ହେଲା ।

ଆରୋଗ୍ୟ ଲାଭ କଲା ସିନା ହେଲେ ତା' ଛୁଆମା' ଆଖିରୁ ଲୁହର ବୈତରଣୀ ଝରୁଥିବାର ଦେଖି ନିଜକୁ ସଂଯତ କରିପାରିଲା ନାହିଁ ମୁନା । ତା' ଛୁଆମା' ଆଖିରୁ ଲୁହ ପୋଛି ପୋଛି କହିଲା- "ତୁମେଜ କାନ୍ଦନା ଛୁଆମା' । ମୁଁ ଅଛି ତୁମ ପାଖରେ ବାବା ବି ଅଛନ୍ତି । ପୋଲିସ୍ ବାବୁ ଦେଇଥିବା ସେ ବଡ଼ ଫଟୋଟା ମୁଁ ବାବାଙ୍କୁ ଦେଇଛି । ଦେଖ- କେମିତି ନିଠାଇ ଦେଖୁଛନ୍ତି ବାବା ସେ ଫଟୋକୁ । ମୁଁ ସବୁଦିନ ସକାଳେ ଡଲାଏ ଫୁଲ ତୋଳି ଆଣିବି । ତୁମେ ମାଳା ଗୁନ୍ଥି ଦେବ । ଆମେ ଗାଧୋଇ ସାରି ଦାଦାଙ୍କ ବେକରେ ସଜ ଫୁଲମାଳ ଲମ୍ବାଇ ଦେବା । ଦାଦା ସିନା ଶହୀଦ୍ ହୋଇଗଲେ ହେଲେ ମୁଁ ତ ତମର ଗେହ୍ଲା ପୁଅ । ତୁମ ପାଖେ ପାଖେ ଥିବି । ତୁମକୁ ଛାଡ଼ି କୁଆଡ଼େ ଯିବିନି ।"

ବଇନ ପଧାନ ତା' ସାନଭାଇର ଫଟୋକୁ ନିଠାଇ ଦେଖୁଥାଏ । ଭାବୁଥାଏ ସତେ ଯେପରି କୁନା ତା'ର କାନ ପାଖରେ କହୁଛି- "ଭାଇ ମୁଁ ସିନା ତୁମ ପାଖରେ ନାହିଁ ହେଲେ ମୁନା ତ ଅଛି । ମୁନା ତୁମ ପୁଅ ହେଲେ ବି ମୋ ପୁତୁରା । ପୁଅ କିଏ ପୁତୁରା କିଏ । ମାନିର ଖୁସି ପାଇଁ, ଆମ ଘରେ ଖୁସି ବାଣ୍ଟିବା ପାଇଁ ମାନିର ମା' ତାକୁ ବାହା ଦେଇଥିଲେ । ସ୍ୱାମୀ ସିନା ନାହିଁ ହେଲେ ସନ୍ତାନ ତ ଅଛି । ମୁନା ଆମ ଦୁଇ ଭାଇଙ୍କ ପୁଅ । ମା'ର ମମତା ଠାରୁ କ'ଣ ସ୍ୱାମୀର ସୁହାଗ ଏତେ ବଡ଼ ଭାଇ ! ତୁମେ ତ ଦ୍ୱିତୀୟ ବିବାହ

Digitized by PPRACHIN, SOA

ନକରି ମୋ ମୁହଁକୁ ଆଉ ମୁନାକୁ ଚାହିଁ ବଞ୍ଚିଛ ।”

ପ୍ରକୃତିସ୍ଥ ହୋଇ ଉଠିଲା ବଇନ ପଧାନ । ଶୂନ୍ୟରୁ ଖସିପଡ଼ିଲା ଯେପରି । ଗାଁ ଲୋକେ ମାନି ଚାରିପଟେ ଘେରି ରହିଥିଲେ । ଭିଡ଼ ଠେଲି ଭିତରକୁ ପଶିଲା ବଇନ ପଧାନ । ଜୀଅନ୍ତା ଶବଟିଏ ପରି ପଡ଼ି ରହିଥାଏ ମାନି । ତା’ ଦେହରୁ ସବୁ ଜ୍ୟୋତି ଉଭାନ୍ ହୋଇଯାଇଥାଏ । ଶ୍ରୀହୀନ ହୋଇ ଭୂମି ଉପରେ ବଇନ ପଧାନର ଭାଇବୋହୂ ପଡ଼ି ରହିଛି । ମୁନା ତା’ ଉପରେ ମୁଣ୍ଡ ଥୋଇ ଶୋଇ ପଡ଼ି ରହିଛି । ବଇନ ପଧାନର ବଡ଼ଲୋକି ପଣିଆ ଆଜି ମାଟିରେ ଲୋଟୁଛି । ସହି ପାରିଲାନି ବଇନ । ମାନିର ଦେହକୁ ଜୋର୍ କରି ହଲାଇ ଦେଇ ଚିତ୍କାର କଲା– ‘ଧର ମାନି, କୁନାକୁ ଧର । ଏ ଫଟୋରେ ମୋ କୁନା ଯୁଦ୍ଧ ପୋଷାକ ପିନ୍ଧି ଶତ୍ରୁ ସହିତ ଲଢୁଛି ଦେଖ୍ । କିଏ କହିଲା କୁନା ମରିଯାଇଛି ବୋଲି । ଉଠ୍ ଦେଖ୍ । ମୋତେ କେତେ ପାଠ ପଢ଼ାଇ ସାରିଲାଣି । ମୋ କାନ ପାଖରେ ଆସି ପଚାରୁଛି ଭାଇ- ମା’ର ମମତା ବଡ଼ ନା ସ୍ୱାମୀର ସୁହାଗ ? ପୁଅ କିଏ ପୁତୁରା କିଏ ? ସ୍ୱାମୀ ବଡ଼ ନା ସନ୍ତାନ ?”

ବଇନ ପଧାନ ଆଜି ପାଗଳ ହୋଇଯାଇଛି । ତା’ର ଖାନ୍‌ଦାନୀ, ଘରକରଣା, ତା’ ଘରର ଲକ୍ଷ୍ମୀ, ତା’ ଘରର ଭବିଷ୍ୟତ ଆଜି ଦାଣ୍ଡରେ ଲୋଟୁଛି । ଛାତିକୁ ଗରିଲା ପରି ବାଡ଼େଇ ବାଡ଼େଇ କହୁଛି – ଦେଖ ଗାଁ ବାଲାଏ । ଦେଖ ବିଧାତାର ଏ ବିଚିତ୍ର ଲୀଳା । ଗଲା ସନ ବନ୍ୟାରେ ଗାଁ ମୁଣ୍ଡ ନଈବନ୍ଧ ଭାଙ୍ଗିଥିଲା । ଏଇ ବଇନ ପଧାନ ଶହ ଶହ ଲୋକଙ୍କୁ ପାଣିରୁ ଛାଣି ଆଣିଥିଲା । ହେଲେ ତା’ ଛୁଆ ଭାଇଟାକୁ କେହି ରକ୍ଷା କରିପାରିଲେନି ।

ବାବାଙ୍କର ଛାତିଫଟା କରୁଣ ଚିତ୍କାରରେ ମୁନା ଓ ମାନିର ଚେତା ଫେରି ଆସିଥାଏ । ଦେଢ଼ଶୁରର କଥାଗୁଡ଼ା ମାନିର କାନରେ ରହି ରହି ଶୁଭିଯାଉଥାଏ । ମୁନାଟା ବି ଶିକାରୀର ଭୟରେ ମୃଗ ଶାବକ ଭୀତତ୍ରସ୍ତ ହେଲା ପରି ମାନିକୁ କାନ ତରାଟି ଚାହିଁଥାଏ ।

Digitized by PPRACHIN, SOA

ମାନିର ମନ ଭିତରେ ମନ ଆଉ ବିବେକର ଅନ୍ତର୍ଦ୍ୱନ୍ଦ୍ୱ । ବେଦନାରେ ଭାରାକ୍ରାନ୍ତ ହୋଇ ପଡ଼ିଥାଏ ମାନି । ଶୂନ୍ୟ ଆକାଶକୁ ଚାହିଁ ଭାବୁଥାଏ କିଏ ବଡ଼ ? ମା'ର ମମତା ନା ସ୍ୱାମୀର ସୁହାଗ ? କାହାକୁ ଆପଣେଇବ ମାନି ? ତା'ର ସୁହାଗ ସିନ୍ଦୁରକୁ ସ୍ମୃତି କରି ନେଇଯାଇଥିବା କୁନାଙ୍କ ଫଟୋକୁ ତା' ନିଷ୍କପଟ ହୃଦୟ, ନିଷ୍ପାପ ଜୀବନ୍ତ ପ୍ରତିମା ପରି ତା' ଦେହରେ ଜଡ଼େଇ ଯାଇଥିବା ମୁନାକୁ ? ଏଣେ ମୁନାର ଏକ ଜିଦ୍, କୁହ ଛୁଆମା' ବାପାଙ୍କ ପ୍ରଶ୍ନର ଉତ୍ତର ଦିଅ । ମୁଁ କ'ଣ ତୁମର ପୁଅ ନୁହେଁ ? ତୁମେ କ'ଣ ମୋର ଛୁଆ ମା' ନୁହେଁ ? ମାନିର ଦେହ ମୁଣ୍ଡ ଝିମ୍ ଝିମ୍ ହୋଇ ଉଠିଲା । ତଣ୍ଟି ଶୁଖିଗଲା ପରି ଲାଗିଲା । ସେସବୁକୁ ଖାତିର ନକରି ମାନି ଚିତ୍କାର କରି ଉଠିଲା "ହଁ ମୁନା, ତୁ ମୋର ପୁଅ ଆଉ ମୁଁ ତୋର ଛୁଆମା' ।"

କୁନାଙ୍କ ଜୁଇର ଧୂଆଁଧାର ସର୍ପିଳ ଗତିରେ ଅସ୍ତାଚଳଗାମୀ ସୂର୍ଯ୍ୟଦେବତାଙ୍କର ରକ୍ତିମ ଆଭାରେ ହଜି ଯାଉଥାଏ । ଜୁଇରେ ଢଳାଯାଇଥିବା ଗନ୍ଧ ଚନ୍ଦନର ବାସ୍ନା ସଞ୍ଚରି ଯାଉଥାଏ ଅପରାହ୍ନର ଉଦାସୀ ପବନରେ । ଘରମୁହାଁ ଗୋଗୋଷ୍ଠର ଘଣ୍ଟଘାଗୁଡ଼ି ଶବ୍ଦକୁ ଗୋପାଳ ବାଳକର ସ୍ୱର "ଅନ୍ଧର ଲଉଡ଼ି ମୋର ଦରିଦ୍ର ପସରା..." ମୃଦୁମନ୍ଦ ହିଲ୍ଲୋଳରେ ଝଙ୍କୃତ ହୋଇ ଭାସିଯାଉଥାଏ ଦୂରକୁ ଦୂରକୁ । ମମତାସିକ୍ତ ମାତୃ ହୃଦୟର ବାତ୍ସଲ୍ୟ ସଂଗୀତ ସହିତ ତାଳ ଦେଇ ଗାଁ ଦାଣ୍ଡରେ କେନ୍ଦରା ବଜାଇ ଆସୁଥିବା ଯୋଗୀଟା ପି ପଦେ ସ୍ୱର ଧରିଦେଲା-

"ସେହି କାଳଯମ ବଡ଼ ଦୁର୍ଦ୍ଦଣ୍ଡରେ ଗଣନା କରଇ ଦିନ,
ବାଛି ନିଏ କଞ୍ଚା ରଖଇ ପାଚିଲା ଅଟଇ ସୁବୁଦ୍ଧି ହୀନ ।"

Digitized by PPRACHIN, SOA

ଜଟାୟୁ

ତ୍ରେତୟା ଯୁଗର ଜଟାୟୁ ପକ୍ଷୀ । ପ୍ରଭୁ ଶ୍ରୀରାମଙ୍କର ସେବକ । ସୀତା ମାତାଙ୍କୁ ଲଙ୍କେଶ ଚୋରି କରି ନେଇଯାଉଥିବା ବେଳେ ନିଜ ଜୀବନକୁ ବାଜି ଲଗାଇ ଲଢ଼ିଥିଲା ସେ । ହେଲେ ସମ୍ମୁଖ ଯୁଦ୍ଧରେ କ୍ଷତ ବିକ୍ଷତ ଲଙ୍କେଶ ମାୟାବୀ ବିଦ୍ୟା ପ୍ରୟୋଗ କରି ପକ୍ଷ ଛେଦନ କରିଥିଲା ଜଟାୟୁର । ଭୂପତିତ ଜଟାୟୁ ପାଇଁ ହାରାମ ହାରାମ ଉଚ୍ଚାରଣ କରିବା ବ୍ୟତୀତ ଆଉ କିଛି ଚାରା ନଥିଲା । ସୀତାମାତାଙ୍କୁ ଜଙ୍ଗଲରେ ଖୋଜିବା ସମୟରେ ସେବକର ଡାକ ପ୍ରଭୁ ଶ୍ରୀରାମଙ୍କୁ ଶୁଭିଥିଲା । ଭକ୍ତର ଡାକ ବା ଭଗବାନଙ୍କ କାନରେ ନପଡ଼ିବ କେମିତି ? ପ୍ରଭୁ ଶ୍ରୀରାମ ଭ୍ରାତା ଲକ୍ଷ୍ମଣଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଲେ ।

Digitized by PPRACHIN, SOA

ସୀତାମାତାଙ୍କର ଗୋଟି ଗୋଟି ଖବର ପ୍ରଭୁଙ୍କୁ ଜଣାଇ ଜଟାୟୁ ଦେହ ତ୍ୟାଗ କଲା । ଭାବ ବିନୋଦିଆ ପ୍ରଭୁ ଭକ୍ତର ମୃତ୍ୟୁରେ ବ୍ୟଥିତ ହୋଇପଡ଼ିଲେ । ଭାବ ବିହ୍ୱଳ ହୋଇ ଦେହ ମୁଣ୍ଡ ଆଉଁସି ପକାଇଲେ ଜଟାୟୁର । ପ୍ରଭୁଙ୍କ କର ସ୍ପର୍ଶ ପାଇ ଜୀବନ ଫେରିପାଇଲା ଜଟାୟୁ । ସଶରୀରେ ଜଟାୟୁ ବୈକୁଣ୍ଠ ଧାମ ଗମନ କଲା ।

ସେବେଠାରୁ ଆଜିଯାଏ । ତ୍ରେତୟା ଯୁଗରୁ କଳିଯୁଗ ଯାଏ । ବୈକୁଣ୍ଠ ଭୁବନରୁ ଥାଇ ଜଟାୟୁ ମର୍ତ୍ତ୍ୟମଣ୍ଡଳର ଘଟଣାବଳୀର ହିସାବ ରଖିଛି । ପ୍ରଭୁ ଶ୍ରୀରାମଚନ୍ଦ୍ର ତାକୁ ବୈକୁଣ୍ଠରେ ସ୍ଥାନ ଦେଇଛନ୍ତି । ତା'ର ତ ପୁଣି ପ୍ରଭୁଙ୍କ ପ୍ରତି କିଛି କର୍ତ୍ତବ୍ୟ ଅଛି ? ସଚରାଚର ସୃଷ୍ଟିର ପାଳନ କର୍ତ୍ତା ତା'ର ପ୍ରଭୁ । ସୃଷ୍ଟିର ହିସାବ ସିଏ ରଖିବନି ତ ଆଉ କିଏ ରଖିବ ?.

ରଘୁକୁଳ ତିଳକ ପ୍ରଜାନୁରଞ୍ଜନ ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଆଉ ଭରତଙ୍କର ଭ୍ରାତୃପ୍ରେମ, ଭ୍ରାତୃଭକ୍ତି ଯୁଗେ ଯୁଗେ ଯୁଗାନ୍ତକାରୀ ଉଦାହରଣ ହୋଇ ରହିଛି । ତ୍ରେତା, ଦ୍ୱାପର ଓ କଳି ତିନି ଯୁଗରେ ଭ୍ରାତୃଭକ୍ତିର ଏ ଚରମ ନିଦର୍ଶନ ବିରଳ । ଦୀର୍ଘ ଚଉଦବର୍ଷ ଧରି ଉଜାଗର ରହି, ପତ୍ନୀ ସୁଖରୁ ବଞ୍ଚିତ ହୋଇ କୌଣସି ଖାଦ୍ୟ ଗ୍ରହଣ ନକରି ସୀତାମାତା ଓ ପିତୃପ୍ରତୀମ ଅଗ୍ରଜଙ୍କର ଅନୁଗାମୀ ହୋଇ (ଆହର, ନିଦ୍ରା, ମୈଥୁନରୁ ବଞ୍ଚିତ) ଅନୁଜ ଲକ୍ଷ୍ମଣ ଯେଉଁ ପାରିବାରିକ ଆଦର୍ଶ ସୃଷ୍ଟି କରିଯାଇଛନ୍ତିତା'ର ପଟାନ୍ତର ନାହିଁ । ଆଉ ଅନୁଜ ଭରତ ! ଜ୍ୟେଷ୍ଠ ଭ୍ରାତା ଫେରିବା ପର୍ଯ୍ୟନ୍ତ ପ୍ରଭୁଙ୍କ ଶ୍ରୀପାଦୁକା ଦ୍ୱୟକୁ ରାଜ ସିଂହାସନ ଉପରେ ଥୋଇ ରାଜ ସେବକ ଭାବେ ରାଜ୍ୟ ଶାସନର ଯେଉଁ ଜ୍ୱଳନ୍ତ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ତାହା ଯୁଗେ ଯୁଗେ ଅତୁଳନୀୟ ।

ବଡ଼ ଆଶ୍ଚର୍ଯ୍ୟ ଲାଗେ ଜଟାୟୁକୁ । ଲକ୍ଷ ଲକ୍ଷ ବର୍ଷ ବିତିଗଲାଣି । ତିନି ଯୁଗର ଅବସାନ ଘଟି କଳିଯୁଗ ତା'ର ଶୈଶବରେ ପାଦ ଥାପିଲାଣି । କାହିଁ

Digitized by PPRACHIN, SOA

ଏପରି ଘଟଣା ତ ତା' ନଜରକୁ କେଉଁ ଯୁଗରେ ଆସିନାହିଁ । ଉଦାରତା, ମହାନୁଭବତା, ବଚନ ବଦ୍ଧତା, ପବିତ୍ରତାର ମହାକାବ୍ୟ ରାମାୟଣ ଖୋଦ ମହର୍ଷି ବାଲ୍ମିକୀ ରଚନା କରିଛନ୍ତି । ସଂସ୍କାରିତ ହିନ୍ଦୁ ଜନଜୀବନର ତଦାନିନ୍ତନ ପ୍ରେକ୍ଷାପଟ ରାମାୟଣ । ସାମାଜିକ ଦାୟିତ୍ୱବୋଧର ଏ ମହାନ ପରମ୍ପରା ଯୁଗ ପରେ ଯୁଗ ଗଢ଼ିଆସିଛି ।

ପ୍ରଭୁ ଶ୍ରୀରାମଙ୍କ ବରଦାନରୁ ଆଜିଯାଏଁ ପୃଥିବୀବାସୀଙ୍କର ସକଳ କାର୍ଯ୍ୟକଳାପ ନିରୀକ୍ଷଣ କରୁଛି ଜଟାୟୁ । କେତେ ଯେ ରାବଣ ପ୍ରତି ମୁହୂର୍ତ୍ତରେ ଜନ୍ମ ନେଉଛନ୍ତି ତା'ର ସଠିକ୍ ହିସାବ ରଖିବା ଏକ କଷ୍ଟକର ବ୍ୟାପାର ହୋଇପଡ଼ିଲାଣି ତା' ପାଇଁ । ଦ୍ୱାପରରେ କଂସାସୁର, ଚାଣୁର, ଶକଟାସୁର, ବକାସୁର ପରି ରାବଣମାନେ ଜନ୍ମ ନେଇ ତା'ର ପ୍ରଭୁଙ୍କ ହାତରେ ନିଧନ ହୋଇଛନ୍ତି । ମାତ୍ର କଳିକାଳରେ ଯୁଗର ଆରମ୍ଭରୁ ରାବଣର ବଂଶଧରମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । କୋଟି କୋଟି ରାବଣ ସଁବାଳୁଆ ପୋକ ପରି ପୃଥିବୀ ପୃଷ୍ଠରେ ସାଲୁବାଲୁ ହେଉଛନ୍ତି । ମୁଷ୍ଟିମେୟ ଧର୍ମନିଷ୍ଠ ସାଧୁସନ୍ଥଙ୍କୁ ଛାଡ଼ିଦେଲେ ସାଧୁସନ୍ଥଙ୍କ ବେଶ ପୋଷାକରେ ମଧ୍ୟ ରାବଣମାନେ ଆତଯାତ ହେଉଛନ୍ତି । ସେମାନେ ହିମାଳୟ ଗୁମ୍ଫାରେ ତପସ୍ୟାରତ ହୁଅନ୍ତି ନାହିଁ । ବହୁତଳ ପ୍ରାସାଦର ଅଣ୍ଡରଗାଉଣ୍ଡ୍‌ରେ ସେମାନଙ୍କ ପ୍ରାର୍ଥନା ସଭା ଅନୁଷ୍ଠିତ ହେଉଛି । ଶିଷ୍ୟ ତ କେହି ନାହିଁ କେବଳ ଶିଷ୍ୟାଙ୍କ ଗହଣରେ ସେମାନଙ୍କ ଦିନ ବିତୁଛି ।

ସାମାନ୍ୟ ପକ୍ଷୀଟିଏ ହୋଇ ସେଦିନ ସେ ପ୍ରବଳ ପ୍ରତାପୀ ରାବଣର ସାମ୍ନା କରିଥିଲା । ରାବଣର ଭୁଲ ଥିଲା ଏଇଆ ଯେ ନିଜ ଭଉଣୀ ସୁପର୍ଣ୍ଣଖା ପ୍ରତି ପ୍ରଭୁ କରିଥିବା ଅନ୍ୟାୟର ପ୍ରତିଶୋଧ ନେବା ପାଇଁ ଲଙ୍କେଶ ରାବଣ ସୀତାମାତାଙ୍କୁ ପଣବନ୍ଦୀ ଭାବେ ଚୋରେଇ ନେଇଥିଲା । ମାତ୍ର ଆଜିର ରାବଣମାନେ ସ୍ୱଚ୍ଛ ଦିବାଲୋକରେ ଲକ୍ଷ ଲକ୍ଷ ଜନତାଙ୍କ ସାମ୍ନାରେ କୌଣସି କାରଣ ନଥାଇ ମାତୃଜାତିକୁ ଅସମ୍ମାନିତ କରୁଛନ୍ତି । ନାରୀର ନାରୀତ୍ୱ ଆଜି

Digitized by PPRACHIN, SOA

ବିନା କାରଣରେ ଭୂଲୁଣ୍ଠିତ ହେଉଛି । ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ବୋଲାଉଥିବା ମଣିଷ ଏସବୁ ଦୃଶ୍ୟ ନିଜ ଆଖି ସାମ୍ନାରେ ଦେଖି ମଧ୍ୟ ନୀରବ ରହୁଛି । ପ୍ରତିବାଦର ସ୍ୱର ଉଠାଇଲେ ତା'ର ତାଜା ରକ୍ତରେ ମାଟି ମା' ସ୍ନାନ କରୁଛି । ବେଇମାନୀ, ଧପ୍ପାବାଜୀରେ ଚାଲିଛି ଏ କଳିଯୁଗ । ଅନାୟାସରେ ଜଣେ ଜଣକର ତଣ୍ଟି କାଟୁଛି ଠିକ୍ ଛେଳି କିମ୍ବା କୁକୁଡ଼ାର ତଣ୍ଟି କାଟିଲା ପରି । ମଣିଷ ନୀତିଭ୍ରଷ୍ଟ ହୋଇଛି । ସତ୍ୟ, ମିଥ୍ୟା ପ୍ରମାଣିତ ହେଉଛି । ଧର୍ମ ଅଧର୍ମ ପାଖରେ ହାର ମାନୁଛି ।

ଭାବ ପ୍ରବଣ ହୋଇପଡ଼ୁଛି ଜଟାୟୁ । ଏସବୁ ଦେଖିବା ପାଇଁ ପ୍ରଭୁ କ'ଣ ତାକୁ ବୈକୁଣ୍ଠ ଧାମକୁ ପଠାଇଥିଲେ ? ଦୁଷ୍ଟର ବିନାଶ ଆଉ ଶିଷ୍ଟକୁ ସୁରକ୍ଷା ଦେବା ପାଇଁ ପ୍ରଭୁ ଆଉ କେତେବେଳେ ଅବତାରି ପୁରୁଷ ସାଜିବେ ? କଳିଯୁଗ ତ ଆରମ୍ଭ ମାତ୍ର । କେବେ ଶେଷ ହେବ ତାହାର ଠିକ୍ ହିସାବ ତ ତା' ପାଖରେ ନାହିଁ । ତେବେ ପ୍ରଭୁ କ'ଣ ବାରମ୍ବାର ଏ କଳିଯୁଗରେ ଜନ୍ମ ନେବେ ଅବତାରି ପୁରୁଷ ରୂପରେ ? ଜଟାୟୁ ମନରେ ଆଜି ଅସୁମାରି ପ୍ରଶ୍ନ ଉଙ୍କି ମାରୁଛି । ଓର ଉଣ୍ଡି ପ୍ରଭୁଙ୍କୁ ଥରେ ପଚାରି ଦେବକି ପାପର କଳସ ପୂର୍ଣ୍ଣ ହେବାକୁ ଆଉ କେତେ ସମୟ ଲାଗିବ ?

ପ୍ରକୃତିସ୍ଥ ହେଲା ଜଟାୟୁ । ପ୍ରଭୁଙ୍କ ଦୟାରୁ ସେତ ବୈକୁଣ୍ଠରେ ରହି ଦିବ୍ୟଦର୍ଶୀ ପାଲଟିଛି । ତେବେ ଏତେ ସବୁ କଥା ଚିନ୍ତା କରୁଛି କାହିଁକି ? ଦିବ୍ୟଚକ୍ଷୁ ଉନ୍ମିଳିତ ହେଲା ଜଟାୟୁର । ସତ୍ୟଯୁଗ ଆଡ଼େ ନଜର ଦେଲା । ବଳିରାଜାକୁ ବାମନ ଅବତାର ନେଇ ତା'ର ପ୍ରଭୁ ପାତାଳକୁ ଚାପିଥିବାର ଦୃଶ୍ୟ । ନିଘଞ୍ଚ ଅରଣ୍ୟାନି ମଧ୍ୟରେ ସିଂହ ଶାର୍ଦ୍ଦୁଳକୁ ନଡରି କୋମଳମତି ବାଳକ ଧ୍ରୁବଙ୍କର ତପସ୍ୟା, ରାଜକୁମାର ପ୍ରହ୍ଲାଦଙ୍କ ଉପରେ ପିତାଙ୍କର ଅକଥନୀୟ ଅତ୍ୟାଚାର, ନୃସିଂହ ଅବତାର ଗ୍ରହଣ କରି ପ୍ରଭୁ ହିରଣ୍ୟ କଶ୍ୟପକୁ

Digitized by PPRACHIN, SOA

ଜଙ୍ଘରେ ପକାଇ ବକ୍ଷ ବିଦାରଣର ଦୃଶ୍ୟ ଜଳ ଜଳ ହୋଇ ଦୃଶ୍ୟମାନ ହେଲା ଜଟାୟୁଙ୍କୁ । ତ୍ରେତାରେ ତ ସେ ସ୍ୱୟଂ ପ୍ରଭୁଙ୍କ ଲୀଳାର ଏକ ଅଂଶୀଦାର ଥିଲା । ସୀତା ହରଣ, ରାବଣ ମରଣ ସତ୍ୟ ପ୍ରମାଣିତ ହୋଇଛି । ମହାବଳୀ ବାଳୀଙ୍କୁ ମାରି ପ୍ରଭୁ ସୁଗ୍ରୀବଙ୍କୁ ରାଜ ସିଂହାସନରେ ଅଭିଷିକ୍ତ କରାଇଛନ୍ତି । ପୁଣି ବିଭୀଷଣଙ୍କୁ ଅମର ବର ପ୍ରଦାନ ପୂର୍ବକ ଲଙ୍କାର ରାଜା କରାଇଛନ୍ତି । ପ୍ରଭୁଙ୍କର ଗୁଣ କୀର୍ତ୍ତନ ଓ ଶ୍ରବଣ କରିବା ପାଇଁ ପ୍ରିୟ ସେବକ ହନୁମାନଙ୍କୁ ଅମର ବର ପ୍ରଦାନ କରିଛନ୍ତି । ପିତୃହତ୍ୟାର ପ୍ରତିଶୋଧ ପାଇଁ ପ୍ରଭୁ ନିଜେ ବଳୀ ସୁତ ଅଙ୍ଗଦଙ୍କୁ ଦ୍ୱାପରରେ ଜାରାଶବର ହୋଇ ପ୍ରଭୁଙ୍କୁ ତୀର ବିଦ୍ଧ କରି ମାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସତ୍ୟ, ଧର୍ମ, ନ୍ୟାୟର ସ୍ଥାପନା ପାଇଁ ପ୍ରଭୁ ଦ୍ୱାପର ଯୁଗରେ ଗୋଟି ଗୋଟି କରି ସବୁ ପାପୀଙ୍କର ବିନାଶ କରିଛନ୍ତି । ଏପରିକି ନିଜ ପୁତ୍ର ଶାମ୍ବଙ୍କୁ ମଧ୍ୟ ତାଙ୍କ ଅପକର୍ମର ଫଳ ଭୋଗ କରିବାକୁ ପଡ଼ିଛି ଏବଂ ଯଦୁବଂଶ ଧ୍ୱଂସ ହୋଇଛି । ଯୁଗ ଆରମ୍ଭରୁ ହିଂସା, ଦ୍ୱେଷ, ଅନ୍ୟାୟ, ଅତ୍ୟାଚାର ବହୁଗୁଣିତ ହୋଇ ବଢ଼ିଆସିଛି କଳିଯୁଗକୁ । ଜଗନ୍ନାଥ ଦାସକୃତ ଭାଗବତରେ ଲେଖା ଅଛି:

"ତୁ ନାଥ ପରମ ଦୟାଳୁ,
ଦୁଷ୍ଟ ନିବାରି ସନ୍ଥ ପାଳୁ ।"

ଦୁଷ୍ଟଙ୍କର ପ୍ରାଦୁର୍ଭାବ ଦିନକୁ ଦିନ ବହୁମାତ୍ରାରେ ବଢ଼ି ଚାଲିଛି । ମହାଭାରତର ସେ ମହାନ୍ ବାଣୀକୁ ମନେ ପକାଇଲା ଜଟାୟୁ:

"ଯଦାଯଦାହ ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍

Digitized by PPRACHIN, SOA

ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।"

ପ୍ରଭୁଙ୍କର ଏ ବାଣୀ କେବେ ଅନ୍ୟଥା ହୋଇନାହିଁ । କଳିଯୁଗରେ ମଧ୍ୟ ଅନ୍ୟଥା ହୋଇନାହିଁ । ପାପର ବିନାଶ ହେବ । ଧର୍ମର ସ୍ଥାପନା ମଧ୍ୟ ହେବ । ଯୁଗେ ଯୁଗେ ଏହା ଘଟି ଆସିଛି । କଲ୍‌କୀ ଅବତାର ପ୍ରଭୁ ଗ୍ରହଣ କରିବେ । କଳା ଘୋଡ଼ାରେ ବସି ବାରହାତ ଖଣ୍ଡା ଧରି ଦୁଷ୍ଟଙ୍କର ବିନାଶ କରିବେ ।

ପୁଣି ଜନ୍ମ ନେବ ଏକ ନୂଆ ସମ୍ଭାବନା । ପୁଣି ଦୁନିଆଁ ଦେଖିବ ଏକ ନୂତନ ସକାଳର ନୂତନ ସୂର୍ଯ୍ୟାଲୋକ । ନୂଆ ଆଶା । ନୂଆ ଉନ୍ମାଦନା, ନୂଆ ବିଶ୍ୱାସର ସୁନେଲି କିରଣ ବିଞ୍ଚିଦେଇ ସପ୍ତାଶ୍ୱ ରଥ ବାହନ ସୂର୍ଯ୍ୟଦେବ ପୂର୍ବ ଦିଗ୍‌ବଳୟକୁ ଆଲୋକିତ କରି ଉଦ୍‌ଭାଷିତ ହେବେ । ମାଟି ବୈକୁଣ୍ଠ ପାଲଟି ଯିବ । ସେଦିନ ମୁଁ ଜଟାୟୁ, ଭିକ୍ଷା ମାଗିବି ମୋ ପ୍ରଭୁଙ୍କୁ, ପୃଥିବୀକୁ ଆଉଥରେ ଫେରିଯିବା ପାଇଁ । ପୁଣି ମୋ ପ୍ରଭୁଙ୍କୁ ଅପେକ୍ଷା କରିବି ଯୁଗଯୁଗ ଧରି ।

Digitized by PPRACHIN, SOA

ଅନ୍ଧ ଦେଶରେ ଅଇନା ବେପାର

ବ୍ୟବସାୟ ପାଠରେ ଲେଖାଅଛି ଉତ୍ପାଦନ ଓ ଆବଣ୍ଟନ ବାଣିଜ୍ୟ ବ୍ୟବସାୟର ଦୁଇ ପ୍ରମୁଖ କାର୍ଯ୍ୟ । ଉତ୍ପାଦିତ ସାମଗ୍ରୀ ବା ସେବା ଯଦି ଠିକ୍ ଭାବେ ଆବଣ୍ଟନ ହୋଇନପାରେ ତେବେ ମୂଳପୁଞ୍ଜି ବା ମୂଳଧନକୁ ବିପଦ । ପୁନଶ୍ଚ ଉତ୍ପାଦି ସାମଗ୍ରୀ/ ସେବା ଗଚ୍ଛିତ ଅବସ୍ଥାରେ ରହିଗଲେ ପୁଣି ପରିଚାଳନା ଜନିତ ସମସ୍ୟା ଦେଖାଦେବା ସ୍ୱାଭାବିକ । ତେଣୁ ସମସ୍ୟାରେ ଛନ୍ଦିହେବା ଅପେକ୍ଷା ଆବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିଲେ ବ୍ୟବସାୟରେ ବୃଦ୍ଧି ଘଟିବା ସୁନିଶ୍ଚିତ । କଥାରେ ଅଛି ଉତ୍ପାଦିତ ସାମଗ୍ରୀ କେବଳ ଆବଶ୍ୟକତା ଅନୁଯାୟୀ ସହରାଞ୍ଚଳ ବା ଗ୍ରାମାଞ୍ଚଳ ମଧ୍ୟରେ ଖାଉଟିଙ୍କ ପାଖରେ ପହଞ୍ଚିଗଲେ

Digitized by PPRACHIN, SOA

ଯେ ସମସ୍ୟାର ସମାଧାନ ହୋଇଗଲା ବା ବାଣିଜ୍ୟର ଦ୍ରୁତ ବିକାଶ ଘଟିଲା ତାହା ଦୃଢ଼ ନିଶ୍ଚିତ ନୁହେଁ । ଦ୍ୱୀପାନ୍ତର ହୋଇ ନିର୍ବାସନ ଦଣ୍ଡ ଭୋଗୁଥିବା ମଣିଷ ବି ଜଣେ ଖାଉଟି । ଘଞ୍ଚ ଅରଣ୍ୟାନୀ ମଧ୍ୟରେ ବାସ କରୁଥିବା ମଣିଷଟି ମଧ୍ୟ ଜଣେ ଖାଉଟି । ଗଭୀର ସମୁଦ୍ର ମଧ୍ୟରେ ଘର କରି ବାସ କରୁଥିବା ବ୍ୟକ୍ତି ଜଣକ ମଧ୍ୟ ଜଣେ ଖାଉଟି । ସର୍ବୋପରି ସାହାରା ଓ ଥର୍ ମରୁଭୂମିର ବିସ୍ତୀର୍ଣ୍ଣ ରାଶି ରାଶି ବାଲୁକା ପ୍ରାନ୍ତରରେ ଘର କରି ରହୁଥିବା ବ୍ୟକ୍ତି ଜଣକ ମଧ୍ୟ ଜଣେ ଖାଉଟି । ଉତ୍ପାଦିତ ସାମଗ୍ରୀ/ ସେବା ଯଦି ଏମାନଙ୍କ ପାଖରେ ପହଞ୍ଚି ନପାରିଲା ତେବେ ବ୍ୟବସାୟ ସ୍ୱୟଂ ସଂପୂର୍ଣ୍ଣ ନୁହେଁ ।

ବ୍ୟବସାୟର ଆଉ ଏକ ଦିଗ ହେଲା ବଜାର ବିଶ୍ଳେଷଣ, ବଜାର ଆକଳନ କରିବା ଏବଂ ଉକ୍ତ ବଜାରର ଆଗାମୀ ଦିନର ସ୍ଥିତି ମଧ୍ୟ ଅନୁଧ୍ୟାନ କରିବା ଏବଂ ବଜାରକୁ ନିଜ ଅକ୍ତିଆରକୁ ଆଣିବା ।

ଏହି ମାନସିକତା ନେଇ ସ୍ୱଳ୍ପ ଶିକ୍ଷିତ ଯୁବକ ଅଭିଳାଷ ଆଜି ଅଣ୍ଟା ଭିଡ଼ିଛି । ସବୁଦିନେ ସକାଳୁ ଉଠି ଖବର କାଗଜ ପଢ଼ିବା ତା'ର ଏକ ନିତିଦିନିଆ ଅଭ୍ୟାସ ଖୁବ୍ ଛୋଟବେଳୁଁ । ଗଣିତ ଓ ବିଜ୍ଞାନରେ ଭଲ ଦକ୍ଷତା ନଥିଲା ବୋଲି ବାରମ୍ବାର ଫେଲ୍ ହେବାରୁ ଯୁକ୍ତ ଦୁଇ ପାଠ ପଢ଼ାରୁ ଆଉ ଆଗକୁ ଯାଇପାରିଲା ନାହିଁ । ହେଲେ ଇଂରାଜୀ ଭାଷ ଓ ମାତୃଭାଷା ଓଡ଼ିଆ ଓ ରାଷ୍ଟ୍ରଭାଷା ହିନ୍ଦୀ ସେ ପ୍ରାଞ୍ଜଳ କହିପାରେ ଏବଂ ବୁଝାଇପାରେ । ଲୋକଙ୍କୁ ଯେକୌଣସି ବିଷୟରେ ବୁଝାଇ ଜଟିଳ ସମସ୍ୟା ସବୁର ସରଳ ସମାଧାନ କରିଦିଏ ଅଭିଳାଷ । ଆଜିର ଆତ୍ମପ୍ରଚାର ସର୍ବସ୍ୱ ଦୁନିଆଁରେ ତିଷ୍ଠି ରହିବାକୁ ହେଲେ 'ଡାର୍‌ଉଇନ୍'ଙ୍କର 'ଯୋର୍ ଯା'ର ମୂଳକ ତା'ର' ତଥ୍ୟ ଯେ ଅନାବଶ୍ୟକ ଏବଂ ବିଦ୍ୟା ବୁଦ୍ଧି ବଳରେ ସବୁକିଛି ସମ୍ଭବ ତାହା ବେଶ୍ ବୁଝିପାରିଛି ଅଭିଳାଷ । ପ୍ରଚାର ସଂସ୍ଥା (ଏଡ୍ ଏଜେନ୍ସି)ରେ କିଛି ପଇସା ଖର୍ଚ୍ଚ କଲେ ଆପେ ଆପେ ବିକ୍ରି ଲବ୍ଧ ଅର୍ଥ ଯେ ଶତଗୁଣ ବଢ଼ିଯିବ ସେ କଥା ଟି.ଭି. ଏବଂ

Digitized by PPRACHIN, SOA

ଖବରକାଗଜମାନଙ୍କରୁ ଜାଣିଛି । ଅଭିଳାଷ ମୁଣ୍ଡରେ ଏବେ କିନ୍ତୁ ଏକ ନୂଆ ଚିନ୍ତାଧାରା ଢୁକିଛି । ଅସମ୍ଭବକୁ ସମ୍ଭବ କଲାଭଳି କିଛି ବ୍ୟକ୍ତି ବିଶେଷଙ୍କୁ ସେ ନିଜର ଆଦର୍ଶ ବୋଲି ଭାବିଛି । ନୂଆ କିଛି ଗୋଟାଏ ସେ କରିବ ! 'ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ' ମନ୍ତ୍ରରେ ନିଜକୁ ଦୀକ୍ଷିତ କରିଛି ! ଏଇ ଧରନ୍ତୁ ମୁମ୍ବାଇର ହୀରା ବ୍ୟବସାୟୀ (ସେଠ୍) ସଞ୍ଜିବ ମେହେଟ୍ଟାଙ୍କର "ଇଷ୍ଟ ଇଣ୍ଡିଆ" କମ୍ପାନୀ କିଣିବା ଅବା ମାତ୍ର ତୃତୀୟ ଶ୍ରେଣୀ ପାଠ ପଢ଼ି ସାମାନ୍ୟ ଜଣେ ମୋଟର ଗ୍ୟାରେଜ୍‌ରେ କାମ କରୁଥିବା ମେକାନିକ୍ ଗମନା ଗମନ ପାଇଁ କୌଣସି ସୁବିଧା ନଥିବା ତା' ଗାଁର ଅଗମ୍ୟ ଅଞ୍ଚଳକୁ ଛୋଟ ହେଲିକେପ୍ଟର୍‌ଟିଏ (ଲୁହା ପାତିଆ ଓ କେତୋଟି ମଟର ଯନ୍ତ୍ରାଂଶକୁ ନେଇ) ତିଆରି କରିବା ବିସ୍ମୟକର ହେଲେ ବି ଏହା ଯେ ସମ୍ଭବ ତାହା ପ୍ରମାଣିତ କରିସାରିବା ପରେ ଅଭିଳାଷ ଅତିମାତ୍ରାରେ ଆଶାବାଦୀ ହୋଇ ପଡ଼ିଛି । ସେବି ନୂଆ କରି କିଛି ଦେଖାଇବ । ନୂଆ ଇତିହାସ ସେ ସୃଷ୍ଟି କରିବ । ଯାହା ଆଗାମୀ ବହୁଦିନ ପର୍ଯ୍ୟନ୍ତ ଏକ ମାଇଲ୍ ଖୁଣ୍ଟ ଅବା ସ୍ମୃତି ସ୍ତମ୍ଭର ମାନ୍ୟତା ପାଇବ ! ଦିଲ୍ଲୀର ଲୌହ ସ୍ତମ୍ଭ ପରି କଳଙ୍କହୀନ ହେବ ସେ ସ୍ତମ୍ଭ । ଆଗାମୀ ପିଢ଼ି ପାଇଁ ଦିଗବାରେଣୀ ସାଜିବ ସେ ।

ଚାରିଶ ପଚିଶି କୋଟି ଭାରତୀୟଙ୍କ ପରି ବିରଳ ମାନବ ସମ୍ବଳ ବିଶ୍ୱରେ କେଉଁଠି ପରିଲକ୍ଷିତ ହୁଏ ନାହିଁ । ଏହି ମାନବ ସମ୍ବଳର ସାହାଯ୍ୟ ବହୁ ବିତ୍ତଶାଳୀ ରାଷ୍ଟ୍ର ଆବଶ୍ୟକ କରିଥା'ନ୍ତି । ବିଶେଷ କରି ମଧ୍ୟ ପ୍ରାଚ୍ୟ ରାଷ୍ଟ୍ର ସମୂହ । ଅଭିଳାଷ କିନ୍ତୁ ମାନବ ସମ୍ବଳ ଚାଲାଣ କରିବ ନାହିଁ । ମାନବର ପ୍ରକୃତ ସମ୍ବଳ ତା'ର 'ଭେଜା'ର ଉପଯୁକ୍ତ ବିନିଯୋଗ କରିବ । ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସାହାଯ୍ୟ ନେବ । ପୂର୍ବ ଓ ପଶ୍ଚିମର ମିଳନ ଯେ ସମ୍ଭବ ନୁହେଁ ଏ ପ୍ରକାର ତଥ୍ୟକୁ ଆଜି ଇଣ୍ଟରନେଟ୍ ଭୁଲ ପ୍ରମାଣିତ କରି ସାରିଛି ! ସମଗ୍ର ବିଶ୍ୱ ଏକ 'ବନ୍‌ସାଇ ବିଶ୍ୱ'ରେ ପରିଣତ ହୋଇଛି । ବିଜ୍ଞାନର ଏହି ଯୁଗାନ୍ତକାରୀ

Digitized by PPRACHIN, SOA

ବିସ୍ମୟର ଫାଇଦା ଉଠାଇ ବିଶ୍ୱରେ ବସ୍ମୟ ସୃଷ୍ଟି କରିବ ଅଭିଳାଷ । ଶୂନ୍ୟରୁ ସୃଷ୍ଟି କରିବ ବିସ୍ମୟକର ଯାଦୁଗର ପରି ଇନ୍ଦ୍ରଜାଲ । ଯେଉଁ ଜାଲରେ ଛନ୍ଦି ହୋଇଯିବେ କାହିଁ କେତେ ମଣିଷ । ଅନନ୍ୟ ଉପାୟ ହୋଇ କିଛି ନବୁଝି ନ ଶୁଝି ଫୋପାଡ଼ିବେ ବିଡ଼ା ବିଡ଼ା ନୋଟ୍ ।

'ଅସୂର୍ଯ୍ୟ ଉପନିବେଶ' ଇଲାକାରେ ଜ୍ଞାନ ବିଜ୍ଞାନର ସୂର୍ଯ୍ୟୋଦୟ ସୃଷ୍ଟିକରିବ ଅଭିଳାଷ । ଯେଉଁଠି ବଜାର ନଥିବ ସେଠି ନୂଆ ବଜାର ସୃଷ୍ଟି କରିବ । ପୁରୁଣା ବଜାରରେ ନୂଆ ନୂଆ ସାମଗ୍ରୀ/ ସେବା ଉପଲବ୍ଧ କରାଇବ । ବିକ୍ରୟ କଳାର ସବୁତକ ସୂତ୍ର ପ୍ରୟୋଗ କରି ଖାଉଟିଙ୍କ ଉପରେ ରାଜ କରିବ ସେ । ତା'ର ମନୋ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଯେ ସମସ୍ତଙ୍କୁ ଚକିତ କରିବ ସେ ଭରସା ତା'ର ନିଜ ଉପରେ ଅଛି । ଆଗାମୀ ଦିନ, ଆଗାମୀ ପିଢ଼ି ପାଇଁ ତା'ର ବୈପ୍ଳବିକ ଚିନ୍ତାଧାରାରେ ସାମିଲ ହେବେ କୋଟି କୋଟି ମଣିଷ । ସାଧୁ ଏବଂ ସଚ୍ଚୋଟ ଉପାୟରେ କିପରି ସୁନ୍ଦର ଜୀବନ ଜୀଇଁ ହେବ ତା'ର ମନ୍ତ୍ର ମଧ୍ୟ ଶିଖାଇବ ଦେଶବାସୀଙ୍କୁ ଅଭିଳାଷ । ଯେଉଁଥି ପାଇଁ ବିଶ୍ୱର ବହୁ ଧନୀକ ଶ୍ରେଣୀର ବହୁ ବିଦ୍ୱାନ୍ ଯୁବକ ତା'ର ପଟ୍ଟଶିଷ୍ୟ ବନିଯିବେ । କୋଟି କୋଟି ଟଙ୍କା ପାଖରେ ଥାଇ ଯଦି ଗୋଟିଏ ଟଙ୍କାର ଶାନ୍ତି, ପ୍ରେମ ଶ୍ରଦ୍ଧା ମଣିଷ ଜୀବନରେ ନମିଳେ ତେବେ ଜୀବନଟା ଅସାର ହୋଇଯିବ । ବ୍ୟର୍ଥ ହୋଇଯିବ ଦୁର୍ଲ୍ଲଭ ମାନବ ଜନ୍ମ । ସେଥିପାଇଁ ତ 'ଫୋର୍ଡ଼କାର' କମ୍ପାନୀର ପିଲା ସାରା ବିଶ୍ୱରେ ବୁଲୁଛି ଶାନ୍ତି ଟିକିଏ ପାଇବା ପାଇଁ । ଜୀବନରେ ସବୁକିଛି ହାସଲ କରି ସାରିଲା ପରେ ସେ ଶାନ୍ତିର ସଂଧାନରେ ଯାତ୍ରୀ ସାଜିଲେ ।

ପଛକୁ ପାହୁଣ୍ଡ ନଫେରାଇ ଆଗକୁ ଆଗକୁ ମାଡ଼ି ଚାଲିଛନ୍ତି ବିଶିଷ୍ଟ ଶିଳ୍ପପତି ଅଭିଳାଷ ଚୌଧୁରୀ । ଆଜି ବ୍ୟବସାୟ ସାମ୍ରାଜ୍ୟ ତାଙ୍କର ପୃଥିବୀର ସବୁ ଦେଶରେ କାୟା ବିସ୍ତାର କରିସାରିଛି । ଯେଉଁଠି ସେ ହାତ ଲଗାଉଛନ୍ତି ସେ ସବୁ ସୁନା ପାଲଟି ଯାଉଛି ।

Digitized by PPRACHIN, SOA

ହେଲେ କିଛିଦିନ ହେବ ସେ ନିଜକୁ ଏକୁଟିଆ ରଖିବାକୁ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି । କିନ୍ତୁ ତାହା ସମ୍ଭବ ହୋଇପାରୁନାହିଁ । ପୃଥିବୀର ପ୍ରଥମ ଦଶଜଣ ବିତ୍ତଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ସେ ସ୍ଥାନିତ ହୋଇସାରିଛନ୍ତି । ତେବେ କେଉଁଥିପାଇଁ ସେ ଏକ ନିରୋଳା ମୁହୂର୍ତ୍ତର ଅପେକ୍ଷାରେ ? ଦୀର୍ଘ ଦିନରୁ ସ୍ଥିର କରିସାରିଥିବା ପ୍ରୋଜେକ୍ଟଟିକୁ କିପରି ରୂପ ଦେବେ ଏବଂ ତା'ର ପରିଣାମ କ'ଣ ହେବ ସେଥିପାଇଁ ସେ ବେଳେ ବେଳେ ଅସ୍ୱସ୍ତିକର ବୋଧ କରନ୍ତି । ତାଙ୍କର କିଛି ନିରୋଳା ମୁହୂର୍ତ୍ତର ଆବଶ୍ୟକତା ଯେ ଅପରିହାର୍ଯ୍ୟ ଏବଂ ତାହା କିପରି ମିଳିବ ସେ ବିଷୟ ବାରମ୍ବାର ତାଙ୍କୁ ଅସହାୟ କରିଦେଉଛି । ଯେଉଁ ସମୟ ତାଙ୍କ ନିଃସଙ୍ଗ ମୁହୂର୍ତ୍ତର ଚିର ସାଥୀ ଥିଲା ସେ ସମୟକୁ ଟିକିଏ ବି ତର ମିଳୁନି ତାଙ୍କ କଥା ବୁଝିବା ପାଇଁ ।

ବ୍ୟବସାୟ ସମ୍ବନ୍ଧୀୟ ବହୁ କାର୍ଯ୍ୟରେ ସେ ବହୁ ଦେଶ ଭ୍ରମଣ କରିଛନ୍ତି । ବହୁ ସଂଘର୍ଷ ମଧ କରିଛନ୍ତି ବଜାର ସୃଷ୍ଟି କରି ପୁଣି ବଜାରକୁ କବ୍ଜା କରିବା ପାଇଁ । ତାଙ୍କ ନଜରକୁ ଆସିଥିଲା ଏକ ଦେଶ ଯେଉଁ ଦେଶର ସବୁ ମଣିଷମାନେ ଅନ୍ଧ । ତାହା ପୁଣି ପୁରୁଷ ପୁରୁଷ ଧରି । ମାତ୍ର ସେମାନଙ୍କର ସବୁ କାମ ଠିକ୍‌ଠାକ୍ ଚାଲିଥିଲା । ସେମାନେ ସାଧାରଣ ମଣିଷଙ୍କ ପରି ରୁଟିନ୍‌ବନ୍ଧା ଜୀବନ ଯାପନ କରୁଥିଲେ । ଶୂନ୍ୟରୁ ଖସିପଡ଼ିଲା ପରି ଲାଗିଥିଲା ସେଦିନ ଅଭିଳାଷ ଚୌଧୁରୀଙ୍କୁ । ଅତି ସାବଧାନତାର ସହିତ ବଜାର ଆକଳନ କରିଥିଲେ ସେ । ଏମିତି ଏକ ଦେଶରେ ଏମିତି ଏକ ବଜାର ଅଛି ତାହା କଳ୍ପନାରେ ସୁଦ୍ଧା ଭାବି ନଥିଲେ ଅଭିଳାଷ । ବଜାରରେ ସବୁ ଜିନିଷ ଉପଲବ୍ଧ ଥିଲା । ମାତ୍ର ଗୋଟିଏ ଜିନିଷର ଅଭାବ ଥିଲା । ତାହା ହେଲା ଦର୍ପଣ । ଶୁଖିଲା ହସଟିଏ ଅଭିଳାଷଙ୍କର ମୁଖମଣ୍ଡଳରେ ଉଙ୍କିମାରି ପୁଣି ମିଳେଇଗଲା । 'ଅନ୍ଧ ଦେଶରେ ପୁଣି ଦର୍ପଣ ବିକା' ଏ କେଉଁ କଥା ! ଦର୍ପଣ ବିକିଲେ ଲୋକେ କ'ଣ ତାଙ୍କୁ କହିବେ ? "ବିଜିନେସ୍ ଟାଇକୁନ୍ ଅଭିଳାଷ ଚୌଧୁରୀଟା ପଇସା

Digitized by PPRACHIN, SOA

ଦେଖି ଦେଖି ପାଗଳ ହୋଇଗଲାଣି" କହି ହସିବେ । ଲୋକେ ତାଙ୍କୁ ଯେତେବେଳେ ଜାଣିନଥିଲେ ସେ ନିଜର ଭେଳା ଖଟାଇ ପୁଣି ଉପରକୁ ଉପରକୁ ଉଠିଛନ୍ତି । କାହା କାହିବା ବା ଶୁଣିବା ପାଇଁ ତ କେଉଁଠି ଅଟକି ରହି ଯାଇନାହାନ୍ତି ସେ ! ତେବେ ଆଜି କାହିଁକି କାହା କଥାକୁ ସେ କାନ ଦେବେ ? କହନ୍ତୁ ଯେ ଯାହା କହୁଛି ।

ଯେମିତି ହେଉ ସମୟ ବାହାର କରି ସେ ତାଙ୍କର 'ମାନସ ସନ୍ତାନ' ଏକ ଉଦ୍ଭଟ ପ୍ରୋଜେକ୍ଟର ଚୂଳି ଆଜି ମାରିବେ । ଏହା ତାଙ୍କ ଜୀବନର ସର୍ବଶେଷ ଏବଂ ସର୍ବଶ୍ରେଷ୍ଠ ପ୍ରୋଜେକ୍ଟ ହୋଇ ରହିବ । ଘରର ସବୁ ଲାଇଟ୍ ସୁଇଚ୍ ସବୁ ଫେନ୍ ସୁଇଚ୍ ବନ୍ଦ କରିଦେଲେ ଅବିନାଶ ଚୌଧୁରୀ । ଆର୍ମ ଚେୟାର ଉପରେ ଶରୀରକୁ ଲମ୍ବେଇ ଦେଇ ଆଖି ବୁଜି ଭାବିବାକୁ ଲାଗିଲେ । କିଛି ସମୟ ଉତ୍ତାରୁ ତାଙ୍କ ସିକ୍ରେଟ୍ ଚାମ୍ବରର ଲାଇଟ୍ ସୁଇଚ୍‌ଟା ଟିପି ଆଲମିରାରୁ ଗୋଟେ ପ୍ରେଜେକ୍ଟ ଫାଇଲ୍ ଏବ ° ସିଡି ବାହାର କଲେ । ଡ୍ରଇଂରୁମ୍‌ରେ ଥିବା କମ୍ପ୍ୟୁଟରରେ ବସି ନେଟ୍ ସର୍ଚ୍ଚ କଲେ । ଅନ୍ଧ ଦେଶରେ ସବୁଠୁ ବଡ଼ ଏଡ୍ ଏଜେନ୍ସିର ବ୍ରାଞ୍ଚ ସଂଖ୍ୟା, ରେଡ଼ିଓ ଷ୍ଟେସନ୍ ଓ ଟି.ଭି. ଷ୍ଟେସନ୍ ସଂଖ୍ୟା ବାହାର କଲେ । ସେ ଦେଶରେ ବ୍ୟବହାର ହେଉଥିବା ମୋବାଇଲ୍ ସଂଖ୍ୟା ବାହାର କରି ଗୋଟେ ମେସେଜ୍ ପ୍ରସ୍ତୁତ କଲେ । ଯାହାର ବିଷୟବସ୍ତୁ ଥିଲା "ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଦର୍ପଣ ବ୍ୟବହାର କଲେ ଧିରେ ଧିରେ ଦୃଷ୍ଟିଶକ୍ତି ଫେରିପାଇବେ ଏବଂ ଆଗାମୀ ବଂଶଧରଙ୍କୁ ମଧ ଅନ୍ଧତ୍ୱରୁ ମୁକ୍ତି ମିଳିବ । ଉକ୍ତ ଦର୍ପଣରେ ଖଞ୍ଜାଯାଇଥିବା ଲେନ୍‌ସ ଆପଣଙ୍କୁ ଦୃଷ୍ଟିଶକ୍ତି ଫେରାଇ ଆଣିବାରେ ସାହାଯ୍ୟ କରିବ । "ଅଭିଳାଷ ଚୌଧୁରୀ-ଇଣ୍ଡିଆ" । ଅନ୍ଧ ଦେଶର ଏକ ବଡ଼ ଏଜେନ୍ସିକୁ ଉକ୍ତ ମେସେଜ୍‌ଟି ଛାଡ଼ିଦେଲେ ଅଭିଳାଷ ବାବୁ । ସବୁ ରେଡ଼ିଓ ଷ୍ଟେସନ୍, ଟିଭି ଚ୍ୟାନେଲ୍‌ରେ ବାରମ୍ବାର ବଜାଇ ଶୁଣାଇବା ପାଇଁ କଡ଼ା ନିର୍ଦ୍ଦେଶ ପଠାଇଦେଲେ ନିଜ ସଂସ୍ଥାର ଦରିଆ ପାରି (ଓଭର୍ ସିଜ୍

Digitized by PPRACHIN, SOA

ଡାଇରେକ୍ଟର୍ସ) ନିର୍ଦ୍ଦେଶକଙ୍କ ପାଖକୁ ।

ଜଙ୍ଗଲରେ ନିଆଁ ପରି ମେସେଜ୍‌ଟି ଚାରିଆଡ଼େ ଖେଳିଗଲା । ପୃଥିବୀରେ ଯେତେ ଅନ୍ଧ ଥିଲେ ସମସ୍ତଙ୍କ ମନରେ ଉତ୍ସୁକତା ଭରିଗଲା । ବିଦେଶୀ ରାଷ୍ଟ୍ରମାନଙ୍କର ହୋଟେଲ୍, ରେଷ୍ଟୁରାଣ୍ଟ, ସିନେମା ହଲ୍, କଫି ହାଉସ୍, ବସ୍ ଷ୍ଟପ୍, ରେଲ୍‌ୱେ ଷ୍ଟେସନ୍, ଏୟାର୍‌ପୋର୍ଟ, ସିପୋର୍ଟ ସବୁଠି ଗୋଟିଏ ଚର୍ଚ୍ଚା "ଅଭିଳାଷ ଚୌଧୁରୀଙ୍କ ବିସ୍ମୟ ଦର୍ପଣ (ୱାଣ୍ଡର୍‌ମିରର୍) । ନିଜର ହୋମ୍ ୟୁନିଟ୍ ବ୍ୟତୀତ ଓଭର୍‌ସିଜ୍ ୟୁନିଟ୍‌ମାନ ଖୋଲା ହେଲା । ରାତିଦିନ ଫେକ୍ଟ୍ରିମାନଙ୍କରେ ସିଫ୍ଟ୍ ଡ୍ୟୁଟିରେ କାମ କଲେ କର୍ମଚାରୀମାନେ । ଓଭର୍‌ଟାଇମ୍ ପାଇଁ ମଧ୍ୟ ଉପଯୁକ୍ତ ପାରିଶ୍ରମିକ ମିଳିଲା ।

ଅଭିଳାଷ ଚୌଧୁରୀଙ୍କର ବ୍ୟବସାୟ ସାମ୍ରାଜ୍ୟର ସବୁ ରେକର୍ଡ଼କୁ ଭାଙ୍ଗିଦେଲା 'ୱାଣ୍ଡର୍ ମିରର୍ ପ୍ରୋଜେକ୍ଟ" । ବିଶ୍ୱର ପ୍ରଥମ ଦଶଜଣ ଧନୀ ତାଲିକା ସଂଶୋଧନ ହେଲା । ପ୍ରଥମ ପାଞ୍ଚଜଣରେ ଜଣେ ହୋଇ ବିଶ୍ୱତାଲିକାରେ ସ୍ଥାନିତ ହେଲେ ସେ । ସ୍ୱର୍ଗତ ପିତାମାତା ଓ ଈଶ୍ୱରଙ୍କ ଉଦ୍ଦେଶ୍ୟରେ କୋଟି କୋଟି ନମସ୍କାର ଜଣାଇ ଅଭିଳାଷ ବସିଥିବା ସ୍ଥାନରୁ ଧୂଳି ଟିକିଏ ନେଇ ମୁଣ୍ଡରେ ଲଗାଇଲେ ଆଉ ସ୍ୱଗତୋକ୍ତି କଲେ "ବାଃରେ ଅନ୍ଧ ଦେଶର ଅଇନା ବେପାରୀ ।"

Digitized by PPRACHIN, SOA

Digitized by PPRACHIN, SOA

ମା'ର କଥା :
ଦେହକୁ ହିତ-ପାଟିକୁ ପିତା

ଭୋଦୁଅ ଆକାଶର ତୋଫା ଜହ୍ନଟା ମଳାଏ ମେଘ ଆଢୁଆଳରେ ଲୁଚି ଆସିଲାଣି । ରାତ୍ରିର ଗଭୀରତା କ୍ରମଶଃ ବଢ଼ିବାରେ ଲାଗିଛି । ଜାଙ୍ଗୁଲ ଜୁଙ୍ଗୁଲ ପାହାଡ଼ିଆ ରାସ୍ତା ଅଙ୍କା ବଙ୍କା ହୋଇ କାହିଁ କେତେ ଦୂର ଲମ୍ବି ଯାଇଛି । ଉଠାଣି ପକାଣି କଳା ମୁଗୁନି ପଥୁରିଆ ଏହି ନିର୍ଜନ ପଥରେ ନିଜର ଅନଭ୍ୟସ୍ତ ପାଦ ଦୁଇଟାକୁ ଟାଣି ଓଟାରି ଲମ୍ବ ପାହୁଣ୍ଡ ପକାଇଲେ ପ୍ରଫେସର୍ ସିଦ୍ଧାନ୍ତ ।

ଆକାଶରେ ଭସାମେଘ ଜମାଟ ବାନ୍ଧୁଥାଏ । ଜହ୍ନର ତୋଫା ଆଲୁଅ ନିଷ୍ପ୍ରଭ ହୋଇ ଆସୁଥାଏ । ଅଚିହ୍ନା ରାସ୍ତା, ଅଜଣା ସ୍ଥାନ, ଅସ୍ୱାଭାବିକ ପରିବେଶ ।

Digitized by PPRACHIN, SOA

ଅଶ୍ୱସ୍ତିକର ବୋଧ କଲେ ସିଦ୍ଧାନ୍ତ । ମୁଣ୍ଡ ଉପରକୁ ଟେକିଲେ । ଏବେ ସେ କାଶତଣ୍ଡୀ ବଣ ପାର ହୋଇ ଆସୁଛନ୍ତି । ଆକାଶର ମଥାନରେ ଫିକ୍ ଫିକ୍ ହସୁଥିଲା ସୁନା ଜହ୍ନଟା । ମାଟି ଉପରେ ସଜ ଫୁଟା ଅଳସୀ କାଶତଣ୍ଡୀ । ମତୁଆଲା ପବନର ପହିଲି ପରଶରେ ବେଶ୍ ଉଲ୍ଲସିତ ଜଣାପଡୁଥିଲା । ଦେହ ମୁଣ୍ଡରେ ଚରିଯାଉଥିଲା ଜଙ୍ଗଲି ଫୁଲର ବାସ୍ନା ।

ମନ୍ତ୍ରମୁଗ୍ଧ ହୋଇ ଆଗକୁ ମାଡ଼ି ଚାଲୁଥିବା ପାଦ ଦୁଇଟା ହଠାତ୍ ଥମିଗଲା । ଚାହୁଁ ଚାହୁଁ କଳାମେଘର ଆସ୍ତରଣ ଚାରିଆଡୁ ଘୋଟି ଆସିଲା । ପରିଷ୍କାର ଦିଶୁଥିବା ରାସ୍ତା, ଗଛପତ୍ର, ପାହାଡ଼ ଡଙ୍ଗରରେ ଗଭୀର ମହଳଣ ପଡ଼ିଆସିଲା । ଆଗକୁ ଚାଲିବା କଷ୍ଟକର ..... ହତ ଚକିତ ହୋଇ ଉଠିଲେ ସିଦ୍ଧାନ୍ତ ।

ଆସନ୍ତାକାଲିର ସୂର୍ଯ୍ୟୋଦୟ ତାଙ୍କ ପାଇଁ ବହୁ ପ୍ରତୀକ୍ଷିତ । ରାତି ପାହିବାକୁ ଅନେକ ସମୟ ବାକି । ତା' ପୂର୍ବରୁ ତାଙ୍କୁ ସମ୍ମିଳନୀ ସ୍ଥଳରେ ପହଞ୍ଚିବାକୁ ପଡ଼ିବ । ଏଥରର ବିଶ୍ୱ ସମ୍ମିଳନୀ କିନ୍ତୁ ସବୁଠୁ ନିଆରା । ପୃଥିବୀର ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ, ଚିନ୍ତା ନାୟକ, ବୁଦ୍ଧିଜୀବି, ଭିନ୍ନ ସମ୍ପ୍ରଦାୟର ଧାର୍ମିକ ନେତାମାନଙ୍କର ସୁଅ ଛୁଟିଛି ସମ୍ମିଳନୀ ସ୍ଥଳକୁ । ଚତୁର୍ଦ୍ଦିଗରେ କଡ଼ା ସୁରକ୍ଷାର ବଳୟ । ସତରେ ପ୍ରଫେସର୍ ସିଦ୍ଧାନ୍ତ ହିଁ ବିଶ୍ୱରେ ବିସ୍ମୟ । ଧର୍ମକୁ ଆଳ କରି ରାଜନୀତି କରୁଥିବା ତଥା କଥିତ ଧର୍ମଧ୍ୱଜାଧାରୀ ମାନେ ସିଦ୍ଧାନ୍ତଙ୍କ ସରଳ ସୂତ୍ରର ଯାଦୁକରୀ ମାୟାରେ ଅଭିଭୂତ । ନିଜ ଧର୍ମକୁ ପ୍ରଥମ ଏବଂ ପ୍ରଧାନ ମାନ୍ୟତା ଦେଉଥିବା ଗୋଷ୍ଠୀ ବିଶେଷର ଆଖିରୁ ଅନ୍ଧପୁଟୁଳି ଧିରେ ଧିରେ ଖସିଆସିଲାଣି ।

ସମ୍ମିଳନୀକୁ ବିଫଳ କରିବା ପାଇଁ ଆନ୍ତର୍ଜାତିକ ସନ୍ତ୍ରାସବାଦୀ ସଂସ୍ଥାମାନ ତତ୍ପର ହୋଇ ଉଠିଛନ୍ତି । ମାତ୍ର ବିଶ୍ୱରେ ଯୁଦ୍ଧ ବଦଳରେ ଶାନ୍ତି ପ୍ରତିଷ୍ଠା ପାଇଁ ସମଭାବରେ ବିଭିନ୍ନ ରାଷ୍ଟ୍ର ସମୂହର ଗୋଇନ୍ଦା ସଂସ୍ଥା ସଜାଗ ହୋଇ ଉଠିଛନ୍ତି ।

Digitized by PPRACHIN, SOA

ସମ୍ମିଳନୀ ସ୍ଥଳ ଏବଂ ଉକ୍ତ ସ୍ଥାନକୁ ସଂଯୋଗ କରୁଥିବା ଆକାଶପଥ, ଜଳପଥ ଏବଂ ସ୍ଥଳପଥ ଉପରେ ସୁରକ୍ଷାକର୍ମୀଙ୍କର କଡ଼ା ନଜର ।

ସିଦ୍ଧାନ୍ତ କିନ୍ତୁ ନିଜ ସୁରକ୍ଷା ବଳୟରେ ଗୁପ୍ତ ଖସଡ଼ା ନିଜେ ପ୍ରସ୍ତୁତ କରିଛନ୍ତି । ନିର୍ଦ୍ଧାରିତ ସମୟରେ ସଭାସ୍ଥଳୀରେ ପହଞ୍ଚିବାର ଦୃଢ଼ ପ୍ରତିଶ୍ରୁତି ସରକାରଙ୍କୁ ଦେଇଛନ୍ତି । ଏକାକୀ ଏ ଘଞ୍ଚ ଜଙ୍ଗଲକୁ ବାଛି ନେଇ ଅତି ସନ୍ତର୍ପଣରେ ଆଗେଇ ଚାଲିଛନ୍ତି । ଜୀବନ ପ୍ରତି ତାଙ୍କର ଭୟ ନାହିଁ । ମାତ୍ର ତାଙ୍କ ପାଖରେ ଥିବା ମୂଲ୍ୟବାନ୍ ତଥ୍ୟ ସବୁ କୋଟି କୋଟି ଜୀବନର ରକ୍ଷା କବଚ ସଦୃଶ । ସେଥିପାଇଁ ତ ତାଙ୍କର ଏ ଦୁଃସାହସିକ ପଦଯାତ୍ରା ।

ରାତ୍ରିର ଗଭୀରତା ବଢ଼ିଚାଲିଛି । ପବନର ବେଗ କ୍ଷୀପ୍ର ହେବାରେ ଲାଗିଛି । ସ୍ଥିତପ୍ରଜ୍ଞ ସିଦ୍ଧାନ୍ତ ଆନମନା ହୋଇଉଠିଲେ । ରାତ୍ରିଟା ହଠାତ୍ ଯଦି ବର୍ଷଣମୁଖର ହୋଇପଡ଼େ କ'ଣ ସେ କରିବେ ! ଆଶ୍ରୟ ନେବେ ବା କେଉଁଠି ! !

ମନେପଡ଼ିଲା ସିଦ୍ଧାନ୍ତଙ୍କର ପିଲାଦିନର କଥା–

ବହୁତ ରୁଗ୍ଣ ଥିଲେ ପିଲାଦିନେ । ବର୍ଷା ପବନରେ ଭିଜିଗଲେ ଦୁଇ ଚାରିଦିନ ବିଛଣାରେ ପଡ଼ି ରହନ୍ତି । ଡାକ୍ତର ଡକା ହୁଏ । ଆକଟ କରିବା ବାହାନାରେ ବୋଉ ସ୍କୁଲ୍ ବେଗ୍ ତନଖି କରି ଦେଖିନିଏ । ସବୁ ଠିକ୍‌ଠାକ୍ ଅଛିକି ନାହିଁ । ତୁଳା, ଡେଟଲ୍, ଗଜକନା, ଛୁଞ୍ଚି, ସୂତା, ବ୍ଲେଡ୍, ବୋତାମ, ରୁମାଲ, ବିସ୍କୁଟ୍, ପାଣିବୋତଲ, ପେନ୍, ପେନ୍‌ସିଲ୍, ଖାତାବହି । ଛତାଟାକୁ ବେଗ୍ ପାଖରେ ରଖି ତାଗିଦ୍ କରି କହେ "ଥଣ୍ଡା ଦେହ ତୋର, ଛତାକୁ କେବେ ପାଖଛଡ଼ା କରିବୁ ନାହିଁ, ଖରାବର୍ଷାରୁ ରକ୍ଷା ପାଇବାର ଏକମାତ୍ର ସାଥୀ ସେ ।" ବିରକ୍ତିକର ଲାଗୁଥିଲା ବୋଉର କଥାଗୁଡ଼ା । ଏବେ କିନ୍ତୁ ସେ ବୋଉ କଥାମାନି ଚଳନ୍ତି । ଘରୁ ବାହାରିଲା ବେଳେ ସମସ୍ତ ଆବଶ୍ୟକ ଉପକରଣ ସହିତ ଲାପ୍‌ଟପ୍ ଏବଂ ଚାଖଣ୍ଡେ ଲମ୍ବର କଳିକତି ଫୋଲ୍‌ଡିଂ

Digitized by PPRACHIN, SOA

ଛତାଟାକୁ ସବାଶେଷରେ ସଜାଡ଼ି ରଖନ୍ତି । ଆଖିରେ ଲୁହ ଜକେଇ ଆସେ । ମନେ ମନେ ବୋଉ ଉଦ୍ଦେଶ୍ୟରେ କହନ୍ତି "ବୋଉଲୋ, ସ୍କୁଲ୍ ଯିବା ବେଳେ ଛତାଟା ବହୁତ କଷ୍ଟ ଦେଉଥିଲା । ଏମିତି ଧର ସେମିତି ଧର କହୁଥିଲୁ । ଆଜି କିନ୍ତୁ ତୁ ଯଦି ବଞ୍ଚିଥା'ନ୍ତୁ ତେବେ ଦେଖନ୍ତୁ ମଣିଷଙ୍କ ଠୁଁ ଆରମ୍ଭ କରି ଗଛଲତା, ଗୋରୁଗାଈ, ପାହାଡ଼ ପର୍ବତ, ନଈନାଳ ଏପରିକି ତେଲ, ଡାଲି, ସାବୁନ୍, ଲୁଣ ସବୁ କିପରି ମାପିଚୁପି ହୋଇ ବନସାଇ ବନିଗଲେଣି ।"

ନା, ଆଉ ଆଗକୁ ରାସ୍ତା ଦିଶୁନି । ବର୍ଷା ଝିପିଝିପି ହୋଇ ପଡ଼ିଲାଣି । ପବନ ଆଉ ବର୍ଷାର କ୍ଷିପ୍ରତା ଆଶଙ୍କା କରି ବେଗ୍‌ରୁ ବର୍ଷାତିଟା ବାହାର କରି ପିନ୍ଧିଲେ । ବିଶ୍ୱ ଭ୍ରାତୃତ୍ୱର ପ୍ରତିଷ୍ଠା କରି ସମଗ୍ର ବିଶ୍ୱକୁ କିପରି ଏକ ବନସାଇ ବିଶ୍ୱରେ ପରିଣତ କରିପାରିବେ ତା'ର ଗୁଢ଼ ତତ୍ତ୍ୱସବୁ ସାଇତି ରଖିଛନ୍ତି ଲାପ୍‌ଟପ୍ ଭିତରେ । କଥାକଥାକେ ସେ କହନ୍ତି- "ମୁଁ ଜଣେ ପୃଥିବୀବାସୀ । ଜନ୍ମ ମୋର ଭାରତରେ । ମୋର ନିର୍ଦ୍ଦିଷ୍ଟ କର୍ମକ୍ଷେତ୍ର ନାହିଁ । ସମଗ୍ର ପୃଥିବୀ ମୋର କର୍ମକ୍ଷେତ୍ର ।" ବିଶ୍ୱ ସମ୍ମିଳନୀମାନଙ୍କରେ ତାଙ୍କର ଭାଷଣରେ ଥାଏ ଦାମ୍ଭିକତା, ନିର୍ଭୀକତା, ସ୍ୱଷ୍ଟ ଆଉ ଅକାଟ୍ୟ ଯୁକ୍ତି । ଉଦାହରଣ ଛଳରେ ସେ ଉପସ୍ଥାପନା କରନ୍ତି ପାହାଡ଼ି ଝରଣାର ଦର୍ଶନ - "କେତେ ସଭ୍ୟତାର ସୃଷ୍ଟି, ବିଲୟ ଦେଖିଛି । ଆଦି ମାନବ ଠାରୁ ଆଧୁନିକ ମାନବ ସମସ୍ତଙ୍କୁ ମୁଁ କୋଳେଇ ନେଇଛି । ମୋ ପାଖରେ ଧର୍ମର ବାଛ ବିଚାର ନାହିଁ । କାହା ଜାତିର ପରିଚୟ ମୁଁ କେବେ ଖୋଜିନାହିଁ । ତୃଷାର୍ତ୍ତର ତୃଷା ନିବାରଣ କରିଛି । କୃଷକର କ୍ଷେତକୁ ଜଳ ଯୋଗାଇଛି । ମୋ ତଟଦେଶରେ ଗଢ଼ିଉଠିଥିବା ଶିଳ୍ପ ସମୂହର ବର୍ଜ୍ୟବସ୍ତୁକୁ ବିନା ଦ୍ୱିଧାରେ ବକ୍ଷରେ ସ୍ଥାନ ଦେଇଛି । ପ୍ରତିବାଦ କରିନାହିଁ କାରଣ ସମସ୍ତେ ମୋର ଆପଣାର ।"

ପ୍ରଫେସର୍ ସିଦ୍ଧାନ୍ତଙ୍କର ସିଦ୍ଧାନ୍ତ ସବୁ ଅପୂର୍ବ, ଅନନ୍ୟ, ଅକାଟ୍ୟ । ଗୀତା, ବାଇବେଲ, କୋରାନ୍, ବେଦ, ଉପନିଷଦର ମହାନ୍ ବାଣୀକୁ ସରଳ

Digitized by PPRACHIN, SOA

ଭାବେ ସେ ଉପସ୍ଥାପନ କରନ୍ତି । ଧର୍ମ ଧ୍ୱଜାଧାରୀ ସମାଜର ବଡ଼ପଣ୍ଡାମାନଙ୍କୁ ସେ ଆହ୍ୱାନ ଦେଇ କହନ୍ତି "ଜନ୍ମ ଦେଇ ରାସ୍ତାକଡ଼ରେ ଫୋପାଡ଼ି ଦେଇ ଯାଉଥିବା ଜଣେ ହତଭାଗିନୀ ମାଆର କଅଁଳା ଶିଶୁଟିକୁ ଗୋଟେଇ ଆଣି କହିପାରିବେ କି ସେ କେଉଁ ଧର୍ମର ? କେଉଁ ଜାତିର ବା କେଉଁ ବର୍ଣ୍ଣର ? ନାଁ, କହିପାରିବେ ନାହିଁ । ତେବେ ଧର୍ମର ସଂଜ୍ଞାକୁ କଦର୍ଥ କରୁଛନ୍ତି କାହିଁକି ? କ'ଣ ସମାଜରେ ନିଜର ପତିଆରା ବଢ଼ାଇବା ପାଇଁ ପରସ୍ପର ମଧ୍ୟରେ ଏ ପ୍ରତିଯୋଗିତା ?

ପାହାଡ଼ି ରାସ୍ତାଟା ସରି ସରି ଆସୁଛି । ବର୍ଷା ବି ଥମିଗଲାଣି । ବର୍ଷାର ପତଳା ଆସ୍ତରଣରେ ସହରର ଆଲୁଅ ଝାପ୍‌ସା ଦିଶିଲାଣି । ଦଲକାଏ ଥଣ୍ଡା ପବନ ତାଙ୍କ ଦେହରେ ନେସି ହୋଇଗଲା । ଅପ୍ରତିଭ ହୋଇ ପଛକକୁ ଚାହିଁଲେ ସିଦ୍ଧାନ୍ତ । ପୂର୍ବ ଦିଗରୁ ସିନ୍ଦୁରା ଫାଟିଲା ଭଳି ଲାଗୁଛି । ସିଦ୍ଧାନ୍ତ ଅନୁଭବ କଲେ- ହଠାତ୍ କିଏ ଯେପରି ତାଙ୍କ ଠାରୁ ଦୂରେଇ ଯାଉଛି ଅତି ସନ୍ତର୍ପଣରେ । ସନ୍ତ୍ରାସବାଦୀ ନୁହେଁତ ! ବର୍ଷାସ୍ନାତା ପାହାନ୍ତା ରାତିର କାଳିମାକୁ ଏଡ଼ାଇ ଏଡ଼ାଇ ଛାୟାମୂର୍ତ୍ତିଟି ମହାକାଶର ନାଳିଛିଟାରେ ମିଶିଯାଉଛି । ଆରେ ...... "ଏତ ମୋର ବୋଉ ।" ଜଙ୍ଗଲ ରାସ୍ତାରେ କୁଆଡ଼େ ବାଟବଣା ହୋଇଯିବ, ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବି ନାହିଁ, ସେଥିପାଇଁ ବୋଉ କ'ଣ ମୋତେ ବାଟ କଢ଼ାଇ ଆଣୁଥିଲା !

ଅପ୍ରତିଭ ହୋଇ ଉଠିଲେ ସିଦ୍ଧାନ୍ତ, କଣ୍ଠ ତାଙ୍କର ବାଷ୍ପରୁଦ୍ଧ ହୋଇଉଠିଲା । ଆଖିରୁ ଅମାନିଆ ଲୁହଗୁଡ଼ା ଝର ଝର ହୋଇ ଝରିଆସିଲା । କୋଟି ଜନମାନସର ଧ୍ରୁବତାରା ସାଜି ଯିଏ ଆଉ କେତେ ମୁହୂର୍ତ୍ତ ପରେ ସମଗ୍ର ବିଶ୍ୱବାସୀଙ୍କୁ ବିଶ୍ୱଭ୍ରାତୃତ୍ୱ ଆଉ ମାନବ ଧର୍ମର ଦିଗ୍‌ଦର୍ଶନ ଦେବେ, ସେ ପୁଣି ତା' ବୋଉ ଆଗରେ ଏଡ଼େ ଟିକେ ଅବୋଧ ଶିଶୁ । ବାଟ ଭୁଲିଯିବା ଆଶଙ୍କାରେ ଆଙ୍ଗୁଠି ଧରି ତାଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଲା । ଦେହମୁଣ୍ଡରେ ହାତ ବୁଲେଇ

Digitized by PPRACHIN, SOA

ଆଣିଲେ ସିଦ୍ଧାନ୍ତ । ଅତିକ୍ରାନ୍ତ ବୟସର ଛିଟା ଠାଏ ଠାଏ ବାରି ହୋଇ ପଡୁଥାଏ ।

ବୋଉ ତାଙ୍କର କେତେ ଆଶା କରିଥିଲା । ସୁଦୂର ଆଟଲାଣ୍ଟା ସହରରେ ରହି ପାଠ ପଢୁଥିଲା ବେଳେ ବାପାଙ୍କୁ ଲଗାଇ କେତେ ଚିଠି ଲେଖୁଥିଲା । ପୁତ୍ ନାମକ ନର୍କରୁ ଉଦ୍ଧାର କରିବା ପାଇଁ କେତେ ନେହୁରା ହେଉଥିଲା । ବୋଉର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଗଦା ଗଦା ବହିର ଥାକ ଭିତରୁ ଜୀବନର ସୂକ୍ଷ୍ମ ତତ୍ତ୍ୱ ସବୁ ବାହାର କରୁକରୁ ବୟସ ହଜିଗଲା । ଏକ ସୁନ୍ଦର ପୃଥିବୀର ପରିକଳ୍ପନାରେ ଆତ୍ମ ବିଭୋର ହୋଇ ବୋଉର ଟିକି ପୃଥିବୀକୁ ଛିନ୍‌ଭିନ୍ କରିଦେଲେ ସିଦ୍ଧାନ୍ତ । ଅନ୍ୟମନସ୍କ ଭାବେ ବେଗ୍‌ଟା ଉପରେ ହାତ ବୁଲେଇ ଆଣିଲେ ସେ । ସବୁ ଠିକ୍ ଅଛି । ଛୁଞ୍ଚି, ସୂତା, ବ୍ଲେଡ୍, ବୋତାମ, କାଗଜ, କଲମ, ରୁମାଲ ଆଉ ଛତା । ଅସ୍ପଷ୍ଟ ଉଚ୍ଚାରଣ କରିଉଠିଲେ ସିଦ୍ଧାନ୍ତ- "ବୋଉ, ସବୁ ଠିକ୍ ଅଛି, ତା' ଜାଗାରେ । ଖାଲି ତୁ ନାହୁଁ । ମୁଁ କୁପୁତ୍ର ହୋଇପାରେ । ହେଲେ ତୁ ଜନ୍ମ ଜନ୍ମାନ୍ତରରେ କେବଳ ମାଆ ।

ଆକାଶର ମଥାନରେ ଚହଟୁଥିବା ପାହାନ୍ତି ତାରାଟା ରାତି ପାହିବାର ସୂଚନା ଦେଉଥିଲା ।

Digitized by PPRACHIN, SOA

ଛାୟାଯାନ୍ତ

ହଜିଲା ଦିନର ସ୍ମୃତିରାଜିକୁ ସାଉଁଟୁ ସାଉଁଟୁ ଦୀର୍ଘ ଶ୍ୱାସଟିଏ ଛାଡ଼ିଲେ ଅବିନାଶ ପ୍ରଧାନ । ଦିନଗୁଡ଼ା ଏବେ ଏତେ ଶୀଘ୍ର ଶୀଘ୍ର ସରିଯାଉଛି । ଏକଥା ଭାବିଲେ ବିସ୍ମିତ ହେବାକୁ ପଡୁଛି । ଦୁଃଖ ଆଉ ସଂଘର୍ଷର ଦିନ ସରି ନାହିଁ କିନ୍ତୁ ସୁଖର ଦିନ ଚାହୁଁ ଚାହୁଁ ବିଜୁଳି ବେଗରେ ମିଳେଇ ଯାଉଛି । ଚାକିରି ଜୀବନ କାଳରେ ହାତଘଣ୍ଟାକୁ ବାରମ୍ବାର ଦେଖୁଥିଲେ ବି ଦିନ ସରୁନଥିଲା । ଅଫିସ୍‌ରୁ ବାହାରୁ ବାହାରୁ ସଞ୍ଜ । ସେଥିରେ ପୁଣି ପିଲାଛୁଆଙ୍କର ବରାଦି ଜିନିଷ ଧରି ଘରକୁ ଫେରିଲା ବେଳକୁ ରାତି ଘଡ଼ିଏ କି ଦି'ଘଡ଼ି ହେଉଥିଲା । ରାତି ଟିକକ ବିଶ୍ରାମ ନେଇ ପୁଣି ସକାଳେ ଅଫିସ୍ ପାଇଁ ପ୍ରସ୍ତୁତି । ଏମିତି ତେତିଶି

Digitized by PPRACHIN, SOA

ବର୍ଷ କାଳ କଟିଛି ତାଙ୍କର । ଗଧ ପରି ସରକାରୀ ବୋଗଟା ବୋହି ବୋହି ଅବସରପ୍ରାପ୍ତ ଜୀବନରେ ଟିକେ ଆରାମରେ କାଳାତିପାତ କରିବାକୁ ଚାହୁଁଥିଲେ ବି ସମୟଟା ଦ୍ରୁତ ଗତିରେ ଗଡ଼ି ଚାଲିଛି ।

ଜଣେ ସଚ୍ଚୋଟ ଓ କର୍ମନିଷ୍ଠ ଦକ୍ଷ ସରକାରୀ ଅଫିସର୍ ଭାବେ ଖୁବ୍ ନାଁ କମେଇ ଅବସର ନେଇଛନ୍ତି ଅବିନାଶ ବାବୁ । ଅଫିସ୍ ଛାଡ଼ିବା ପଛେ ଘଣ୍ଟେ ଦୁଇଘଣ୍ଟା ଡେରି ହୋଇଯିବ କିନ୍ତୁ ଅଫିସ୍‌ରେ ଘଣ୍ଟାଏ ପୂର୍ବରୁ ଯାଇ ସେ ହାଜର ହୋଇଯାଆନ୍ତି । ବିଳମ୍ବରେ ଅଫିସ୍ ଆସୁଥିବା ଅଭ୍ୟାସରେ ପଡ଼ିଯାଇଥିବା କର୍ମଚାରୀଙ୍କ ପାଇଁ ସେ ଯମ ସଦୃଶ । କାହାକୁ କିଛି କହନ୍ତିନି ଅବିନାଶ ବାବୁ । ମାତ୍ର କଲମ ଓ ଫାଇଲ୍‌ରେ ଦୁଇ ତିନିଟା ନାଲି ଗାର ପକାଇ ଦେଇ ଅବାଟରୁ ବାଟକୁ ନେଇ ଆସନ୍ତି ତାଙ୍କ ଅଧସ୍ତନ କର୍ମଚାରୀଙ୍କୁ । ଅଯଥାରେ ବାକ୍ ବିତଣ୍ଡା କରିବା ତାଙ୍କ ସ୍ୱଭାବ ବିରୁଦ୍ଧ । ପାଟିରୁ କଥା ଖସିଗଲେ ଯେ ଆଉ ଫେରେନା ଏକଥା ସେ ପାଠରୁ ଶିଖିଛନ୍ତି ଆଉ ମର୍ମେ ମର୍ମେ ଅନୁଭବ କରିଛନ୍ତି ।

ଚାକିରି କାଳ ଭିତରେ କୌଣସି ଅଫିସ୍‌ରେ ଦୁଇତିନି ବର୍ଷରୁ ଅଧିକ ସମୟ ସେ ରହନାହାନ୍ତି । ସତେ ଯେପରି ଅଫିସ୍‌ଗୁଡ଼ାକ ସଜାଡ଼ିବା ପାଇଁ ସରକାରୀ ଠିକାଦାର ସିଏ । ଅଫିସ୍‌ର ସବୁ ଗଳାବାଟକୁ ବନ୍ଦ କରୁ କରୁ ଆଉ ଗୋଟେ ଅଫିସ୍ ଅର୍ଡ଼ର ପହଞ୍ଚିଯାଏ ତାଙ୍କ ପାଖରେ । ଏମିତି ମୋଟ ଚାକିରି କାଳରେ ଏଗାର ଥର ବଦଳି ହୋଇଛି । ସବୁ ଅଫିସ୍‌ର ଅବସ୍ଥା ଏକା । କମ୍ବଳ ଯାକ ବାଳ । କେତେ ସଜାଡ଼ିବେ ସେ ? ପିଲାପିଲିଙ୍କ ପାଠପଢ଼ାରେ ବହୁ ଅସୁବିଧା ହୁଏ । ମାତ୍ର ପିଲାମାନେ ବି ଅଭ୍ୟାସରେ ପଡ଼ିଗଲେଣି । ତେଣୁ ସବୁକୁ ସେମାନେ ସୁଚାରୁ ରୂପେ ଚଳେଇ ନିଅନ୍ତି । ଏସବୁ କାମରେ ଶ୍ରୀମତୀଙ୍କର ତ୍ୟାଗର ତୁଳନା ନାହିଁ । ଦୁଇବର୍ଷ ପୂରିଲା ପରେ ସେ ସବୁ ବନ୍ଧାବନ୍ଧି ଆରମ୍ଭ କରିଦିଅନ୍ତି । କେତେବେଳେ ଯେ ଅଫିସ୍ ଅର୍ଡ଼ରଟା ହେଉ୍ ଅଫିସ୍‌ରୁ ବାହାରି ପଡ଼ିବ ସେଇ ଚିନ୍ତା ତାଙ୍କୁ ଘାରୁଥାଏ । ଚାକିରି ଜୀବନ

Digitized by PPRACHIN, SOA

ଅବଧିରେ ସଂପୂର୍ଣ୍ଣ ମାତ୍ରାରେ ଫେମିଲି ସପୋର୍ଟ ପାଇଛନ୍ତି ଅବିନାଶ ବାବୁ । ସେ ପାଇଁ ଯୋଡ଼ ହସ୍ତରେ ବିଶ୍ୱ ବିଧାତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାନ୍ତି ।

ଯେଉଁ ଦିନ ଅଫିସ୍‌ରୁ ସଅଳ ସଅଳ ଘରକୁ ଫେରନ୍ତି ଅବା ଛୁଟିଦିନ ମାନଙ୍କରେ, ପିଲାଙ୍କ ସହିତ ଖୁବ୍ ମଜାରେ ସମୟ କାଟନ୍ତି । ଇଣ୍ଟ୍ରୋଭର୍ଟ ଅଫିସ୍‌ରେ ଘରେ କିନ୍ତୁ ଏକଦମ୍ ଏକ୍ସ୍ଟ୍ରୋଭର୍ଟ । ସବୁବେଳେ ପିଲାଙ୍କୁ ଗୋଟିଏ କଥା କହନ୍ତି ଜୀବନରେ କେବେ ମିଛ ନକହିବା ପାଇଁ । ଗୋଟିଏ ମିଛକୁ ଘଷ୍ଟ ଘୋଡ଼ାଇବା ପାଇଁ ପୁଣି ଦଶଟି ମିଛର ଆଶ୍ରୟ ନେବାକୁ ପଡ଼ିବ । ପାପପୂଣ୍ୟରେ ବିଶ୍ୱାସ କରୁଥିବା ଲୋକକୁ ମହା ପାତକ ଦଶା ଲାଗିବ ।

ଆଶ୍ଚର୍ଯ୍ୟ ହୁଅନ୍ତି ପରିବାରର ସଦସ୍ୟମାନେ । ଅଫିସ୍‌ରେ ଚଣ୍ଡାଶୋକ ମଗଧ ସମ୍ରାଟ ଘରେ କିନ୍ତୁ ବୌଦ୍ଧ ଭିକ୍ଷୁ ଉପଗୁପ୍ତ । ବାବାଙ୍କର ଭୀମକାନ୍ତ ରୂପ ଈଶ୍ୱରଙ୍କର ବରଦାନ । ପିତାଙ୍କର ଶତବସନ୍ତର ନିରାମୟ ଜୀବନ କାମନା କରି ପିଲାମାନେ ନିଜ ପାଠ ପ୍ରତି ଅଧିକ ଧ୍ୟାନ ଦିଅନ୍ତି । ନିଜ ନିଜ କ୍ଷେତ୍ରରେ ସୁପ୍ରତିଷ୍ଠିତ ମଧ୍ୟ ହୁଅନ୍ତି । ଦିନ ଥିଲା ପିତାଙ୍କ ସାନ୍ନିଧ୍ୟ ସେମାନେ ଖୋଜୁଥିଲେ । ଆଜି କିନ୍ତୁ ସେମାନେ ଦୂରସ୍ଥାନରେ । ବାପା ସେମାନଙ୍କର ସାନ୍ନିଧ ଟିକିଏ ପାଇବା ପାଇଁଛୁଟିଦିନକୁ ଉତ୍ସୁକ ନୟନରେ ଚାହିଁ ରହନ୍ତି ।

ଆଜି ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ବିଦ୍ୟାଦାୟିନୀ ମା’ ସରସ୍ୱତୀଙ୍କର ପୂଜା । ସହର ଠୁଁ ଗାଁ ଯାଏ ସବୁଠି ଭିଡ଼ ମା’ଙ୍କ ଦର୍ଶନ ଲାଗି । ଘରେ ମଧ୍ୟ ସମସ୍ତେ ବୁଲି ଯାଇଛନ୍ତି ମା’ଙ୍କ ଦର୍ଶନ ଲାଗି । ଏକା ଏକା ବିଛଣାରେ ପଡ଼ି ଅତୀତକୁ ଉଖାରୁଛନ୍ତି ଅବିନାଶ । ସଂଘର୍ଷର ଦିନଗୁଡ଼ା କେତେ ଲମ୍ବା ଆଉ ଯନ୍ତ୍ରଣାଦାୟକ ଲାଗୁଥିଲା ତାଙ୍କୁ । ନିଜର ସମଗ୍ର ଶରୀରକୁ କଇଁଛର ଖୋଳପାରେ ଢାଙ୍କି ରଖିବା ଯେ କେତେ କଷ୍ଟ ତାହା ମର୍ମେ ମର୍ମେ ଅନୁଭବ କରିଛନ୍ତି ସେ । ସେ ଯେ ଶ୍ରୀଫଳ ଆଉ ଶ୍ରୀଫଳର ଶକ୍ତ ଆବରଣ ମଧ୍ୟରେ ଏକ ସୁନ୍ଦର ନରମ ସ୍ୱାଦୁଯୁକ୍ତ ପୁଷ୍ଟିଦାୟକ ଖାଦ୍ୟ ସଞ୍ଚିତ ହୋଇ ରହିଥାଏ,

Digitized by PPRACHIN, SOA

ସେ ଯେ ବାହାରକୁ ଭୟଙ୍କର ଲାଗୁଥିବା ଏକ ଶାର୍ଦ୍ଦୁଳ, ମାତ୍ର ଶାନ୍ତ କପୋତର ହୃଦୟଟେ ଯେ ତାଙ୍କର ଅଛି, ସେକଥା କେହି ବୁଝୁ କି ନବୁଝୁ ତାଙ୍କ ପରିବାର ସଦସ୍ୟମାନେକିନ୍ତୁ ଠିକ୍ ବୁଝିଛନ୍ତି । ବାହାର ଲୋକ ଜାଣିବା ବା ବୁଝିବା କ'ଣ ଦରକାର ?

କାଲିପରି ଲାଗୁଛି । ବଦଳି ହୋଇଥାଏ ଯାଜପୁର ଜିଲ୍ଲା ସଦର ମହକୁମାକୁ । ଚାକିରିର ଶେଷ ତିନିବର୍ଷ ନିଜ ଜିଲ୍ଲାକୁ ବଦଳି ହେବାର ନିୟମ ଥିଲେ ମଧ୍ୟ ତାଙ୍କଠି କାହିଁକି ବ୍ୟତିକ୍ରମ ଘଟିଲା ବୁଝିପାରିଲେ ନାହିଁ ଅବିନାଶ ବାବୁ । ନିଜ ଜିଲ୍ଲା ଭଦ୍ରକକୁ ସେ ବଦଳି ମାଗିଥିଲେ । ମାତ୍ର ଉପର ଅଫିସର୍ କହିଲେ ଭଦ୍ରକ କିଏ ଆଉ ଯାଜପୁର କିଏ ? ଏକା କଥା । ହେଲେ ଉପର ଅଫିସର୍‌ଙ୍କ ଖେଳ ଯେ ତାଙ୍କ ପାଇଁ କାଳ ହେବ ସେକଥା ଜାଣିପାରିଲେ ନାହିଁ ସେ । ଖୁବ୍ ହାଲୁକା ଭାବେ ବଦଳିଟାକୁ ଗ୍ରହଣ କରିନେଲେ ସେ ।

ଅଫିସ୍‌ରେ ଜଏନ୍ କରି ଦେଖନ୍ତି ତ ଅଫିସ୍ ଗୋଟିଏ ଭୂତଖାନା । ନା କିରାଣୀ, ନା ଅଫିସର୍, ନା ଚପରାଶି ଠିକ୍ ସମୟରେ ଅଫିସ୍‌କୁ ଆସନ୍ତି ନା ଠିକ୍ ସମୟରେ ଅଫିସ୍ ଛାଡ଼ନ୍ତି । ରେଲୱେ ପ୍ଲାଟ୍‌ଫର୍ମ ଭଳି କିଏ କେତେବେଳେ ଆସେ ଆଉ ଯାଏ ତା'ର ଠିକଣା ନଥାଏ । ଘଣ୍ଟାଏ ପୂର୍ବରୁ ଅଫିସ୍‌ରେ ପହଞ୍ଚିବା ଅଭ୍ୟାସ ତାଙ୍କର । ଚାକିରିର ଶେଷ ପର୍ଯ୍ୟାୟରେ ସେଥିରେ ବ୍ୟତିକ୍ରମ ହେବ ବା କିପରି ?

ଗେଟ୍ ପାଖେ ଚୌକିଦାରଟା ନିଶାଗ୍ରସ୍ତ ହୋଇ ଶୋଇପଡ଼ିଛି । ଯେତେ ଡକାଡକି କଲେ ବି ଉଠିଲା ନାହିଁ । ଶେଷରେ ଆଖପାଖ ଲୋକଙ୍କ ସହାୟତାରେ ତାକୁ ଉଠାଇ ତାଲା ଖୋଲିଲେ । ପ୍ରଥମେ ଅଫିସ୍‌ର ଉପସ୍ଥାନ ଖାତାଟିକୁ ନିଜ ଟେବୁଲ୍‌କୁ ମଗାଇ ଆଣିଲେ । ଦେଖିଲେ ଦୀର୍ଘଦିନ ଧରି କାହାରି ଦସ୍ତଖତ ନାହିଁ । ଅଫିସ୍ ଷ୍ଟେନେ କୌଣସି ଦିନ ୧୨ଟା ପୂର୍ବରୁ ଆସନ୍ତି ନାହିଁକିମ୍ବା ବଡ଼ବାବୁ ମଧ୍ୟ ୧୧.୩୦ ପୂର୍ବରୁ ଆସିବାର ନଜିର ନାହିଁ ବୋଲି ନିଶାଗ୍ରସ୍ତ

Digitized by PPRACHIN, SOA

ଚୌକିଦାରଟା ଚିଲାଉଥାଏ । 'ଏ ଅଫିସ୍‌ରେ ସମସ୍ତେ ଜଣେ ଜଣେ ଅଫିସର୍, କାହାକୁ ଆପଣ ତାଗିଦ୍ କରିବେ ସାହେବ ?'

ସେଦିନର ପ୍ରଥମ ଚିଠି ଡ୍ରାଫ୍ଟ କଲେ ଅବିନାଶ ବାବୁ । ସେ ପୁଣି ତାଙ୍କ ବଡ଼ବାବୁ ଆଉ ଷ୍ଟେନୋଙ୍କ ବିରୁଦ୍ଧରେ । ଚପରାଶିକୁ କହିଲେ ବଡ଼ବାବୁଙ୍କ ଟେବୁଲ୍ ଉପରେ ରଖିଦେବା ପାଇଁ । ନିଶାଗ୍ରସ୍ତ ଚୌକିଦାର ଉପରେ ଦୟା ଆସିଲା ଅବିନାଶ ବାବୁଙ୍କର । କେତେ ଖୋଲା ଲୋକ ସେ । ସକାଳେ ସଞ୍ଜେ ଅଫିସ୍ ଜଗି ପଡ଼ିଛି । ଦିନ ଦୁଇଟା ସୁଦ୍ଧା ବଡ଼ବାବୁ କିମ୍ବା ଷ୍ଟେନୋ ନ ଆସିବାରୁ ବିବ୍ରତ ହୋଇପଡ଼ିଲେ ଅବିନାଶ ବାବୁ । ଅଫିସର୍ ଜଣେ ସିନିୟର୍ କ୍ଲର୍କ ଦୁଇଟି ଛୁଟି ଦରଖାସ୍ତ ଧରି ଅଫିସର୍‌ଙ୍କୁ ନମସ୍କାର କରି ନିଜର ପରିଚୟ ପ୍ରଦାନ ପୂର୍ବକବଡ଼ବାବୁ ଆଉ ଷ୍ଟେନୋ ଅଫିସ୍ ଆସି ତିନି ଦିନ ପାଇଁ ଛୁଟି ଦରଖାସ୍ତ ଦେଇ ଚାଲିଯାଇଛନ୍ତି ବୋଲି ଜଣାଇଲେ । ଅବିନାଶ ବାବୁ ଜାଣନ୍ତି କେଉଁ ସିଚୁଏସନ୍‌କୁ କିପରି ଟେକଲ୍ କରିବାକୁ ପଡ଼ିବ । "ଆଚ୍ଛା ତୁମେ ଏବେ ଆସିପାର ।" କହି ଷ୍ଟାଫ୍ ମିଟିଂ ପାଇଁ ଦ୍ୱିତୀୟ ଚିଠି ପ୍ରସ୍ତୁତ କଲେ । ଏ ଚିଠିଟି ବି କିଛି ଫଳ ଦେଲା ନାହିଁ କାରଣ ବଡ଼ବାବୁଙ୍କର ଅଫିସ୍ ଷ୍ଟାଫ୍‌ଙ୍କୁ ନିର୍ଦ୍ଦେଶ ଥିଲା ତାଙ୍କ ଅନୁପସ୍ଥିତିରେ ତାଙ୍କ ଫାଇଲ୍ ସବୁ କେହି ଯେପରି ଏପଟ ସେପଟ ନକରେ ।

ବଡ଼ ବିଷମ ପରିସ୍ଥିତିରେ ପଡ଼ିଲେ ଅବିନାଶ ବାବୁ । ହେଡ୍ ଅଫିସ୍‌କୁ ତୁରନ୍ତ ଫେକ୍ସ ଯୋଗେ ଅଫିସ୍‌ର ଅବ୍ୟବସ୍ଥା ସମ୍ପର୍କରେ ଜଣାଇଦେଲେ । ହେଡ୍ ଅଫିସ୍‌ରୁ ନିର୍ଦ୍ଦେଶ ଆସିଲା "ଟ୍ରାଏ ଟୁ ମେନେଜ୍ ଦି ସିଚୁଏସନ୍ । ରିମେମ୍ବର, ଇଟ୍ ଇଜ୍ ୟୋର୍ ଲାଷ୍ଟ ଷ୍ଟେସନ୍ ।" ଅର୍ଥାତ୍ ତୁମ ଚାକିରିର ଶେଷ ସମୟ ହୋଇଥିବାରୁ ସବୁକୁ ଦେଖି ଚାହିଁ ଚଳାଇନିଅ । ଏ ପ୍ରକାର ମନ୍ତବ୍ୟ ମର୍ମାହତ କଲା ଅବିନାଶ ବାବୁଙ୍କୁ । ସ୍ଥିର କଲେ ତାଙ୍କୁ ଆହୁରି ଶକ୍ତ ଓ କଠୋର ହେବାକୁ ପଡ଼ିବ ।

Digitized by PPRACHIN, SOA

କ୍ରମଶଃ ଅଫିସର୍ ଓ କିରାଣୀ ଗୋଷ୍ଠୀଙ୍କ ମଧ୍ୟରେ ଘଟଣା ସବୁ ସୀମା ଅତିକ୍ରମ କରିବାକୁ ବସିଲା । ଅଫିସ୍ ଚେମ୍ବର୍‌ରେ ଦିନକର ଘଟଣା ଏପରି ମୋଡ଼୍ ନେଲା ଯେ ବଡ଼ ବାବୁ ପାଟିକରି ଉଠିଲେ-"ଏ ଅଫିସର୍ ! ଏ କିରାଣୀର କଲମ ମୁନ କେତେ ଶକ୍ତ ଜାଣିଛ ? ଏ କଲମ ମୁନରେ ତୁମ ଛାମୁଦାନ୍ତ ଯୋଡ଼ିକ ଖସାଇଦେବି ।"

ଅପ୍ରତିଭ ହୋଇଉଠିଲେ ଅବିନାଶ ବାବୁ । ଅକସ୍ମାତ୍ ଡାହାଣ ହାତର ପାପୁଲିଟା ମୁହଁ ଉପରେ ବୁଲିଆସିଲା । ଶୁଖିଲା ହସଟିଏ ଓଠର ଦୁଇଧାରରେ ଫୁଟିଉଠି ପୁଣି ମିଳେଇଗଲା । ସମୟାନୁବର୍ତ୍ତିତାର ପୁରସ୍କାର । ବିଶ୍ୱସ୍ତତାର ପ୍ରତିଦାନ ।

"କର୍ମ ହିଁ ପୂଜା ଆଉ କର୍ତ୍ତବ୍ୟ ହିଁ ଭଗବାନ"କୁ ଜପାମାଳି କରି ଚଳୁଥିବା ଜଣେ ସଦାଚାରୀ ଆଦର୍ଶବାଦୀ ମଣିଷପାଇଁ ଉପଯୁକ୍ତ ସମୟୋଚିତ ବରଦାନ ନୁହେଁ ତ ଆଉ କ'ଣ ?

ଅତୀତର ଘଟଣାବଳୀ ଝାପ୍‌ସା ହୋଇ ଦିଶୁଥିଲା ଅବିନାଶ ବାବୁଙ୍କୁ । ଅତି ଅସମ୍ମାନଜନକ ପରିସ୍ଥିତିରେ ତାଙ୍କ ଚାକିରିର ଶେଷ ଦିନଟି କଟିଥିଲା । କେହି ତାଙ୍କ ପାଇଁ ବିଦାୟକାଳୀନ ସଭାର ଆୟୋଜନ କରିନଥିଲେ । ଫୁଲ ତୋଡ଼ାଟିଏ ମଧ୍ୟ ତାଙ୍କୁ ଉପହାର ସ୍ୱରୂପ ମିଳି ନଥିଲା ।

ଫୁଲ ତୋଡ଼ା ଆଉ ମାନପତ୍ର ନିଜ ପାଇଁ ନିଜେ ପ୍ରସ୍ତୁତ କରି ସାରିଥିଲେ ସେ । ଶେଷ ଦିନର ପ୍ରଣାମଟିଏ ବିଶ୍ୱନିୟନ୍ତାଙ୍କ ଉଦ୍ଦେଶ୍ୟରେ ଜଣାଇ ଅଫିସ୍‌ରୁ ସେ ଗୋଡ଼ କାଢ଼ିଲେ । ତେତିଶ ବର୍ଷର ଧରାବନ୍ଧା ରୁଟିନ୍ ଜୀବନର ଅନ୍ତ ଘଟିଲା । ମେନ୍‌ଗେଟ୍‌ରେ ଥିବା ଚୌକିଦାର ହାତରେ ଶହେ ଟଙ୍କିଆ ନୋଟ୍ ଖଣ୍ଡେ ଧରେଇଦେଇ ଏକମୁହାଁ ହୋଇ ଚାଲିଲେ ଫୁଲ ମାର୍କେଟ୍ ଆଡ଼କୁ । ମନ ଇଚ୍ଛା ଫୁଲ ତୋଡ଼ା କିଣିଲେ । ନିଜ ପାଇଁ ନିଜେ ମାନପତ୍ର ପ୍ରସ୍ତୁତ

Digitized by PPRACHIN, SOA

କରିଥିବା ଏବଂ ପୂର୍ବ ଯୋଜନା ଅନୁଯାୟୀ 'ଅନନ୍ୟା ' ପ୍ରତିଷ୍ଠାନରୁ ସେ ସଂଗ୍ରହ କରିନେଲେ ମାନପତ୍ର । ପାଖ ସୁଇଟ୍ ଷ୍ଟଲ୍‌ରୁ ଦୁଇ ପ୍ୟାକେଟ୍ ମିଠା ଧରି ଘରେ ପହଞ୍ଚିଲେ ଅବିନାଶ । ମୁହଁରେ କୃତ୍ରିମ ହସ ଫୁଟାଇ କହିଲେ - "ଖୁବ୍ ସୁନ୍ଦର ଭାବେ ଫେୟାରୱେଲ୍ ସଭା ହେଲା । ଭୋଜିଭାତ ମୁଁ ଖାଇକରି ଆସିଛି । ଖାଲି କପେ ଚାହା ମୋର ଦରକାର । ଏ ଉପହାରଗୁଡ଼ା ରଖ ।"

ଶ୍ରୀମତୀ ଆନନ୍ଦରେ ଗଦ୍‌ଗଦ୍ ହୋଇ କଫି କପ୍‌ଟେ ବଢ଼ାଇ ଦେଲେ ଅବିନାଶ ବାବୁଙ୍କ ହାତକୁ । ସଦ୍ୟ ପ୍ରସ୍ତୁତ କଫି କପ୍‌ରୁ ନିର୍ଗତ ହେଉଥିବା ଧୂମକୁଣ୍ଡଳୀ ସତେ ଯେପରି କହୁଥିଲା- "ଦୁଃଖ କରନା । ଏ ମିଛ ମୋ ପରି ଧୂଆଁ ହୋଇ ମିଳେଇଯିବ ଏହାର କିଛି ମାନେ ଥାଏନା । ତୁମର ମିଛ କହିବା ଚାକିରି ଜୀବନ ପରର କାହାଣୀ । ଚାହା ପ୍ରସ୍ତୁତି ପର୍ଯ୍ୟନ୍ତ ଚାହା ସସ୍‌ପେନରୁ ବାହାରୁଥିବା ଧୂଆଁ ଆଉ ଚାହା କପ୍‌ରୁ ବାହାରୁଥିବା ଧୂଆଁର କଥା, କାହାଣୀ ଭିନ୍ନ ।

ଏତିକିରେ ଏ କାହାଣୀର ଅନ୍ତଃ ହୋଇନଥିଲା । ଘରେ କେହି ନଥିବାରୁ ବଡ଼ ନିଃସଙ୍ଗ ବୋଧ କରୁଥିଲେ ଅବିନାଶ । ହଠାତ୍ ପ୍ରେକ୍ଷାପଟ ବଦଳିଗଲା । ଅତୀତର ଦାରୁଣ ସ୍ମୃତିରାଜିରେ କାନ୍‌ଭାସ୍ ଉପରେ ଚିତ୍ରିତ ହେଲା ଆଉ ଗୋଟାଏ ମୁହଁ । ଯେଉଁ ମୁହଁରେ ଛାମୁଦାନ୍ତ ଯୋଡ଼ିକ ନଥିଲା ।

ଭୟରେ ଚିତ୍କାର କରି ଉଠିଲେ ଅବିନାଶ । "ମୋ ଛାମୁଦାନ୍ତ" ଧିରେ ଧିରେ ପ୍ରକୃତିସ୍ଥ ହେଲେ ସେ । ଅବସରପ୍ରାପ୍ତ ଜୀବନର ପେନ୍‌ସନ୍ ପେପର୍ ପ୍ରସ୍ତୁତ କରିବା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଲେ ସେ । ଯେତେଥର ବଡ଼ବାବୁଙ୍କୁ କହିଲେ ବଡ଼ବାବୁ ଉତ୍ତର ଦେଉଥିଲେ "ତୁମେ କିଏ ଆମେ ଜାଣୁନା ।" ବର୍ଷ ବର୍ଷ ବିତିଗଲା । ସେଇ ଏକା ଉତ୍ତର ।

ଶେଷରେ ଦିନେ ବଡ଼ବାବୁ ବିରକ୍ତିଭରା କଣ୍ଠରେ କହିଲେ "ତୁମର

Digitized by PPRACHIN, SOA

ଆଇଡେଣ୍ଟିଫିକେସନ୍ ମାର୍କରେ ସର୍ଭିସ୍ ବୁକ୍‌ରେ ଲେଖା ଅଛି ତୁମର ଛାମୁଦାନ୍ତ ଯୋଡ଼ିକ ନାହିଁ । ମାତ୍ର ତୁମର ତ ଛାମୁଦାନ୍ତ ଅଛି । ତୁମେ କିପରି ଅବିନାଶ ପ୍ରଧାନ ହେବ । ତୁମେ ଅବିନାଶ ପ୍ରଧାନ ନୁହଁ ବୋଲି ସର୍ଭିସ୍ ବୁକ୍ କହୁଛି । ଏଥିରେ ମୋର ଭୁଲ ରହିଲା କେଉଁଠି ?"

ଏତେଦିନେ ଅଡୁଆ ସୂତାର ଖିଅ ଖୋଲିଲା । ମନେ ମନେ କିରାଣୀର ଧୂର୍ତ୍ତ ବୁଦ୍ଧିକୁ ଶତ ସହସ୍ର ପ୍ରଣାମ ଜଣାଇଲେ ଅବିନାଶ ବାବୁ । ଘରକୁ ନଯାଇ ସିଧା ଚାଲିଲେ ଦାନ୍ତ ଡାକ୍ତରଙ୍କ କ୍ଲିନିକ୍‌କୁ । ମିଛରେ କହିଲେ ମୋ ଛାମୁ ଦାନ୍ତ ଯୋଡ଼ାକ ମୋତେ ବହୁତ କଷ୍ଟ ଦେଉଛି । ଏ ଦୁଇଟିକୁ ଶୀଘ୍ର ଉଠାଇଦିଅ । ଡାକ୍ତର ଆଶ୍ଚର୍ଯ୍ୟ ହେଲେ ମଧ୍ୟ ଗରାଖ ଈଶ୍ୱର ତାଙ୍କ କଥା ଅମାନ୍ୟ ବା ହେବ କିପରି ?

ଡାକ୍ତର, ଅବିନାଶ ବାବୁଙ୍କୁ ବେଡ୍ ଉପରେ ଶୁଆଇ ଦେଲେ । ଦାନ୍ତ ମୂଳରେ ଦୁଇଟି ଇଞ୍ଜେକ୍‌ସନ୍ ଦେଲେ । କିଛି ସମୟ ଉତ୍ତାରୁ ଫୋର୍‌ସେପ୍‌ରେ ଦାନ୍ତ ଯୋଡ଼ିକ ଉଠାଇ ଆଣିଲେ । କିଛି ଔଷଧ ଲେଖିଦେଇ ପ୍ରେସ୍‌କ୍ରିପ୍‌ସନ୍‌ଟିକୁ ଧରାଇଦେଲେ ଅବିନାଶ ବାବୁଙ୍କ ହାତରେ । କେସ୍ କାଉଣ୍ଟର୍‌ରେ ଫିସ୍ ଡିପୋଜିଟ୍ କରି ଘରକୁ ଫେରିଲେ ସେ ।

ଫେରିବା ବାଟରେ ଚିନ୍ତା କରୁଥିଲେ ମହାକାଳର ଗତି ଆଉ ଶକ୍ତିକୁ । ମଣିଷ ଜୀବନର ନିଦାରୁଣ ଆଉ ନିଷ୍ଠୁର ସତ୍ୟକୁ ।

Digitized by PPRACHIN, SOA

ମୋହନ ଦାସ

ଟୋକା ଖଣ୍ଡିଏ ଉଡୁରିଛି କହିବ ମୋହନପୁର ଗାଁରେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ହେତୁ ହେଲା ଦିନୁ ମୋହନ ଦାସ ସମସ୍ତଙ୍କ କାମରେ ଆସିଛି । ଗାଁ ଗୋଟାଯାକର ଆଗ ଡାକରା ସେ । ଆଖପାଖ ପଚିଶି ଖଣ୍ଡ ଗାଁରେ ସୁବଧା ଅସୁବିଧାରେ ସେ ଯାଇ ହାଜର । ନ୍ୟାୟ ନିଶାପରେ ବସିଲେ କେତେଆଡୁ କେତେ ଉଦାହରଣ ଦେଇ ଶାସ୍ତ୍ର, ଭାଗବତ, ଗୀତା, ଉପନିଷଦର ଏମିତି ବ୍ୟାଖ୍ୟା କରେ ଯେ ଗଣ୍ଡଗୋଳ ଭିଆଉଥିବା ଲୋକଗୁଡ଼ା ତା'ର ପଛଗୋଡ଼ାଣିଆ ବନିଯା'ନ୍ତି ।

Digitized by PPRACHIN, SOA

ମୋହନପୁର ଗାଁର ଆଗଧାଡ଼ିର ଚାଷୀ ରାଇମୋହନ ଦାସଙ୍କର ଏକମାତ୍ର ସନ୍ତାନ ସେ । ଉଚ୍ଚ ଶିକ୍ଷିତ । ଚାକିରି ନକରି ଗାଁ ଓ ମାଆର ସେବା କରିବା ପାଇଁ ଅଣ୍ଟା ଭିଡ଼ିଛି । ଛୋଟ ବେଳୁଁ ତା'ର ଏ ଅଭ୍ୟାସ । ଯେତେବେଳେ ଛୁଟିରେ ଗାଁକୁ ଆସେ କିଛି ନା କିଛି ଲୋକ ହିତକର କାମରେ ଗାଁ ଲୋକଙ୍କୁ ଭିଡ଼େଇଦିଏ । ସମୟ ଓ ଶକ୍ତି ଅପଚୟ କରିବା ତା'ର ନୀତି ବିରୁଦ୍ଧ ।

ମୋହନର ନେତୃତ୍ୱରେ ଗାଁରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ହୋଇଛି । ଗାଁ ଶିବ ମନ୍ଦିରର ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି । ଗାଁରେ ଗୋଟିଏ ହାଇସ୍କୁଲ୍ ପ୍ରତିଷ୍ଠା ହୋଇଛି । ଗାଁର ବ୍ରାଞ୍ଚ ପୋଷ୍ଟ ଅଫିସ୍ ସବ୍ ପୋଷ୍ଟ ଅଫିସ୍‌ରେ ପରିଣତ ହୋଇଛି । "ପୃଥିବୀର ସର୍ବବୃହତ୍ ଖୋଲା ଶୌଚାଳୟ ଯେ ଭାରତବର୍ଷ" ଏ ପ୍ରକାର ଅପନିନ୍ଦାରୁ ଗାଁକୁ ମୁକ୍ତ କରିଛି । ଗ୍ରାମ ପଞ୍ଚାୟତର ପ୍ରତି ଘରେ ଘରେ ଶୌଚାଳୟମାନ ସ୍ଥାପନ କରାଯାଇଛି । ପିଲାମାନଙ୍କୁ ଭିଡ଼ାଇ ଗାଁର ପରିମଳ ବ୍ୟବସ୍ଥା ଓ ପରିବେଶର ଉନ୍ନତି କଳ୍ପେ ଏକ କ୍ଲବ୍ ଗଢ଼ିଛି । ତିନିଶହ ଉଚ୍ଚ ଶିକ୍ଷିତ, ଶିକ୍ଷିତ ଏବଂ ଅର୍ଦ୍ଧ ଶିକ୍ଷିତ ପିଲାଙ୍କୁ ନେଇ ଏକ 'ଆଦର୍ଶ କ୍ଲବ୍' ଗାଁ ମାଟିରେ ମୁଣ୍ଡ ଟେକିଛି । ଗ୍ରାମ୍ୟ ରାସ୍ତାର ମରାମତି, ପୁଷ୍କରିଣୀ ଖନନ, ଦଳ ପୋଖରୀର ପୁନରୁଦ୍ଧାର, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ଅସ୍ପୃଶ୍ୟତା ଦୂରୀକରଣ, ନିଶା ନିବାରଣ, ରକ୍ତଦାନ ଶିବିରର ଆୟୋଜନ କରିବାରେ ଅଗ୍ରଣୀ ଅନୁଷ୍ଠାନ ଭାବେ ବର୍ଷ କେଇଟାରେ ଖୁବ୍ ନାଁ କମେଇଛି ଆଦର୍ଶ କ୍ଲବ୍ । ମୋହନପୁର ଗ୍ରାମ ପଞ୍ଚାୟତର ଗର୍ବ ଓ ଗୌରବ ମୋହନ ଦାସ ।

ସରପଞ୍ଚ ନିର୍ବାଚନ ପାଖେଇ ଆସୁଛି । ଏଥରକ କିନ୍ତୁ ଗାଁ ନିଷ୍ପତ୍ତି ହୋଇଛି କେବଳ ଗୋଟିଏ ମାତ୍ର ନାମାଙ୍କନ ପତ୍ର ଦାଖଲ କରାଯିବ । ଆଉ କେହି ନାମାଙ୍କନ ପତ୍ର ଭରିବେ ନାହିଁ । ଗାଁରେ ନିର୍ବାଚନ ହେବନାହିଁ । ପୂର୍ବ ନିର୍ବାଚନମାନଙ୍କ ପରି ଗ୍ରାମ ପଞ୍ଚାୟତ ଆଉ ରଣାଙ୍ଗନରେ ପରିଣତ ହେବ

Digitized by PPRACHIN, SOA

ନାହିଁ । ଦଳମତ ନିର୍ବିଶେଷରେ ଏଥରକ ସରପଞ୍ଚ ହେବ ମୋହନ ଦାସ । ମୋହନ ଦାସଙ୍କୁ ନେଇ ଗାଁ ଲୋକଙ୍କ ଆଖିରେ ଆଖିଏ ସ୍ୱପ୍ନ ମୋହନ ଦାସ ତାଙ୍କ ସରପଞ୍ଚ, ସରପଞ୍ଚରୁ ବ୍ଲକ୍ ଚେୟାର୍‌ମେନ୍, ଚେୟାର୍‌ମେନ୍‌ରୁ ଏମ.ଏଲ.ଏ. ଆଉ ଏମ୍.ଏଲ୍.ଏ.ରୁ ମନ୍ତ୍ରୀ ହେବ ।

ଆଜି ପର୍ଯ୍ୟନ୍ତ 'ମହୀଧରପୁର ନିର୍ବାଚନ ମଣ୍ଡଳୀର'ରୁ ଏମ୍.ଏଲ୍.ଏ.ରୁ ମନ୍ତ୍ରୀ ଓ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ହେଲେଣି ଦୁଇଜଣ ବାହାର ଲୋକ । ଏଥରକ କିନ୍ତୁ ଗାଁ ପୁଅ ଗାଁର ମାନ ରଖିବ । ଆଉ ଏ ଅଞ୍ଚଳ ଲୋକଙ୍କୁ ବାରମ୍ବାର ଭୁବନେଶ୍ୱର ଦୌଡ଼ି କାହା ପାଖରେ ଫେରାଦ ହେବାକୁ ପଡ଼ିବ ନାହିଁ । ଗୁଣ୍ଡାରାଜର ପରିସମାପ୍ତି ହେବ । ଗାନ୍ଧୀବାଦ ପୁଣିଥରେ ପ୍ରତିଷ୍ଠିତ ହେବ । ଓଡ଼ିଶାର ବରପୁତ୍ର, ସମାଜବାଦର ଭଗୀରଥ ୰ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କର ସମାଜବାଦର ଅଧୁରା ସ୍ୱପ୍ନ ସତ୍ୟରେ ପରିଣତ ହେବ ।

ହଠାତ୍ ନାମାଙ୍କନ ପତ୍ର ଦାଖଲ କରିବାର ସପ୍ତାହେ ପୂର୍ବରୁ ଗାଁ ରାଜନୀତିର ଦୃଶ୍ୟପଟ୍ଟ ବଦଳିଗଲା । ଗାଁରେ ସୃଷ୍ଟି ହେଲା ମତପାର୍ଥକ୍ୟ ।ଦଳ ଦଳ ହୋଇ ଗାଁ ଲୋକେ ଏଠି ସେଠି ଫୁସ୍‌ଫାସ୍, ଟୁପୁରୁ ଟାପର ହେଲେ । ରାତି ଅଧିଆ ବାହାର ଇଲାକାର ଚାରିଚକିଆ ଗାଡ଼ି ସବୁ ଗାଁରେ ପଶିଲା । ଅଚିହ୍ନା ଅଜଣା ଟୋକା ସବୁ ଗାଡ଼ି ଭର୍ତ୍ତି ହୋଇ କି ଦିନ କି ରାତି ଗାଁରେ ବୁଲିଲେ । ଗାଁ ବଜାରରେ ଆଡ୍ଡା ଜମେଇଲେ । ଧମକ ଚମକରେ ବାତାବରଣ ସୃଷ୍ଟି କଲେ । ସରଳ ନିରୀହ ଗାଁ ଲୋକଙ୍କ ମନରେ ଅଯଥା ଭୀତି ସଂଞ୍ଚାର କଲେ । ଜୀବନରୁ ମାରିଦେବାର ଧମକ ବି ଦେଲେ । ପୋଲିସ୍‌ରେ ଜଣାଇଲେ ପରିଣାମ ଭୟଙ୍କର ହେବ ବୋଲି ଖୁଲମ୍‌ଖୁଲା କହି ଚାଲିଲେ । ଧମକ ଦେବା ଛଳରେ ଘୋଷଣା କଲେ ସବୁ ଦଳର ପ୍ରାର୍ଥୀ ନାମାଙ୍କନ କରିବେ । ତେଣିକି ତୁମର ଯାହାକୁ ଇଚ୍ଛା ଭୋଟ ଦେବ । ଏଥିରେ ଅସୁବିଧା ରହିଲା କେଉଁଠି ?

Digitized by PPRACHIN, SOA

ଅଜଣା ଇଲାକାର ଲୋକମାନଙ୍କର ଅକାଟ୍ୟ ଯୁକ୍ତି ପାଖରେ ଗାଁ ଲୋକଙ୍କ ପାଟିରୁ କଥା ପଦିଏ ବି ବାହାରିଲା ନାହିଁ । ଅଗତ୍ୟା ସ୍ଥିର ହେଲା ସବୁ ଦଳରୁ ନାମାଙ୍କନ ପତ୍ର ଦାଖଲ ହେବ । ମାତ୍ର ଗାଁର ଗୁପ୍ତ ବୈଠକରେ ସିଦ୍ଧାନ୍ତ ହେଲା ଗାଁର ହିତ ଦୃଷ୍ଟିରୁ ଗଣ୍ଡଗୋଳ ଏଡ଼ାଇବା ପାଇଁ ପିଲାମାନେ ବିଭିନ୍ନ ଦଳର ପ୍ରତିନିଧି ଭାବେ ନାମାଙ୍କନ ପତ୍ର ଦାଖଲ କରିବେ । କିନ୍ତୁ ସବୁ ଭୋଟ ନିର୍ଦ୍ଦଳୀୟ ପ୍ରାର୍ଥୀ ମୋହନ ଦାସଙ୍କୁ ଯିବ । ସେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ପାଇବେ ଏବଂ ଅନ୍ୟମାନଙ୍କରଅମାନତ ରହିବ ନାହିଁ । ଗାଁ ପାଇଁ କ'ଣ ଏତିକି ତ୍ୟାଗ ପିଲାମାନେ କରିବେ ନାହିଁ । ମୁରବୀ ମାନଙ୍କର ପ୍ରଶ୍ନରେ ସମସ୍ତେ ଏକମତ ହେଲେ ।

ଏସବୁ ସତ୍ତ୍ୱେ ବି ଗାଁ ପିଲାମାନେ ସତର୍କ ରହିଲେ । ନାମାଙ୍କନ ପତ୍ର ଦାଖଲର ଦୁଇଦିନ ପୂର୍ବରୁ ପାଳିକରି ମୋହନ ଦାସଙ୍କ ଘରେ ପିଲାମାନେ ତାଙ୍କୁ ଜଗିକରି ରାତିରେ ଶୋଇଲେ । ମୋହନ ଦାସଙ୍କ ନିଜ ଉପରେ ଗଭୀର ବିଶ୍ୱାସ ଥିଲା । ସେ ଯେତେ ବାରଣ କଲେ ମଧ୍ୟ ପିଲାମାନେ କିଛି ବୁଝିଲେ ନାହିଁ ।

ଆଗାମୀ କାଲିର ସ୍ୱପ୍ନରେ ଗାଁର ଯୁବଗୋଷ୍ଠୀ ବିଭୋର ଥିଲେ । ନୂତନ ଏକ ସୂର୍ଯ୍ୟୋଦୟକୁ ସେମାନେ ଅପେକ୍ଷା କରିଥିଲେ । 'ପରିବର୍ତ୍ତନର ସ୍ୱର', 'ମେକ୍ ଇଣ୍ଡିଆ', 'ଷ୍ଟାର୍ଟ ଅପ୍ ଇଣ୍ଡିଆ', 'ଆଚ୍ଛାଦିନ ଆୟେଗା'ର ସ୍ୱପ୍ନରେ ସେମାନେ ଏକ ନୂତନ ଭାରତବର୍ଷର ପରିକଳ୍ପନା କରୁଥିଲେ । ମୋହନ ଦାସ କରମ ଚାନ୍ଦ ଗାନ୍ଧୀଙ୍କୁ ସେମାନେ ମୋହନ ଦାସ ଭିତରେ ଖୋଜି ପାଇଥିଲେ ।

ଦକ୍ଷିଣ ଆଫ୍ରିକାର କଳା ଗୋରା ବର୍ଣ୍ଣ ବୈଷମ୍ୟ ଆଉ ବିଦ୍ୱେଷ ବିରୁଦ୍ଧରେ ସଂଗ୍ରାମ କରି ଓକିଲାତି ବ୍ୟବସାୟ ଛାଡ଼ି ନିଜ ମାତୃଭୂମିରୁ ଗୋରାଙ୍କୁ ହଟାଇବା ପଣ କରି ଯେଉଁ ମହାମାନବ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ,

Digitized by PPRACHIN, SOA

ମୋହନପୁରର ମୋହନ ଦାସ ମହାତ୍ମାଙ୍କର ଅବିକଳ ସେହି ପ୍ରତିଛବି ଥିଲା । ମୋହନ ଦାସଙ୍କ ନିଷ୍ଠା, ପ୍ରତିବଦ୍ଧତା ପ୍ରମାଣିତ କରିବା ପାଇଁ ଯେଉଁ ସୁଯୋଗ ଟିକକ ଗାଁ ଲୋକମାନେ ପାଇଛନ୍ତି ତାକୁ ସେମାନେ ହାତଛଡ଼ା କରନ୍ତେ ବା କିପରି ? ଗାଁ ମୁଖିଆଙ୍କର ନିର୍ଦ୍ଦେଶ ଥିଲା ନିର୍ବାଚନରେ ଫଳାଫଳ ଘୋଷଣା ହେବା ପର୍ଯ୍ୟନ୍ତ ସମସ୍ତଙ୍କର ନଜରରେ ଯେପରି ମୋହନ ରହେ । ସେ ପାଇଁ ବଛା ବଛା ଟୋକାଙ୍କର ଏକ ତାଲିକା ପ୍ରସ୍ତୁତ ହେଲା ।

ନାମାଙ୍କନ ପତ୍ର ଦାଖଲର ପୂର୍ବ ଦିନ ରାତିର ନିର୍ଜନ ନିଃଶବ୍ଦ ପ୍ରହରରେ ଏକ ଭୀଷଣକାୟ ଶବ୍ଦରେ ଗାଁ ମାଟି ଥରି ଉଠିଲା । ସମସ୍ତେ ଆତଙ୍କିତ ହୋଇପଡ଼ିଲେ । ପର ପର ଆଉ ଦୁଇ ତିନୋଟି ଶବ୍ଦ । ତା'ପରେ ସବୁ ଚୁପ୍‌ଚାପ୍ । ତିନି ଚାରିଟି ମଟରଗାଡ଼ି ଆଉ ଖଣ୍ଡିଏ ଟ୍ରକ୍ ଗାଁ ରାସ୍ତା ଦେଇ ବିଜୁଳି ବେଗରେ ସହର ଆଡ଼େ ମୁହାଁଇଲା । ଗାଡ଼ି ଅଟକାଇବା ପାଇଁ କାହାରି ଯୁ' ପାଇଲା ନାହିଁ । ଗାଁ ଗୋଟା ଯାକର ଆଉ ଆଖପାଖ ଗାଁର ଲୋକେ ଗଦା ହୋଇ ପଡ଼ିଲେ । ରାଇମୋହନ ଦାସଙ୍କ ଗେଟ୍ ପାଖରେ ଆଉ ଦାଣ୍ଡ ଅଗଣାରେ ହାତ ବୋମା ପଡ଼ିଛି । ଶାସକ ଦଳର ଗୁଣ୍ଡାମାନେ ହାତ ବୋମା ଫୁଟାଇ ମୋହନ ଦାସଙ୍କୁ ପଣବନ୍ଦୀ ଭାବେ ଉଠାଇ ନେଇଛନ୍ତି । ଏହା ଶାସକ ଦଳର ବିଧାୟକ ଓ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହୋଇଛି । ରାଇମୋହନଙ୍କ ଘରେ ସେମାନେ ଏକ ଧମକପୂର୍ଣ୍ଣ ଚିଠି ଛାଡ଼ି ଯାଇଛନ୍ତି । ଯାହାର ବିଷୟବସ୍ତୁ ଏହିପରି : ପୁଅର ଯଦି ସର୍ବନାଶ ନ ଚାହଁ ତେବେ ନିମ୍ନୋକ୍ତ ଏସ୍.ଟି.ଡି. ବୁଥକୁ ଫୋନ୍ କରିବ । ଆମ ଦଳର ପ୍ରାର୍ଥୀ ଭାବେ ଯଦି ତୁମେମାନେ ରାଜି ହେବ ତେବେ ତୁମ ପୁଅ ଅକ୍ଷତ ଅବସ୍ଥାରେ ଯାଇ ମନୋନୟନ ପତ୍ର ଦାଖଲ କରିବ । ଏକଥା ପ୍ରଘଟ କଲେ କିମ୍ବା ପୋଲିସ୍‌କୁ ଜଣାଇଲେ ଆମର ତ କିଛି କ୍ଷତି ହେବ ନାହିଁ ବରଂ ତୁମ ଗାଁଟା ମଶାଣୀ ଭୂଇଁ ପାଲଟି ଯିବ । ଆଉ ତୁମର ବଂଶ ମଧ୍ୟ ବୁଡ଼ିଯିବ । ତୁମକୁ ପିଣ୍ଡ ବାଢ଼ିବା ପାଇଁ କେହି ନଥିବେ ।

Digitized by PPRACHIN, SOA

ଚିଠିଟାକୁ ଆମୂଳ ଚୂଳ ପଢ଼ିଗଲେ ରାଇମୋହନ । ଚାରିଆଡ଼ ତାଙ୍କୁ ଅନ୍ଧାର ଦିଶିଲା । ଗାଁର ମୁଖିଆମାନେ ଜଣ ଜଣ କରି ଚିଠିଟିକୁ ବାରମ୍ବାର ପଢ଼ିବାକୁ ଲାଗିଲେ । ସେମାନଙ୍କ ମୁଣ୍ଡରେ ବୁଦ୍ଧିଟିଏ ପଶିଲା । କାଳ ବିଳମ୍ବ ନକରି ରାଇମୋହନଙ୍କ ଦାଣ୍ଡରେ ମିଟିଂଟିଏ ବସିଲା । ସିଦ୍ଧାନ୍ତ ନିଆଗଲା ମୋହନ ଶାସକ ଦଳର ପ୍ରାର୍ଥୀ ହେବେ । ଗାଁ ଲୋକଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତଟିଏ ଲେଖି ଗାଁର ପଞ୍ଚମାନେ ବାହାରିଲେ ଚିଠିରେ ଲେଖାଥିବା ଏସ୍.ଟି.ଡି. ବୁଥକୁ । ଯେତେହେଲେ ବି ସେମାନେ ମୋହନର ଗୁରୁଜନ, ଶୁଭେଚ୍ଛୁ । ତାକୁ ଆଶୁ ବିପଦରୁ ରକ୍ଷା କରିବାକୁ ହେବ । ଏସ୍.ଟି.ଡି. ବୁଥକୁ ଯାଇ ସେମାନଙ୍କୁ ଦରଖାସ୍ତ ଦେଇ ଆପୋଷ ସମାଧାନ କରିବାକୁ ହେବ । ଫୋନ୍‌ରେ କଥା ହେଲେ ପିଲାର ମଙ୍ଗଳ ବଦଳରେ ଅମଙ୍ଗଳ ଘଟିବାର ଆଶଙ୍କା ବେଶୀ । ଗାଁ ପିଲାଏ ବି ରାଜି ହୋଇଗଲେ । ସେମାନଙ୍କର ସବୁ ସ୍ୱପ୍ନ, ସବୁ ଆଦର୍ଶ ପାଣି ଫୋଟକା ପରି ନିମିଷକରେ ମିଳେଇଗଲା । ଆଦର୍ଶ ପୁତ୍ରର ଆଦର୍ଶ ପିତା ବିଚରା ରାଇମୋହନ । ଆକାଶର ନୀଳିମାକୁ ଚାହିଁ ଶୂନ୍ୟରେ ଗାର ଟାଣୁଥାଏ । ଆଉ ଭାବୁଥାଏ ଆଗାମୀ କାଲିର ସୂର୍ଯ୍ୟୋଦୟ କଥା । ରାତ୍ରିର ଘନ ଅନ୍ଧାର ସକାଳର ସୂର୍ଯ୍ୟାଲୋକରେ ମିଳେଇ ଯିବ । ମୋହନ ଦାସର ରୂପାନ୍ତର ହେବ । ଧର୍ମାଶୋକରୁ ସେ ବନିଯିବ ଚଣ୍ଡାଶୋକ । ଭଣ୍ଡ ଶାସକ ଦଳର ଭଣ୍ଡ ରାଜନେତା ।

ନିଜକୁ ସମ୍ଭାଳି ପାରିଲେ ନାହିଁ ରାଇମୋହନ । ପାଗଳଙ୍କ ପରି ଚିତ୍କାର କଲେ । ଶୂନ୍ୟ ଆକାଶକୁ ହାତ ଠାରି କହିଲେ "ହେ ମହାତ୍ମା ! ଜାତିର ଜନକ ! ଆଣ୍ଠୁ ଲୁଚୁ ନଥିବା ଧୋତି ଖଣ୍ଡିଏ ପିନ୍ଧି, ଠେକାଟିଏ ମୁଣ୍ଡରେ ଭିଡ଼ି, ଠେଙ୍ଗା ଖଣ୍ଡିଏର ଆଶ୍ରୟ ନେଇ, ଲଙ୍ଗଳା ଫକୀର ସାଜି ତୁମେ ସାରା ପୃଥିବୀକୁ ଡରାଇ ପାରିଥିଲ । ସାରା ପୃଥିବୀ ତୁମ ଭୟରେ ଥରହର ହେଉଥିଲା । ଉଇନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କ ପରି ଭୟଙ୍କର ରାଜନେତା ତୁମକୁ ଦେଖିଲେ ଭୟରେ ଥରୁଥିଲେ ।

Digitized by PPRACHIN, SOA

ହେଲେ ମୁଁ ମୋହନପୁର ଗାଁର ମୋହନ ଦାସର ପିତା ରାଇମୋହନ ଦାସ ଆଜି ତୁମକୁ ଆଉଥରେ ନିମନ୍ତ୍ରଣ କରୁଛି । ଆସନ୍ତା କାଲିର ନାମାଙ୍କନ ପତ୍ର ଦାଖଲ କର । ସରପଞ୍ଚ ପାଇଁ ନୁହେଁ ସାମାନ୍ୟ ୱାର୍ଡ଼ ମେମ୍ବରଟେ ପାଇଁ । ଶାସକ ଦଳର ଜଣେ ପ୍ରତିପକ୍ଷ ୱାର୍ଡ଼ ମେମ୍ବର ବିରୁଦ୍ଧରେ ତୁମେ ନିର୍ବାଚନ ଲଢ଼ । ଦେଖିବା କିଏ ଜିତୁଛି ? ତୁମେ ଜାତିର ଜନକ ମହାତ୍ମାଗାନ୍ଧୀ ନା ତୁମର ପ୍ରତିପକ୍ଷ ନାଥୁରାମ ବିନାୟକ ଗଡ଼୍‌ସେ । ତୁମେ ତୁମର ସମସ୍ତ ପରିଚୟର ପ୍ରଚାରପତ୍ର ବାଣ୍ଟ । ରୁଜ୍‌ଭେଲ୍‌ଟଙ୍କର ଦସ୍ତାବିଜ୍, ଚର୍ଚ୍ଚିଲ୍‌ଙ୍କର ତୁମ ପାଖକୁ ପଠାଇଥିବା ପତ୍ରର ନକଲ, ବିଶ୍ୱର ବିସ୍ମୟ ତୁମର ସୁଦର୍ଶନ ଚକ୍ର ରୂପୀ ଚରଖା । ସବୁ କାନ୍ଥବାଡ଼ରେ ଲଗାଇଦିଅ । ଦେଖିବ ତୁମେ ନିଶ୍ଚୟ ହାରିବ । ହାରିବ ତ ନାହିଁ, ତୁମର ଅମାନତ ଉଡ଼ିଯିବ । ଆଉ ତୁମର ପ୍ରତିପକ୍ଷ ହେବ ବିଜୟଶ୍ରୀ ବିମଣ୍ଡିତ ।

Digitized by PPRACHIN, SOA

Digitized by PPRACHIN, SOA

ଆଁଲାଭୂତ

ଭୂତକୁ କିଏ ବା ନ ଡରେ । ଗହଳ ଆମ୍ବତୋଟା ଭିତରେ ରାତି ଟିକକ ଆଶ୍ରୟ ନେବା ପାଇଁ ମାହୁନ୍ତମାନେ ସେମାନଙ୍କ ହାତୀ ପଲ ସହ ପହଞ୍ଚିଥା'ନ୍ତି । ରାତିର ସେହି ଘନଘଟା ଗହଳ ଅନ୍ଧାର ଭିତରେ ନିଜ ଦେହକୁ ଟିକେ ଆରାମ ଦେବା ପାଇଁ ହାତୀ ପଲ ଯେତେବେଳେ କଡ଼ ଲେଉଟାନ୍ତି, ସେମାନଙ୍କ ବେକରେ ବନ୍ଧା ହୋଇଥିବା ଘଣ୍ଟି ଘାଗୁଡ଼ି ଶବ୍ଦରେ ଶବ୍ଦାୟିତ ହୋଇଯାଏ ଖଣ୍ଡମଣ୍ଡଳ । ମା' କୋଳରେ ଶୋଇଥିବା ପିଲାମାନେ ଚିରିଚିରେଇ ଉଠନ୍ତି । ମା' ସେମାନଙ୍କୁ କହେ 'ଚୁପ୍‌ଚାପ୍ ଶୋଇପଡ଼ । ନହେଲେ ଭୂତ ଆସିବ । ଘଣ୍ଟି ବନ୍ଧା ଭୂତ ଘଣ୍ଟି ବଜେଇଲାଣି ।' ମା' କୋଳରେ ଜାକିଜୁକି

Digitized by PPRACHIN, SOA

ହୋଇ ପିଲାମାନେ ଏକାବେଳେ ଚୁପ୍ ହୋଇ ଯାଆନ୍ତି ।

ମେଘ ମେଦୁର ରାତ୍ରିର ସୁଉ ସୁଉ ପବନ ଶବ୍ଦରେ ରାସ୍ତା କଡ଼ରେ ବାଉଁଶ ବୁଦାଗୁଡ଼ାକ ଯେତେବେଳେ ରାସ୍ତା ଉପରକୁ ନଇଁ ଆସେ ରାସ୍ତାରେ ଆସୁଥିବା ଶ୍ରାନ୍ତ-କ୍ଳାନ୍ତ ପଥିକଟି ଭାବେ ଆଜି ଶନିବାର, ଅମାବାସ୍ୟା ରାତି । ନିଶ୍ଚୟ ଭୂତଟା ମୋର ବାଟ ଓଗାଳୁଛି । ଶଙ୍କିଯାଇ ପଛକୁ ହଟିଯାଏ । 'ଜୟ ହନୁମାନ ଜ୍ଞାନ ଗୁଣ ସାଗର' ଦୋହା ଆବୃତ୍ତି କରିବସେ । ତା' ହାତରେ ଥିବା ସାଇକେଲ୍‌ର ହେଣ୍ଡଲଟାକୁ ଶକ୍ତ କରି ଜାବୋଡ଼ି ଧରେ । ଲୁହା ହାତରେ ଥିଲେ ଭୂତ କୁଆଡ଼େ ପାଖ ମାଡ଼େନି ବୋଲି ଆଈମା କାହାଣୀମାଳାରୁ ସେ ପଢ଼ିଛି । ପବନର ବେଗ କମିଯାଏ । ବାଉଁଶ ବୁଦାଟି ରାସ୍ତାରୁ ଉପରକୁ ଉଠିଯାଏ । ପଥିକଟି ଭାବେ ଏହା ହନୁମାନ ଚାଳିଶାର କରାମତି । ତା' ପରଦିନ ସକାଳେ ଗାଁରେ ଡେଙ୍ଗୁରା ପିଟେ 'ସମସ୍ତେ ହନୁମାନ ଚାଳିଶା ପଢ଼' । ଭୂତ ଆଉ ପାଖ ମାଡ଼ିବ ନାହିଁ ବୋଲି ଦୃଢ଼ ଧାରଣା ସେମାନଙ୍କ ମନରେ ସୃଷ୍ଟି ହୁଏ ।

ଏତ ଗଲା ଅନ୍ଧାର ରାତିରେ ଭୂତର ଦୌରାତ୍ମ୍ୟର କଥା ଓ କାହାଣୀ । ମାତ୍ର ଛଣ, ବାଉଁଶ, ମାଠିଆ, ଚୂନ, କଳା, ହାପ୍ ସାର୍ଟ ଆଉ ନାଲି ଅଳତାରେ ହାତଗଢ଼ା ଭୂତଗୁଡ଼ାକ ଆହୁରି ପ୍ରମାଦ ସୃଷ୍ଟି କରନ୍ତି । ରାତ୍ରିର କଳା ଅନ୍ଧାରରେ ଭୂତର କଳା କାରନାମା ସିନା ଆରମ୍ଭ ହୁଏ ମାତ୍ର ମଣିଷ ତିଆରି ଭୂତର କାରନାମା ସ୍ୱଚ୍ଛ ଦିବାଲୋକରେ ବି ଆରମ୍ଭ ହୋଇଯାଏ । କାରଣ ସେ 'ପାଳଭୂତ' ।

ଏ ଭୂତ କେବଳ ମଣିଷକୁ ସାହାଯ୍ୟ କରେନାହିଁ । ତା'ର କ୍ଷତି ମନାସୁଥିବା ଗାଈଗୋରୁ, ଛେଳି, ମେଣ୍ଢା, ଚୋର ତସ୍କର ସମସ୍ତଙ୍କ ପାଇଁ କି ଦିନ କି ରାତି ସେ ଭୀଷଣ ଭୀତି ସଂଚାର କରିଥାଏ । ତା' ବିଶାଳ ପାଟିର

Digitized by PPRACHIN, SOA

ନାଲି ନାଲି ଗୋଜିଆ ଦାନ୍ତକୁ ଦେଖିଲେ ଯେ କେହି ଡରିଯିବ । ଗାଈଗୋରୁ ଛାନିଆଁରେ ବାଡ଼ ପାଖ ମାଡ଼ନ୍ତି ନାହିଁ । କ୍ଷେତକୁ ପଶିବା ତ ଦୂରର କଥା କ୍ଷେତର ଫସଲ ଆଡ଼େ ନଜର ନପକାଇ ଲାଞ୍ଜ ଟେକି ଦୌଡ଼ ପ୍ରତିଯୋଗିତା ଆରମ୍ଭ କରି ଦିଅନ୍ତି । ଆଉ ଚୋର ତସ୍କରମାନେ ରାତିରେ ଫସଲ ଚୋରି କରିବାକୁ ଆସିଲା ବେଳେ ଦେଖନ୍ତି କିଏ ଜଣେ ବିଶାଳ ମୂର୍ତ୍ତି ଧରି ଫସଲ ଜଗିଛି । ଭୟରେ ସ୍ଥାନ ଛାଡ଼ି ଚାଲିଯାଆନ୍ତି ସେମାନେ । ମାଲିକ ତା'ର ବିଶ୍ୱସ୍ତ ପଣିଆରେ ମୁଗ୍ଧ ହୋଇ ତା' ଦେହର ଯତ୍ନ ନେଇଥାଏ । ତା' ଦେହରେ ଟଙ୍ଗା ଯାଉଥିବା ହାଫ୍ ସାର୍ଟଟିକୁ ଭଲ କରି ବାଗେଇଦିଏ । ତା'ର ମୁଣ୍ଡଟାକୁ ରାସ୍ତା ଆଡ଼କୁ ଟିକେ ବୁଲାଇ ଦେଇ ତା' ଦେହକୁ ଝାଡ଼ିଝୁଡ଼ି ଦିଏ । ପରମ ତୃପ୍ତି ମିଳେ ପାଳଭୂତକୁ । ସକାଳର କାକର ଭିଜା ବୁଢ଼ିଆଣୀ ଜାଲକୁ ତା' ଦେହରୁ ସଫା କଲାବେଳେ ମାଲିକ ଦେହ ଆଉଁସି ଦେଇ କହେ 'ପାଳଭୂତ ! ମୋ କ୍ଷେତ, ମୋ ବାଡ଼, ମୋ ଫସଲ ତୋତେ ଲାଗିଲା ।' ପାଳଭୂତର ମନ ଖୁସିରେ କୁଣ୍ଢେମୋଟ ହୋଇଯାଏ ।

ଫସଲ ଅମଳ ସମୟ ଉପନୀତ ହୁଏ । ମାଲିକ ଅପେକ୍ଷା ପାଳଭୂତର ଆନନ୍ଦ କହିଲେ ନସରେ । ଅକ୍ଷତ ଅବସ୍ଥାରେ ତା'ର ମାଲିକକୁ କ୍ଷେତର ଫସଲ ସେ ଭେଟି ଦେବ । ତା'ର ବିଶ୍ୱସ୍ତତାର ପ୍ରମାଣ ଦେବ ମାଲିକ ପାଖରେ ।

ମାଲିକ ଆସେ । ଲୋକ ଲଗାଇ ଫସଲ ଅମଳ କରିନିଏ । ବାଡ଼ ଖୋଲିଦେଇ କଣ୍ଟାଝଟାକୁ ତା' ଘରକୁ ବୋହିନିଏ । ତା'ର ମୂଲିଆକୁ କହେ ସେ ପାଳଭୂତଟାକୁ ଓପାଡ଼ି ଫୋପାଡ଼ି ଦେଇ ଆସିବୁ । ମୂଲିଆ ପୁଅଟି କାଳ ବିଳମ୍ବ ନକରି ପାଳଭୂତ ଛିଡ଼ା ହୋଇଥିବା ବାଉଁଶଟାକୁ ଓପାଡ଼ି ଫୋପାଡ଼ି ଦିଏ । ପାଳଭୂତର ମୁଣ୍ଡଗଣ୍ଡି ଦି'ଟା ଅଲଗା ହୋଇଯାଏ । କ୍ଷେତରେ ଗଣ୍ଡି ଠାଏ ପଡ଼େ ତ ମୁଣ୍ଡ ଠାଏ ଗଡ଼େ ।

Digitized by PPRACHIN, SOA

କ୍ଷେତ ଛାଡ଼ି ମାଲିକ ଆଉ ମୂଲିଆ ପୁଅ ଚାଲିଯାଆନ୍ତି । ଗାଈଗୋରୁମାନଙ୍କର ଚାଲେ ରାଜୁତି । ସେମାନେ ବାଡ଼ ନଥିବାରୁ କ୍ଷେତ ଭିତରକୁ ପଶିଆସନ୍ତି । ପାଳଭୂତର ଗଣ୍ଡିରୁ ପୁଳା ପୁଳା କରି ପାଳ ଆଉ ପାଳ ଦଉଡ଼ି ଚୋବଇ ଖାଇଯାଆନ୍ତି । ଗୋରୁଙ୍କ ଖୁରାବାଜି ପାଳଭୂତର ମୁଣ୍ଡଟା ଛତୁ ହୋଇଯାଏ । ପାଳଭୂତର ସବୁ ସ୍ୱପ୍ନ ହଜିଯାଏ ।

ବିଚରା ପାଳଭୂତଟା ଶୂନ୍ୟ ଆକାଶକୁ ନିରେଖି ଦେଖୁଥାଏ ଆଉ ଭାବୁଥାଏ ତା'ର ବିଶ୍ୱସ୍ତତାର ପ୍ରତିଦାନର କଥା । ମଣିଷର ଅମଣିଷପଣିଆ କଥା । ଗାଈଗୋରୁଙ୍କ ଟାପୁର ଆଘାତ ସହି ନପାରି ଚିତ୍କାର କରି କହେ ଦାନର ପ୍ରତିଦାନ କ'ଣ ଏୟା ? ସଚ୍ଚୋଟ ପଣିଆର ପୁରସ୍କାର କ'ଣ ନିର୍ଯ୍ୟାତନା ? ଉପକାରୀର ଉପକାର ମଣିଷ କ'ଣ ଏହିପରି ଶୁଝିଥାଏ ? ହାଏରେ ପାଳଭୂତ ! ତୁ ଶେଷରେ କାହାର ହେଲୁ କହ । ନା ବାଡ଼ର, ନା କ୍ଷେତର, ନା ଫସଲର, ନା ମାଲିକର ?"

Digitized by PPRACHIN, SOA

ତୁଠ ପଥର

ଆଦିମ ସଭ୍ୟତାରୁ ଆଧୁନକ ସଭ୍ୟତା ଯାଏ, ପୃଥିବୀ ପୃଷ୍ଠରୁ ମଙ୍ଗଳ ଗ୍ରହ ଯାଏ ସବୁଠି ମଣିଷର ସନ୍ଧାନୀ ଆଖି ଖୋଜିବୁଲେ ବାଲିଗରଡ଼ାରେ ଗଡ଼ା ପଥର ଖଣ୍ଡିକୁ । ଭୂସ୍ଖଳନରେ ଧସି ଆସୁଥିବା ପାହାଡ଼ର ପଥର ଖଣ୍ଡ ହେଉ ବା ମୁଣ୍ଡିଆ ପାହାଡ଼କୁ ଡିନାମାଇଟ୍ ଲଗାଇ ଫଟା ଯାଉଥିବା ପଥର ଖଣ୍ଡ ହେଉ । କଳା ମୁଗୁନି ପଥର ହେଉ, ହୀରା ପଥର ହେଉ, ରତ୍ନ ପଥର ହେଉ ଅବା ଗ୍ରାନାଇଟ୍ ପଥର କିମ୍ବା ମାଙ୍କଡ଼ା ପଥର ହେଉ ସେସବୁର ଆବଶ୍ୟକତା ମଣିଷର ମୌଳିକ ଆବଶ୍ୟକତାରୁ ଉର୍ଦ୍ଧ୍ୱରେ । କେବଳ ଗଣ୍ଡେ ଖାଇ, ଖଣ୍ଡେ ପିନ୍ଧି, ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଖଣ୍ଡିଏ ଯୋଗାଡ଼ ହୋଇଗଲେ ଯେ ସବୁକିଛି ଆବଶ୍ୟକତା ମଣିଷର ମେଣ୍ଟିଗଲା

Digitized by PPRACHIN, SOA

ତାହା ଠିକ୍ ନୁହେଁ । ସଭ୍ୟ ସମାଜ, ସମୃଦ୍ଧ ସମାଜ, ସଂସ୍କୃତି ସମ୍ପନ୍ନ ସମାଜ ଆହୁରି ଅନେକ କିଛି ଆବଶ୍ୟକ କରିଥାଏ ।

ପଥର ମଣିଷ ପାଇଁ ଅତ୍ୟାବଶ୍ୟକ ପଦାର୍ଥ । ତା' ପ୍ରତି ଯେତେ ଅନ୍ୟାୟ ଅବିଚାର କଲେ ମଧ୍ୟ ସେ ନିର୍ବିକାର, ସ୍ଥିତ ପ୍ରଜ୍ଞ । ସେ ଅଗ୍ନି ଉଦ୍‌ଗୀରଣର ଉତ୍ସ । ଡିନାମାଇଟ୍ ପରି ଉଗ୍ର ବିସ୍ଫୋଟକରେ ତା'ର ବିଶାଳକାୟ ଶରୀରକୁ ଛିନ୍‌ଭିନ୍ କରି ମଣିଷ ନିଜର ଚାହିଦା ଓ ଫାଇଦା ଅନୁଯାୟୀ ଯନ୍ତ୍ରଚାଳିତ ମେସିନ୍ ସାହାଯ୍ୟରେ ଖଣ୍ଡ ବିଖଣ୍ଡ କରି ପକାଏ ତା'ର ବିଶାଳ ବପୁକୁ । ସେପାଇଁ ପଥରର ଟିକେ ମାତ୍ର ଦୁଃଖ ନଥାଏ । ମଣିଷର ଉପକାରରେ ଆସିପାରୁଥିବାରୁ ନିଜକୁ କୃତ୍ୟ କୃତ୍ୟ ମନେକରେ ।

ଏମିତି ଏକ ଖିଆଲି ଭାବନାରେ ବଶବର୍ତ୍ତୀ ହୋଇ ଗାଁ ପୋଖରୀ ତୁଠରେ ପଡ଼ିଥିବା ପଥର ଖଣ୍ଡିକ ବେଶ୍ ପୁଲକିତ ଜଣାପଡ଼େ । ପୋଖରୀର କଳା ଭଅଁର ପାଣି, ସୁଲୁସୁଲିଆ ଧିର ପବନ, ପୋଖରୀ ମଝିରେ ଠାଏ ଠାଏ ଫୁଟିଥିବା ରକ୍ତକଇଁ ସହ ପବନର ଖେଳ, ଫୁଲର ଚାରିପାଖେ ଘୂରି ବୁଲୁଥିବା ଭଅଁର ଆଉ ମହୁମାଛିର ଗୁଞ୍ଜନ, ବୁଡ଼ି ଉଠି ପୁଣି ପାଣିରେ ବୁଡ଼ିଯାଉଥିବା ପାଣିକୁଆର ମାଛରଙ୍କା ଚଢ଼େଇ ସହତ ଲୁଚକାଳି ଖେଳ ଦେଖି ଦେଖି ଉଲ୍ଲସି ଉଠେ ତୁଠ ପଥର ।

ସକାଳୁ ସକାଳୁ ଗାଁ ଝିଅବୋହୂମାନଙ୍କର ଭିଡ଼ ଆଉ ଦିନ ଦ୍ୱିପ୍ରହରେ ପୁରୁଷମାନଙ୍କର ବିଲରୁ ଫେରି ଘଷିମାଜି ଦିହ ସଫା କରିବାର ଦୃଶ୍ୟକୁ ବେଶ୍ ମନଭରି ଉପଭୋଗ କରେ ସେ । ଝିଅବୋହୂମାନଙ୍କର ମୁକୁଳା ଅଳକ୍ତକ ବୋଳା ପାଦକୁ ନିଜ ଛାତି ଉପରେ ସ୍ଥାନ ଦେଇ ନିଜକୁ ଭାଗ୍ୟବାନ ମନେକରେ । ସତେ ଯେମିତି ସେ ଶାପଗ୍ରସ୍ତା ଅହଲ୍ୟା । ସଦ୍ୟ ବିବାହିତା କୁଳବୋହୂମାନେ ଏକଯୁଟ ହୋଇ ଯେତେବେଳେ ତା' ଛାତି ଉପରେ ପାଦ ଥାପି ତାଙ୍କ ସ୍ୱାମୀ ସୋହାଗ ପଣିଆର ଲମ୍ବା ଫର୍ଦ୍ଦମାନ ବଖାଣି ଚାଲନ୍ତି ଖୁସିରେ ଆତ୍ମହରା ହୋଇଉଠେ ତୁଠ ପଥର । ନିଜକୁ ସବୁଠୁ ମୂଲ୍ୟବାନ ଦୁଷ୍ପ୍ରାପ୍ୟ ପଥର ବୋଲି ଭାବେ ।

Digitized by PPRACHIN, SOA

ସମୟ ଚିର ଧାବମାନ । ତାକୁ ବା ଅଟକାଇବାକୁ କାହାର ଶକ୍ତି ଅଛି ? ଗ୍ରୀଷ୍ମ ଆସେ, ପୃଥିବୀ ରୁଦ୍ରସ୍ନାତା ହୁଏ । ନଦୀ, ପୁଷ୍କରିଣୀ ପରି ଜଳାଶୟମାନ ଶୁଷ୍କ ପାଲଟି ଯାଆନ୍ତି । ବୃକ୍ଷ, ବନ, ଲତା, ପାହାଡ଼, କାନ୍ତାର ସବୁ ଖାଁ ଖାଁ ଲାଗନ୍ତି । ବୃକ୍ଷମାନେ ପତ୍ରଝଡ଼ା ଦିଅନ୍ତି । ସବୁଜିମା ହଜିଯାଏ । ଚାରିଆଡ଼େ ଶୂନ୍‌ଶାନ୍ ଲାଗେ । ଗାଁର ପୋଖରୀ ତୁଠ ଯେଉଁଠି ବର୍ଷତମାମ୍ ଗହଳ ଚହଳ ଲାଗିଥାଏ ସେଠିବି ଶୂନ୍ୟତା ବିରାଜମାନ କରେ । ଜଳଶୂନ୍ୟ ପୁଷ୍କରିଣୀ ଆଡ଼େ କେହି ନଜର ଦିଏନି । କି ବା ଆବଶ୍ୟକତା ପୋଖରୀରେ ! କଇଁଫୁଲ ଫୁଟେନି । ପାଣିକୁଆ ଆସେନି । କଳା ଭଅଁର ପାଣି ଆଉ ଲହଡ଼ି ଭାଙ୍ଗେନି । ପୋଖରୀ ଘାଟରେ ପଡ଼ିଥିବା ତୁଠ ପଥରକୁ ଆଉ କିଏ ବା ପଚାରିବ କ'ଣ ପାଇଁ ? ଶୁଖିଲା ତୁଠ । ଶୂନ୍ୟ ପୋଖରୀ ଘାଟ କାହାର ଆଉ କି ଆବଶ୍ୟକତା ପୂରଣ କରିବ ? ଅଜଣା ଆଶଙ୍କାରେ ଶିହରୀ ଉଠେ ତୁଠ ପଥର ।

ଅତୀତର ସ୍ମୃତି ସଜଳ ସ୍ମୃତିଗୁଡ଼ିକୁ ମନେପକେଇ ସେ ଗୁମୁରି ଗୁମୁରି କାନ୍ଦେ । ତାକୁ ଆଉ ଆଖିରେ ନ ଚାହିଁ ତୁଠ ପାଖ ଦେଇ ଚାଲିଯାଉଥିବା ପୁଅଝିଅ, ବୋହୂ, ଗାଁ ମାଇପି ଆଉ ମରଦମାନଙ୍କୁ ତା' ଭାଷାରେ ପ୍ରଶ୍ନ କରେ- ଆଜୀବନ ମୁଁ ତୁମମାନଙ୍କର ସେବା କରିଆସିଛି । ମୋ ଉପରେ ନାଚିକୁଦି କେତେ ହସ ମଜା କରିଛ ତୁମେମାନେ । ଘଣ୍ଟାଘଣ୍ଟା ଧରି ମୋ ଛାତି ଉପରେ ବସି କୁଳବୋହୂମାନେ କେତେ ସ୍ୱାମୀ ସୋହାଗର କାହାଣୀ ବର୍ଣ୍ଣନା କରିଛନ୍ତି ତା'ର ଠିକଣା ନାହିଁ । ତୁମକୁ ଅବିରତ ସେବା ଯୋଗାଉଥିବା ଏ ତୁଠ ପଥରଟାର କିବା ଦୋଷ ଯେ ତୁମେମାନେ ତା' ପ୍ରତି ଟିକିଏ ସମବେଦନା ମଧ୍ୟ ଜଣାଉନାହଁ ? ବାଟ ଭାଙ୍ଗି ଚାଲିଯାଉଛ । ଓଃ ! ମୁଁ ପରା ଶୁଖିଲା ଘାଟର ପଥର । ଏବେ ତୁମାନଙ୍କର କିଛି କାମରେ ଆସୁନି । ଋତୁ ବଦଳିବ । ଶୁଷ୍କ ପୁଷ୍କରିଣୀ ପୁଣି ଜଳପୂର୍ଣ୍ଣ ହେବ । ସେ ପର୍ଯ୍ୟନ୍ତ ଶୀତ, କାକର, ଖରା ସହି ପଡ଼ି ରହିଥିବି ତୁମମାନଙ୍କର ଫେରିବା ବାଟକୁ ଚାହିଁ । ତୁମମାନଙ୍କର ସ୍ମୃତିକୁ କେବଳ

Digitized by PPRACHIN, SOA

ରୋମନ୍ଥନ କରୁଥିବି ।

ଗାଁ ଗୋଟାଯାକର ହାନିଲାଭ, ଭଲମନ୍ଦ, ସୁଖଦୁଃଖ, ଆୟବ୍ୟୟ, ଜନ୍ମମୃତ୍ୟୁ, ଜରାବ୍ୟାଧି, ଉତ୍ଥାନ ପତନର ଗୋଟିଗୋଟି ଖବର ମୋ ପାଖରେ ଗଚ୍ଛିତ ହୋଇ ଅଛି । ବର୍ଷା ଆସିବ । ଶୂନ୍ୟ ପୁଷ୍କରିଣୀ ପୁଣି ଜଳାର୍ଣ୍ଣବ ହେବ । ଗାଁଯାକର ହିସାବ ପୁଣି ଘଷିମାଜି ସଫା ହେବ ମୋ ଦେହରେ । ପୁଣି କେତେ ସଦ୍ୟ ବିବାହିତା ନବବଧୂଙ୍କର ଅଳକ୍ତକ ରଞ୍ଜିତ ପାଦ ଘଷା ବେଳେ ପାଉଁଜର ରୁଣୁଝୁଣୁ ଶବ୍ଦରେ ମୋ ଦେହରେ ବିଜୁଳି ଚମକିବ । ଆଉ କେତେ ସଦ୍ୟ ବିଧବା ସାଜିଥିବା ନାରୀଙ୍କର ପାଦ ମୋ ଦେହ ସ୍ପର୍ଶ କରିବାକୁ ଭୟ କରିବ, ସଂକୋଚବୋଧ କରିବ । ଜୀବନର ଏ ନିଷ୍ଠୁର ସତ୍ୟକୁ କିଏ ବା ଟାଳି ଦେଇ ପାରିବ ? କ'ଣ କହି ମୁଁ ସେମାନଙ୍କୁ ବୁଝାଇବି ? ମଣିଷର ଜୀବନ ସଂଗ୍ରାମର ସବୁ ଉତ୍‌ଥାନ ପତନର ମୂକସାକ୍ଷୀ ମୁଁ ତୁଠ ପଥର ।

ଏତ ଥିଲା ତୁଠ ପଥରର ଜୀବନ ଦର୍ଶନ । ଜଡ଼ ପ୍ରାଣର କଥା ଓ ବ୍ୟଥା । ଜୀବନଶକ୍ତି ରହିତ ତୁଠ ପଥରର ଜୀବନ ଦର୍ଶନ ଠାରୁ ଚଳନ ଶକ୍ତି ଓ ଜୀବନ ଶକ୍ତି ସଞ୍ଚରିତ ହେଉଥିବା ସମସ୍ତ ଜୀବଜଗତ, ପ୍ରାଣୀ ଜଗତର ଜୀବନ ଦର୍ଶନ ଉନ୍ନତ ହେବା ବିଧେୟ । ପୃଥିବୀର ଶ୍ରେଷ୍ଠ ପ୍ରାଣୀ ମଣିଷର ଜୀବନ ଦର୍ଶନ ତା'ର ଚାରିପାଖେ ଘେରି ରହିଥିବା ପରିବେଷ୍ଟନୀର ଜୀବନ ଦର୍ଶନଠାରୁ ଉନ୍ନତତର ହୁଏନା କାହିଁକି ? ନିଜର ପରିବେଶକୁ ଓ ନିଜର ଜୀବନକୁ ସୁନ୍ଦରରୁ ସୁନ୍ଦରତମ କରିବାକୁ ସ୍ୱତଃ ଆଗ୍ରହ ପ୍ରକାଶ କରେନାହିଁ କାହିଁକି ମଣିଷ ? କିଏ ଦେବ ଏହାର ଯଥାର୍ଥ ଉତ୍ତର ? ଶ୍ରେଷ୍ଠତ୍ୱର ନିଦର୍ଶନ ଜାହିର କରିବାର ବେଳ ଏବେଠୁଁ ହାତଛଡ଼ା ହୋଇଗଲେ ପଶ୍ଚାତାପ ହିଁ ସାର ହେବ ।

Digitized by PPRACHIN, SOA

ବାଡ଼

ଶୃଙ୍ଖଳିତ ଅନୁଶାସନର ଧାରା ଯୁଗେ ଯୁଗେ ଯୁଗ ପ୍ରବର୍ତ୍ତକମାନେ ସ୍ଥିରୀକୃତ କରିଥା'ନ୍ତି । 'ମହାଜନ ଯେନ ଗତଃ ସ ପନ୍ଥା' ଅନୁକରଣରେ ମଣିଷ ସେହି ଶୃଙ୍ଖଳିତ ରଜ୍ଜୁରେ ନିଜକୁ ବାନ୍ଧିବା ସହିତ ସମାଜକୁ ବାନ୍ଧି ରଖିଥାଏ ।ସଂପର୍କର ମଜବୁତ ସେତୁବନ୍ଧରେ ଆମର ପୂର୍ବ ସୂରୀମାନେ ଯେଉଁ ପଦଚିହ୍ନ ଛାଡ଼ିଦେଇଥା'ନ୍ତି ତାହା ଆମ ପାଇଁ ସର୍ବକାଳୀନ ଆଦର୍ଶ ପାଲଟିଯାଏ ।

ଗୋରୁଙ୍କ ମୁହଁରେ ତୁଣ୍ଡି, ଘୋଡ଼ାର ପାଟିରେ ଜିନ୍, ଓଟର ନାକ ପୁଡ଼ାରେ ନାକପଟି , ସେମାନଙ୍କୁ ବିଶୃଙ୍ଖଳିତ ଆଚରଣରୁ କ୍ଷାନ୍ତ କରାଇଥାଏ ।

Digitized by PPRACHIN, SOA

ଅନୁରୂପ ଭାବେ ଗୋଟିଏ ଦେଶର ସମ୍ବିଧାନ ସେ ଦେଶର ବିଧି ବ୍ୟବସ୍ଥାକୁ ସଜାଡ଼ି ରଖିବାରେ ସାହାଯ୍ୟ କରେ । ଋଷି ପ୍ରଧାନ ଦେଶ ଭାରତ ବର୍ଷର ଶାସ୍ତ୍ର ପୁରାଣ ତା'ର ଦେଶବାସୀଙ୍କୁ ଶାସ୍ତ୍ରଜ୍ଞ ପଣ୍ଡିତର ମାନ୍ୟତା ଦିଏ ।

ମଜବୁତ ଲୁହା ଶିକୁଳି ପାଦରେ ବାନ୍ଧି ହାତୀ ପରି ଭୀଷଣକାୟ ଜୀବକୁ ଅଟକା ଯାଇପାରେ । ସେହିପରି ଦେଶ ମଧ୍ୟରେ ରାଜନୈତିକ ସୀମା ନିରୁପଣ କରିବା ପାଇଁ ସୀମାରେ ଲୁହାର ବାଡ଼ ତିଆରି କରାଯାଇଥାଏ । ଫଳରେ ଉକ୍ତ ବାଡ଼କୁ ଟପିଲେ ଉଭୟ ଦେଶ ପାଇଁ ଯେ ବିପଦ ସୁନିଶ୍ଚିତ ତାହା ସର୍ବଜନ ବିଦିତ ।

ତେଣୁ ବାଡ଼ ଏପରି ଏକ ମାଧ୍ୟମ ଯାହାକୁ ସଂଯତ ଆଚରଣ ସହିତ ଯୋଡ଼ା ଯାଇପାରେ । ସମୁଦ୍ର ଜଳ ମାଡ଼ିଆସି ଜୁଆର ଓ ଭଟ୍ଟା ସୃଷ୍ଟି କରୁଥିବା ସ୍ଥାନର ଜମିକୁ ସରକାର ମତ୍ସ୍ୟଜୀବି ସଂପ୍ରଦାୟର ଲୋକଙ୍କୁ ବାର୍ଷିକ ନିଲାମ ଆକାରରେ ଦେଇ କିଛି ରାଜସ୍ୱ ପାଇଥା'ନ୍ତି । ନିଜ ନିଜର ନିଲାମ ଜାଗାକୁ ଚିହ୍ନଟ କରିବା ପାଇଁ ମତ୍ସ୍ୟଜୀବି ସଂପ୍ରଦାୟର ଲୋକମାନେ 'ବାଡ଼' ଦ୍ୱାରା ଅବରୋଧ କରିଥା'ନ୍ତି ଯାହାକୁ ଗାଉଁଲି କଥିତ ଭାଷାରେ 'ବେଢ଼' କୁହାଯାଏ । ଅନୁରୂପ ଭାବେ ସମୁଦ୍ରର ଲୁଣାପାଣି ମାଡୁଥିବା ଜଳଜମିକୁ ଉଚ୍ଚ ଆଡ଼ିବନ୍ଧ ନିର୍ମାଣ କରି ବାଡ଼ ଦେଇ ଚାଷୀ ନିଜ ଜମିକୁ ଅକ୍ତିଆରରେ ରଖିଥାଏ । ନଚେତ୍ ସାମୁଦ୍ରିକ ଜୁଆରରେ ବର୍ଷାଋତୁରେ ଯେତେବେଳେ ଜଳସ୍ଥଳ ଏକାକାର ହୋଇଯାଏ ସେତେବେଳେ ନିଜ ନିଜର ଜମି ଚିହ୍ନଟ କରିବା ଅସମ୍ଭବ ହୋଇପଡ଼େ । ଚିଲିକା ଭିତରେ ଚିଙ୍ଗୁଡ଼ି ଚାଷୀମାନେ ଜାଲ ବେଢ଼ାଇ ବାଡ଼ବୁଜି ନିଜ ନିଜର ଜୀବିକାର୍ଜନ କରିଥା'ନ୍ତି ।

କୃଷିପ୍ରଧାନ ଭାରତବର୍ଷରେ ପ୍ରାୟ ତିନିଭାଗରୁ ଉର୍ଦ୍ଧ୍ୱ ଅଞ୍ଚଳ ମଫସଲ ଅଞ୍ଚଳ । ଚାଷୀକୁଳ ନିଜର ଜୀବନ ଜୀବିକା ପାଇଁ ଘର ଡିଅ ଠାରୁ ଆମ୍ବ କରି

Digitized by PPRACHIN, SOA

ଚାଷଜମି ପର୍ଯ୍ୟନ୍ତ ବାଡ଼ ଦ୍ୱାରା ନିଜର ସୀମା ଆବଦ୍ଧ କରିଥା'ନ୍ତି । ବାଡ଼ର ମୁଖ୍ୟ ବ୍ୟବହାର୍ଯ୍ୟ ଜିନିଷ ହେଲା ବାଉଁଶ କଣ୍ଟା ଏବଂ ବାଉଁଶର ବତା, ବାଉଁଶ ଏବଂ ପ୍ଲାଷ୍ଟିକ୍ ରଶି କିମ୍ବା ସରୁ ଲୁହା ତାର । ଆବଶ୍ୟକ ସ୍ଥଳେ ଜଙ୍ଗଲରୁ ମିଳୁଥିବା ଶିଆଳି ଲଟାର ଦଉଡ଼ି, କିଆ ଗଛର ଚେର, ସରୁ ସରୁ କଞ୍ଚା ବାଉଁଶ କଣି ମଧ୍ୟ ବାନ୍ଧୁଣି ରୂପେ ବ୍ୟବହାର କରାଯାଏ । ଏହା ମୁଖ୍ୟତଃ ନିଜ ଜମିର ସୀମା ନିର୍ଦ୍ଧାରଣ କରାଏ । ଦ୍ୱିତୀୟତଃ ନିଜର ଫସଲକୁ ଗାଈ ଗୋରୁ, ଛେଳିମେଣ୍ଢା, ମଇଁଷି ଓ ହାତୀ ପଲ ତଥା ଚୋର ତସ୍କରଙ୍କ କବଳରୁ ରକ୍ଷା କରିଥାଏ । ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କରେ ଗଛର ସରୁ ସରୁ ଡାଳକୁ 'ବଲା' ରୂପେ ବ୍ୟବହାର କରି ବାଡ଼ ବୁଜା ଯାଇଥାଏ ।

ସହର ଇଲାକାରେ ମଧ୍ୟ ନିଜ ଜମିର ସୀମା ନିର୍ଦ୍ଧାରଣ କରିବା ପାଇଁ ଜମି ଚାରିପଟେ ପାଚେରୀ ନିର୍ମାଣ କରାଯାଇ ତା' ଉପରେ ଲୁହାର ଏଙ୍ଗଲ୍ ଲଗାଇ କଣ୍ଟା ତାରରେ ବାଡ଼ ଦିଆଯାଇଥାଏ । ପୁନଶ୍ଚ ସିମେଣ୍ଟରେ ତିଆରି ଡିମାର୍କେଟିଙ୍ଗ୍ ଖୁଣ୍ଟ କିମ୍ବା ଲୁହା ଏଙ୍ଗଲ୍‌ରେ କଣ୍ଟା ତାର ଗୁଡ଼ାଇ ନିଜ ଜମିକୁ ଆବଦ୍ଧ କରାଯାଇଥାଏ । ଫଳରେ ନିଜ ଜମି ନିଜ ଅକ୍ତିଆରରେ ରହିଥାଏ ।

ମଣିଷକୁ ନିଜର ଜମିଜମା ଘରଡିହ ବ୍ୟବସାୟସ୍ଥଳକୁ ଆବଦ୍ଧ କରି ରଖିବା ପାଇଁ ନିଜ ଆୟତରେ ରଖି ନିଜ ସମ୍ପତ୍ତିର ଅଧିକାର ସାବ୍ୟସ୍ତ କରିବା ଲାଗି ବାଡ଼ ବୁଜିବା ବର୍ଷକରେ ଅତିକମ୍‌ରେ ଥରେ ଏକ ପ୍ରଧାନ କାର୍ଯ୍ୟ । ଅପରପକ୍ଷରେ ମାଲିକର କ୍ଷେତ, ଘରଡିହ, ବ୍ୟବସାୟସ୍ଥଳୀକୁ ଜଗି ରହିବା ବାଡ଼ର ପରମ ଧର୍ମ । ଉଭୟ କର୍ମ ଓ ଧର୍ମ ପ୍ରତି ବିଶ୍ୱସ୍ତ ହେଲେ ଏକ ସୁନ୍ଦର ସମନ୍ୱୟ ସୃଷ୍ଟି ହେବା ସହିତ କୋର୍ଟ କଚେରୀକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବାରୁ ମଣିଷ କ୍ଷାନ୍ତ ହୁଏ ।

'ବାଡ଼' ଏକ ସାଧାରଣ ଶବ୍ଦ ହେଲେ ମଧ୍ୟ ଏହା ଅସାଧଶରଣ ଶକ୍ତି

Digitized by PPRACHIN, SOA

ସମ୍ପନ୍ନ ଏକ ଅମୋଘ ଅସ୍ତ୍ର ଅଟେ । ଯାହା ଶୃଙ୍ଖଳାର ପ୍ରତୀକ, ବିଶ୍ୱସ୍ତତାର ଇସ୍ତାହାର ଆଉ ଧୈର୍ଯ୍ୟ ଓ ସଂଯମର ବାର୍ତ୍ତା ନୀରବରେ ପ୍ରଚାର କରି ଚାଲିଥାଏ । ମଣିଷର ବିଶୃଙ୍ଖଳିତ ଆଚରଣକୁ 'ମୁହଁରେ ବାଡ଼ବତା ନାହିଁ'ର ଆଖ୍ୟା ଦିଆଯାଇଥାଏ ।

'ବାଡ଼' ଏକ ସାଂକେତିକ ଶବ୍ଦ । ଏହା ଆଜିକାଲିର ଭ୍ରଷ୍ଟାଚାରମୁଖୀ ସମାଜକୁ ଅଧିକ ରସାତଳଗାମୀ ହେବାକୁ ନଦେବା ପାଇଁ ନୂତନ ଦିଗ୍‌ଦର୍ଶନ ଦେଇଥାଏ । ଅର୍ଥାତ୍ ଏବେକାର ବହୁଳ ପ୍ରସାରିତ 'ବାଡ଼ ଯଦି ଫସଲ ଖାଏ'ର ଅର୍ଥ ସୁଦୂର ପ୍ରସାରୀ । ଏହାର ଆକ୍ଷରିକ ଅର୍ଥ 'ରକ୍ଷକ ଯଦି ଭକ୍ଷକ ହୁଏ' ବା 'ଆଇନ୍‌କୁ ସମ୍ମାନ ଜଣାଉଥିବା ତଥା ରକ୍ଷା କରୁଥିବା ବ୍ୟକ୍ତି ବିଶେଷ ଯଦି ଆଇନ୍‌କୁ ଅସମ୍ମାନିତ କରେ ବା ଆଇନ୍ ଅମାନ୍ୟ କରେ ନିଜ ଧର୍ମରେ ବ୍ରତୀ ହେବା ବଦଳରେ ଅଧର୍ମ ଆଚରଣ କରେ' ।

'ବାଡ଼'ର ମନରେ ଏବେ କିନ୍ତୁ ଅସୁମାରୀ ଦୁଃଖ । ତା'ର ଧର୍ମ ପାଳନରେ ତ୍ରୁଟି ନଥିଲେ ମଧ୍ୟ ଜାଣି ଜାଣି ମାଲିକ ବାଡ଼ ବୁଜିଲା ବେଳେ କେତେ ଯେ ଗଳାବାଟ ରଖୁଛି ତା'ର ଠିକଣା ନାହିଁ । ଫସଲ କିଏ ଖାଏ । ଅଠା ବୋଳାଯାଏ ତା' ମୁଣ୍ଡରେ । ଚୋରୀ କରେ ଅଫିସର୍, ଜେଲ୍‌ଯାଏ ବିଚରା ଚୌକିଦାର । ଡକ୍ଟର ବାବା ସାହେବ ଭୀମାରାଓ ଆମ୍ବେଦକର ଆମ ଭାରତୀୟ ସମ୍ବିଧାନର ପ୍ରଣେତା । ଭାରତୀୟ ସମ୍ବିଧାନ ବିଶ୍ୱର ସର୍ବବୃହତ୍ ଲିଖିତ ସମ୍ବିଧାନ । ତଥାପି ଏହା ଅସଂପୂର୍ଣ୍ଣ ବୋଲି ପ୍ରତି ମୁହୂର୍ତ୍ତରେ ଏବର ସମ୍ବିଧାନ ବିଶେଷଜ୍ଞମାନେ ସମ୍ବିଧାନ ସଂଶୋଧନ କରିଚାଲିଛନ୍ତି । କେବେ ଯେ ଏହା ସ୍ୱୟଂସଂପୂର୍ଣ୍ଣ ହେବ ତାହା କିଏ ଜାଣେ ?

ଆମେରିକାର କଲୋମ୍ବିଆ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଓ ଲଣ୍ଡନରୁ ଡି.ଏସ୍.ସି. ଏବଂ 'ବାର୍-ଏଟ୍-ଲ' ଉପାଧିରେ ଭୂଷିତ ହୋଇଥିଲେ ବାବା

Digitized by PPRACHIN, SOA

ସାହେବ ଆମ୍ବେଦକର । ତାଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ଡକ୍ଟର ରାଜେନ୍ଦ୍ର ପ୍ରସାଦ (ଅଧ୍ୟକ୍ଷ), ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ସି. ରାଜଗୋପାଳଚାରୀ, ମୌଲାନା ଆବୁଲ୍ କାଲମ୍ ଆଜାଦ୍, ଶରତ ଚନ୍ଦ୍ର ବୋଷଙ୍କ ପରି ନେତୃମଣ୍ଡଳଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତ ହେଲା ଏବଂ ଅନୁମୋଦିତ ମଧ୍ୟ ହେଲା । ଉକ୍ତ ସମ୍ବିଧାନରେ (ଦେଶର ଅନୁଶାସନ ପାଇଁ ପ୍ରସ୍ତୁତ ବାଡ଼) ସଂଶୋଧନ ନାଁରେ କେତେ ଯେ ଗଳାବାଟ ସୃଷ୍ଟି ହେଲାଣି ତା'ର ଇୟତ୍ତା ନାହିଁ । ବିଶ୍ୱର ସର୍ବୋଚ୍ଚ ଡିଗ୍ରୀ ହାସଲ କରି ଭାରତର ପ୍ରଥମ ଆଇନ୍ ମନ୍ତ୍ରୀ ଭାବେ ପଣ୍ଡିତ ଜବାହରଲାଲ୍‌ଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ସମ୍ବିଧାନ ପ୍ରଣେତାଙ୍କ ପ୍ରତି ଏହା ପରୋକ୍ଷରେ ଅସମ୍ମାନ ପ୍ରଦର୍ଶନ ନୁହେଁକି ?

'ବାଡ଼' ତା'ର ଧର୍ମ ରକ୍ଷା କରିଛି । କିନ୍ତୁ ତା'ର ଧର୍ମକୁ ତିଳ ତିଳ କରି ହତ୍ୟା କରୁଛି ଆଜିର ମଣିଷ । କେବଳ କଳଙ୍କ ହିଁ 'ବାଡ଼ ପାଇଁ ସାର ହେଉଛି । ଲୋକେ କହୁଛନ୍ତି ବାଡ଼ ଫସଲ ଖାଇଗଲା । ବାଡ଼ର ଧର୍ମ ଫସଲ ଜଗିବା । ସେ ଫସଲ ଖାଇବ କାହିଁକି ? ବାଡ଼ ବୁଜିବା ଲୋକମାନେ ଅସାବଧାନ ହେଲେ ଫସଲ ନଷ୍ଟ ହେବ । ଗାଈ ଗୋରୁ, ଛେଳିମେଣ୍ଢାଙ୍କ ଆହାର ହେବ । ଚୋର ତସ୍କରମାନେ ଅନାୟାସରେ ଫସଲ ଚୋରାଇନେବେ ।

ସତ୍ୟ ହିଁ ଯୁଗେ ଯୁଗେ ସତ୍ୟ । ଆକାଶର ରଙ୍ଗ ନୀଳ । ଆମେ କେତେବେଳେ ଆକାଶକୁ ଲାଲ୍, କେତେବେଳେ କଳା ଅବା ଧଳା ରଙ୍ଗରେ ଶୋଭା ପାଇବାର ଦେଖୁ । ଆକାଶର ନୀଳିମା ମେଘର ବର୍ଣ୍ଣାଳୀରେ ବଦଳିଯାଏ । ଏହା କ୍ଷଣସ୍ଥାୟୀ । ମେଘମୁକ୍ତ ଆକାଶ ଯେଉଁ ନୀଳକୁ ସେହି ନୀଳ । ଠିକ୍ ସେହିପରି ଜଳର ଧର୍ମ ଉପରୁ ତଳକୁ ବୋହିଯିବା । ନିମ୍ନଗାମୀ ତା'ର ଧର୍ମ । ମାତ୍ର ଆମେ ମଟର ପମ୍ପ ସାହାଯ୍ୟରେ ଜଳକୁ ବହୁତଳ ପ୍ରାସାଦ ଉପରକୁ ନେଇପାରୁ । ରଙ୍ଗହୀନ ଆଉ ସ୍ୱାଦହୀନ ସେ । ସ୍ଥଳ ବିଶେଷରେ ଆମେ ରଙ୍ଗ ମିଶେଇ ଏବଂ ମିଠା ମିଶାଇ ତା'ର ବର୍ଣ୍ଣର ଏବଂ ସ୍ୱାଦର ପରିବର୍ତ୍ତନ

Digitized by PPRACHIN, SOA

କରିଥାଉ । ଏଥିରେ ଆକାଶ ବା ଜଳର ଦୋଷ ରହିଲା କେଉଁଠି ?

'ବାଡ଼' ମନରେ ବହୁ ଅବଶୋଷ । ଅନ୍ୟର ଉପକାର କରି ମଧ୍ୟ ସେ ବଦନାମ ହୁଏ । ଅପନିନ୍ଦାର ଶରବ୍ୟ ପାଲଟେ । ନିଜ ମନକୁ ବୋଧ ଦେବା ପାଇଁ ସ୍ୱଗତୋକ୍ତି କରେ – "ସମୟ ଦିନକୁ ଦିନ ବଦଳି ଯାଉଛି । ମଣିଷ ବି ତା' ସହିତ ତାଳ ଦେଇ ବଦଳୁଛି । ସତ୍ୟ ମିଥ୍ୟା ପ୍ରମାଣିତ ହେଉଛି । ପଥ ଛାଡ଼ି ପଥିକ ଅମଡ଼ା ବାଟରେ ପାଦ ଥାପୁଛି । ନିଜେ ପଣସ ଖାଇ ଅଠା ବୋଳୁଛି ଅନ୍ୟ ମୁଣ୍ଡରେ ।"

Digitized by PPRACHIN, SOA

ଥୁଣ୍ଟା ଗଛ

ବୃକ୍ଷକୁ ଦେବତା ଭାବେ ପୂଜା କରିବା ଭାରତୀୟ ଦର୍ଶନର ପରମ୍ପରା । ସୃଷ୍ଟିର ପ୍ରାରମ୍ଭରୁ ବୃକ୍ଷର ଉପାଦେୟତାକୁ ଅଙ୍ଗେ ଅଙ୍ଗେ ଉପଲବ୍ଧି କରିଛି ମଣିଷ । ବୃକ୍ଷର ପ୍ରତ୍ୟେକ ଅଂଶ ମଣିଷ, ପଶୁପକ୍ଷୀ ସର୍ବୋପରି ଜୀବଜଗତ ପାଇଁ ବହୁ ଦରକାରୀ । ଆର୍ଯ୍ୟୁର୍ବେଦ ଶାସ୍ତ୍ରରେ ଚରକ ସୁଶ୍ରୁତଙ୍କ ପରି ଆୟୁର୍ବେଦ ବିଶାରଦମାନେ ବହୁ ଉପାଦେୟ ଆୟୁର୍ବେଦ ଗ୍ରନ୍ଥମାନ ରଚନା କରିଯାଇଛନ୍ତି । ବୃକ୍ଷ ରୋପଣ ଏକ ମହାନ୍ ଧାର୍ମିକ କାର୍ଯ୍ୟ ଭାବେ ଯୁଗେ ଯୁଗେ ମହାପୁରୁଷମାନେ ବର୍ଣ୍ଣନା କରିଛନ୍ତି । ଏହା ପରିବେଶକୁ ରକ୍ଷା କରିବା ସହିତ

Digitized by PPRACHIN, SOA

ମୃତ୍ତିକା ସଂରକ୍ଷଣ ଏବଂ ବାୟୁମଣ୍ଡଳର ଭାରସାମ୍ୟ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଅଙ୍ଗାରକାମ୍ଳ ଶୋଷିନେଇ ପ୍ରାଣୀଜଗତକୁ ଅମ୍ଳଜାନ ପ୍ରଦାନ କରିବା ବୃକ୍ଷର ପ୍ରଧାନ କାର୍ଯ୍ୟ । ଫୁଲ ଫଳ ପ୍ରଦାନ କରି ସମଗ୍ର ଜୀବଜଗତର ଏହା ବିଶେଷ ଉପକାର କରିଥାଏ । ପୁରାତନ ପ୍ରସ୍ତର ଯୁଗରେ ବୃକ୍ଷର କାଣ୍ଡ କାଣ୍ଡ ମଧ୍ୟରେ ଘର୍ଷଣ ଫଳରେ ଅଗ୍ନି ସୃଷ୍ଟି ହେବା ଏବଂ ଉକ୍ତ ଅଗ୍ନିର ବ୍ୟବହାର କରି ରନ୍ଧନ କାର୍ଯ୍ୟ ସଂପାଦନ କରିବା ଶିଖିଥିଲା ମଣିଷ । ବୃକ୍ଷର କାଣ୍ଡକୁ ଅସ୍ତ୍ର ରୂପେ ବ୍ୟବହାର କରି ନଦୀରୁ ମାଛ ମାରିବା ଏବଂ ଜଙ୍ଗଲରୁ ପଶୁ ଶିକାର କରି ଜୀବିକାର୍ଜନ କରୁଥିଲା ଆଦିମ ମଣିଷ । ରାଜା ରାଜୁଡ଼ା ଅମଳରେ ରାସ୍ତାକଡ଼ରେ ସରେଇ ଘର ନିର୍ମାଣ କରି ବୃକ୍ଷ ରୋପଣ ଦ୍ୱାରା (ଆମ୍ବ, ତେନ୍ତୁଳି, ନିମ୍ବ, କରଞ୍ଜ, ପଣସ, ଅର୍ଜୁନ ଇତ୍ୟାଦି ବୃକ୍ଷ) ରାଜକାର୍ଯ୍ୟର ଏକ ପ୍ରମୁଖ ଅଂଶ ସଂପାଦିତ ହେଉଥିଲା । ପଥଚାରୀମାନେ ବୃକ୍ଷ ଛାୟାରେ ଆଶ୍ରୟ ନେଉଥିଲେ । ଦୀର୍ଘ ପଥ ଚାଲିବାର କ୍ଳାନ୍ତି ଦୂରୀଭୂତ ହେଉଥିଲା । ଆଗକୁ ମଧ୍ୟ ବହୁ ପଥ ଅତିକ୍ରମ କରିବା ପାଇଁ ସାହସ ବାନ୍ଧୁଥିଲା । ପକ୍ଷୀ, ସରୀସୃପ, ପଶୁମାନଙ୍କର ଆଶ୍ରୟସ୍ଥଳ ରୂପେ ବୃକ୍ଷ କାର୍ଯ୍ୟ କରୁଥିଲା । ସମୁଦ୍ରର ପ୍ରକୋପରୁ ଗାଁଗଣ୍ଡା, ସହରକୁ ରକ୍ଷା କରିବା ପାଇଁ ବନି ବୃକ୍ଷ ରୋପଣ ଏବଂ ସମୁଦ୍ର କୂଳରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କରାଯାଉଥିଲା । ଫଳରେ ସମୁଦ୍ରର ଲୁଣିପାଣି ଚାଷଜମିକୁ ମାଡ଼ି ପାରୁନଥିଲା । ବର୍ଷାଦିନେ ସମୁଦ୍ର ଜୁଆରିଆ ରହୁଥିବାରୁ ଏବଂ ବନ୍ୟା ପ୍ରକୋପରୁ ବହୁ ଧନ ଜୀବନ ନଷ୍ଟ ହେବାର ଆଶଙ୍କା ଥିବାରୁ ବନି ଓ ହେନ୍ତାଳ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । କ୍ରମଶଃ ସମୁଦ୍ର ଉପକୂଳବର୍ତ୍ତୀ ଇଲାକାର ନଷ୍ଟ ହୋଇଯାଇଥିବା ହେନ୍ତାଳ ଓ ବନି ଜଙ୍ଗଲର ନୂତନ କରି ସରକାର ସୃଷ୍ଟି କରୁଛନ୍ତି । ଏହା ନହେଲେ ଅକାଳମୃତ୍ୟୁ ଯେ ସୁନିଶ୍ଚିତ ଏହା ମର୍ମେ ମର୍ମେ ଅନୁଭବ କଲାଣି ମଣିଷ ।

Digitized by PPRACHIN, SOA

କାହିଁ କେଉଁ ପୁରାତନ କାଳରୁ ଜଙ୍ଗଲର ସୃଷ୍ଟି । ମଣିଷ ସୃଷ୍ଟିର ବହୁ ପୂର୍ବରୁ ଏ ବିଧାନ ବିଶ୍ୱ ନିୟନ୍ତାଙ୍କର ଏକ ଅଦ୍ଭୁତ ବରଦାନ । ପ୍ରକୃତିର ଭାରସାମ୍ୟ ରକ୍ଷା ପାଇଁ ପ୍ରକୃତି ଯେତେ ସଚେତନ, ତା' ଅପେକ୍ଷା ଅଧିକ ସଚେତନ ମଣିଷ ହେବା ବିଧେୟ । ଋତୁଚକ୍ର ଅନୁଯାୟୀ ଠିକ୍ ସମୟରେ ବର୍ଷା ହେବା, ଅତ୍ୟଧିକ ତାପରୁ ରକ୍ଷା ପାଇବା, ଶୀତ, କାକର, କୁହୁଡ଼ି ଠିକ୍ ସମୟରେ ଆସିବା ଏବଂ ଯିବା ପ୍ରକୃତିର ଏକ ଏକ ସମୟୋଚିତ କାର୍ଯ୍ୟ । ଏହା ଠିକ୍ ଭାବେ ସଂଘଟିତ ହେଲେ ଜୀବନ ସତ୍ତା ଉତ୍ତମ ରୂପେ ପରିଚାଳିତ ହୋଇଥାଏ ।

ଅସମୟରେ ବର୍ଷା, ଅସମୟରେ ଗ୍ରୀଷ୍ମର ପ୍ରକୋପ, ଶୀତର ପ୍ରାବଲ୍ୟ, ବନ୍ୟା, ବାତ୍ୟା, ଭୂମିକମ୍ପ ପରି ପ୍ରାକୃତିକ ବିପର୍ଯ୍ୟୟ ଅନୁଷ୍ଠିତ ହେବାରେ ମଣିଷ ମୁଖ୍ୟତଃ ଦାୟୀ । ପ୍ରକୃତିର ବରଦାନକୁ ସେ ହେୟ ମନେକରି ନିଜର ପାରିଲା ପଣିଆକୁ ଜାହିର କରିବାରୁ ଯେତେସବୁ ପ୍ରାକୃତିକ ବିଶୃଙ୍ଖଳା ଆଜି ଘଟିବାରେ ଲାଗିଛି । ସଭ୍ୟତାର ଅଗ୍ରଗତି ନାମରେ ଜଙ୍ଗଲ କ୍ଷୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ବହୁତଳ ବିଶିଷ୍ଟ ଅଟ୍ଟାଳିକା ମାନ ନିର୍ମାଣ ଏବଂ ସେଗୁଡ଼ିକୁ ଜଳ ଯୋଗାଣ କରିବା ପାଇଁ କୋଟି କୋଟି ସଂଖ୍ୟାରେ ପାଣିଟାଙ୍କିମାନ ନିର୍ମାଣ କରାଯାଇ ମେସିନ୍ ସାହାଯ୍ୟରେ ଭୂତଳରେ ଗଚ୍ଛିତ ଥିବା ଜଳରାଶିର ଦୁରୁପଯୋଗ କରାଯାଉଛି । ହୁଏତ ଆଉ କିଛି ବର୍ଷ ପରେ ଭୂତଳର ଜଳରାଶି ନିଃଶେଷ ହୋଇଯିବାର ଭୟ ଏବେଠୁଁ ଚିନ୍ତାଶୀଳ ମଣିଷ ପାଇଁ ଭୟର କାରଣ ହେଲାଣି । ପ୍ରକୃତିକୁ ନିଃଶେଷ କରିଦେବା ପାଇଁ ଯେଉଁ ଅପଚେଷ୍ଟା ଚାଲିଛି ସେଥିପାଇଁ ମଣିଷ ନିଜେହିଁ ଦିନେ ନରକ ଯନ୍ତ୍ରଣା ଭୋଗିବ ସେ ଦିଗ ପ୍ରତି ସେ ସଚେତନ କିମ୍ବା ନିଷ୍ଠାବାନ୍ ହେଉନାହିଁ ।

ଧିରେ ଧିରେ ପରିବେଶ ନଷ୍ଟ ହେଉଥିବାରୁ ବହୁ ଉପାଦେୟ ଲତା, ଗୁଳ୍ମ, ପଶୁପକ୍ଷୀ ଏବଂ ସରିସୃପ ତଥା ଏକକୋଷୀ ପ୍ରାଣୀମାନଙ୍କର ଜୀବନ ସତ୍ତା ଲୋପ ପାଇବାରେ ଲାଗିଛି । ଅସମୟରେ ବନ୍ୟା ଆସୁଛି । ବହୁ ଧନ

Digitized by PPRACHIN, SOA

ଜୀବନ ନଷ୍ଟ ହେଉଛି । ଖଣିଖାଦାନର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ କେଉଁଠି ନା କେଉଁଠି ଭୂମିକମ୍ପ ସୃଷ୍ଟି ହୋଇ ବଡ଼ ବଡ଼ ସହର ଗାଁଗଣ୍ଡାକୁ ନିମିଷକରେ ଧୂଳିସାତ୍ କରିଦେଉଛି । ମଣିଷର ବିଦ୍ୟା ବୁଦ୍ଧି ପ୍ରକୃତି ପାଖରେ ହାର ମାନୁଛି । ନିର୍ବାକ୍ ନିଷନ୍ଦ ହୋଇ ଚାହିଁ ରହିବା ବ୍ୟତୀତ ମଣିଷର କୁ’ ଆଉ ପାଉନାହିଁ ।

ଅସମୟରେ ବୃକ୍ଷରାଜି ପତ୍ରଝଡ଼ା ଦେଉଛନ୍ତି । ସୃଷ୍ଟିର ଅମର୍ଯ୍ୟାଦା ହେଉଥିବା ଅନୁଶୋଚନାରେ ସେମାନେ ଜଳିଯାଉଛନ୍ତି । ବୃକ୍ଷର ଧର୍ମ ଠିକ୍ ଭାବେ ସମ୍ପାଦିତ ହୋଇପାରୁନାହିଁ । ପଥଶ୍ରାନ୍ତ ପଥିକର ଆଶା ଭରସା ସବୁ ତୁଟି ଯାଉଛି । ଥକ୍କା ମେଣ୍ଟାଇବା ପାଇଁ ପୁଣି ଆଗଉଛି ଆଗକୁ ଆଗକୁ । ବୃକ୍ଷ ଛାୟାରେ ଟିକେ ଆଶ୍ରା ନେବ । ରାସ୍ତା ପାଖ ନଇଁଯୋରରୁ ପାଣି ଆଞ୍ଜୁଳାଏ ପିଇ ଶୋଷ ମେଣ୍ଟାଇବ । ବର୍ଷ ତମାମ୍ ପାଣି ଭରି ରହୁଥିବା ନଇଁଯୋର ଶୁଖିଲା ପଡ଼ିଛି । ତା’ ସାମ୍ନାରେ ଦିଶୁଥିବା ସବୁ ଗଛର ପତ୍ର ଝଡ଼ିଯାଇଛି ଅକାଳରେ । ଶୁଖିଲା ଶାଖା ପ୍ରଶାଖା ଗୁଡ଼ିକ ଦାନ୍ତ ନିକୁଟିଲା ପରି ଖଡେଇ ହୋଇ କହୁଛି- “ଆମର ଏ ଅବସ୍ଥା ପାଇଁ ନିଜକୁ ମହାଜ୍ଞାନୀ, ପଣ୍ଡିତ ବୋଲାଉଥିବା ମଣିଷମାନେ ହିଁ ଦାୟୀ । ନିଜ ଗୋଡ଼ରେ ମଣିଷ କୁରାଢ଼ୀ ଲଗାଇଛି । ନିଜେ କଷ୍ଟ ପାଉଛି ଓ ଆମକୁ କଷ୍ଟ ଦେଉଛି । ମଣିଷର ଉପକାର ପାଇଁ ଆମର ଜନ୍ମ । ସେତକ ଚିନ୍ତା କରିପାରୁନି ମଣିଷ । ତା’ର ବୁଦ୍ଧି, ବୃତ୍ତି ସବୁ ଭ୍ରଷ୍ଟ ହୋଇଗଲାଣି ।”

ପ୍ରକୃତି ଏକ ଧରାବନ୍ଧା ନିୟମରେ ପରିଚାଳିତ ହୁଏ । ସୌର ଜଗତରେ ମଣିଷ ବ୍ୟତୀତ ଅନ୍ୟ ସମସ୍ତ ଜୀବ ଜଡ଼ ଏପରିକି ବାହାର ସୌରମଣ୍ଡଳର ଅଦ୍ଭୁତ ଜୀବ ଏଲିୟାନ୍ ମଧ୍ୟ ନିଜ ନିଜର ସ୍ୱଧର୍ମକୁ ଗଣ୍ଠିଧନ କରିଥା’ନ୍ତି । ସେମାନେ ଧର୍ମଛଡ଼ା ବା ଧର୍ମରୁ ବିଚ୍ୟୁତ ହୁଅନ୍ତି ନାହିଁ । ସେମାନଙ୍କ ଧର୍ମ ଭ୍ରଷ୍ଟ କରିବାରେ କେବଳ ମଣିଷ ହିଁ ଦାୟୀ । ନିଜର ଆତ୍ମ ବଡ଼ିମା

Digitized by PPRACHIN, SOA

ଦେଖାଏ । ନିଜେ ଇଚ୍ଛାମୟ ବୋଲି ସେ ନିଜର ମିଥ୍ୟା ଢେଙ୍ଗୁରା ପିଟେ ।

ଥୁଣ୍ଟା ଗଛ ଆଜି ତା'ର ଧର୍ମ ଠିକ୍ ଭାବେ ପାଳନ କରିପାରୁ ନଥିବାରୁ ଆତ୍ମଗ୍ଲାନି, ଲଜ୍ଜା, ଭୟ ଆଉ ଘୃଣାରେ ନିଜକୁ ସଂକୁଚିତ ମନେ କରେ । ସ୍ରଷ୍ଟା ପାଖରେ ଅତି ନଗଣ୍ୟ, ତୁଚ୍ଛ, ହେୟ ପାଲିଟି ଯାଏ । ନିଜକୁ ସର୍ବ ସ୍ରଷ୍ଟା, ସର୍ବ ଦ୍ରଷ୍ଟା ଆଉ ଶ୍ରେଷ୍ଠ ପ୍ରାଣୀର ଡିଣ୍ଡିମ ବଜାଉଥିବା ମଣିଷର ନିକ୍କମା ପଣିଆ ଆଉ ଅସହାୟତାକୁ ଲକ୍ଷ୍ୟକରି କହେ- "ତୁ ଆହୁରି ଠକିବୁ । ଆହୁରି ଅସହାୟ ବୋଧ କରିବୁ । ପ୍ରକୃତିକୁ ଠକାଇ ଭଣ୍ଡାଇ ତୁ ଯେତେବେଳେ ସମ୍ପୂର୍ଣ୍ଣ ଥକିପଡ଼ିବୁ ସେତେବେଳେ ତୋ ପାଖରେ ଆଉ କେହି ନଥିବେ । ତୋର ଶେଷ ସମୟରେ ତୋ ଜୁଇରେ ସାଥି ହେବା ପାଇଁ ଏ ଥୁଣ୍ଟା ଗଛ ନଥିବ କି ତା'ର ଶାଖା ପ୍ରଶାଖା ନଥିବ । ଖାଲି ତୁ ଏକା ନିଜକୁ ନିଜେ 'ନିର୍ଜନତାର ରାଜା', 'ଶୂନ୍ୟତାର ବଣିକ' ବୋଲାଇବୁ । ତୋର ଶେଷ ପରିଣତି ଭୀଷଣ ଭୟାବହ ହେବ ।"

Digitized by PPRACHIN, SOA

Digitized by PPRACHIN, SOA

ଶବବାହକମାନେ

ଗାଁ ମୁଣ୍ଡ ମଶାଣୀ ପଦାରେ ପହଞ୍ଚିଲା ବେଳକୁ ମୁହଁ ସଞ୍ଜ ହୋଇଆସୁଥାଏ । ଶୀତ ଦିନ । ମଶାଣୀ ପଦାକୁ ଲାଗି କାହିଁ କେତେ କୋଶ ଯାଏ ଲମ୍ବିଯାଇଛି ଧାନକ୍ଷେତ । ଧାନ କଟାକଟି ସରିଯାଇଥିବାରୁ ଗହୀର ବିଲର ଶୂନ୍ୟତାରେ ଚାରିଆଡ଼େ ଖାଁ ଖାଁ ଲାଗୁଥାଏ । ତା' ସାଙ୍ଗକୁ କୁହୁଡ଼ିର ପତଳା ଆସ୍ତରଣ ମାଡ଼ି ଆସୁଥିବାରୁ ଶବବାହକମାନେ ସଅଳ ସଅଳ କାମ ସାରି ଫେରି ଆସିବାକୁ ବ୍ୟସ୍ତ ହୋଇପଡୁଥା'ନ୍ତି ।

Digitized by PPRACHIN, SOA

ମଶାଣୀରେ ଉଠୁଥିବା ବୁଦୁବୁଦିକିଆ କଣ୍ଟାଗଛକୁ ସଫାକରି ଗାତଟିଏ ଖୋଳିଲେ ସେମାନେ । କିଏ ଜଣେ କହିଲା- "ବୁଢ଼ୀକୁ ବସାଇଦେଇ ମାଟି ଦେଇଦେବା । ଆଉ ଡେରିକରି ଲାଭ ନାହିଁ । ଅନ୍ଧାର ଗହଳିଆ ହୋଇଆସିଲାଣି । ତେଣେ କେତେ କାମ । ଗାଧୋଇବାକୁ ପଡ଼ିବ । ପିଠା ଖାଇବାକୁ ହେବ । ରାତିଟା ଯେମିତି ସେମିତି କଟାଇଦେବା । କାଲି ସକାଳ ହେଲେ ଯାହା କିଛି ଚିନ୍ତା କରିବା । ବୁଢ଼ାମଡ଼ା । ଚୁଲିତ ଜଳିବ ନାହିଁ !"

ଗାତ ଖୋଳା କାମ ସରିଲା । ମାହାନ୍ତି ବୁଢ଼ା କହିଛି- ବେଶୀ ଡେରି କରିବ ନାହିଁ । ଯେନତେନ ପ୍ରକାରେ କାମଟା ସାରି ଝଅଟ ଆସିବ । ଯାଡ଼େ କେତେ କାମ ଅଛି । ଶଳା ନିଅଁଣିଆଟା । ଶେଷରେ ସାଇ ପଡ଼ିଶା, ବନ୍ଧୁବାନ୍ଧବ କାହାକୁ ନ ଡାକି ବୁଢ଼ୀଟାକୁ ଆମ କାନ୍ଧରେ ଲଦିଦେଲା । ସବୁଥିରେ ଲାଭ କ୍ଷତିର ହିସାବ କରୁଛି । କହୁଛି କ'ଣ ନା ସଜମଡ଼ା କରି ବୁଢ଼ୀ କାମ ସାରିଦେଲେ ସେ କୁଆଡ଼େ ସ୍ୱର୍ଗକୁ ଯିବ । ସ୍ୱର୍ଗକୁ ଯିବ ନା ପାତାଳକୁ । ରହ ବୁଢ଼ୀ ! ଆମେ ଆଗ ଟିକିଏ ଆମ କାମ ବଢ଼ାଇ ଦେଉଁ । ତା'ପରେ ତୁ ଦେଖିବୁ ଆମେ ତୋତେ ସ୍ୱର୍ଗକୁ କି ନର୍କକୁ ପଠାଇବୁ ।

ଭଡ଼ାଟିଆ ଶବବାହକମାନଙ୍କ ମଧ୍ୟରୁ ଜଣେ ଅଣ୍ଟାରେ ବାନ୍ଧିଥିବା ତା' ଗାମୁଛା ଭିତରୁ ଅଧା ଶେଷ ହୋଇଥିବା ଉପର ପାଣି ବୋତଲଟାକୁ ବାହାର କରି ତା ସାଥିମାନଙ୍କୁ କହିଲା- "ନିଅ ବେ ଟିକେ ଟିକେ ମାରିଦିଅ । ଦେହ ଉଷୁମ ଲାଗିବ । ଶଳା ବୁଢ଼ା ପାଖରୁ ରିଗିଡ଼ି ଝିଗିଡ଼ି କରି ଶହେ ଟଙ୍କା ଝଡ଼େଇଥିଲି । ଭଲ କାମରେ ଲାଗିଲା ।"

ବୁଢ଼ୀ ପାଇଁ ଖୋଳିଥିବା ଗାତ ପାଖେ ବସି ସମସ୍ତେ ଢୋକେ ଢୋକେ ମାରି ଖାଲି ବୋତଲଟାକୁ ଗାତ ଭିତରକୁ ପକାଇଦେଲେ । ଜଣେ କହିଲା -

Digitized by PPRACHIN, SOA

"ଯା ଶଳା ତୁ ଆଗେ ଯା । ତୋ ପଛେ ପଛେ ବୁଢ଼ୀ ଯାଉଛି ।" କୋକେଇରୁ ପାଳ ଦଉଡ଼ି ସବୁ ଖୋଲା ହେଲା । ବୁଢ଼ୀ ଉପରେ ଘୋଡ଼ା ଯାଇଥିବା ବେଡ୍‌ସିଟ୍ ଆଉ କନ୍ଥା ଦୁଇଟାକୁ ବାହାର କରି ଗାତ ଭିତରକୁ ଫୋପାଡ଼ି ଦେଲେ । ଏଥର ବୁଢ଼ୀ ଆରାମରେ ବସି ଯୁଆଡ଼େ ଯାଉଛି ଯାଉ । ସ୍ୱର୍ଗକୁ ନହେଲେ ନର୍କକୁ ।

ହଠାତ୍ ବୁଢ଼ୀକୁ ଗୋଟାଇ ଉଠାଇବା ବେଳେ ଜଣେ ଚିହିଁକି ଉଠିଲା । ନିଶା ତା'ର ଉତୁରି ଗଲା । ଆଖି ଯୋଡ଼ିକ ତାଳୁ ଉପରକୁ ଖୋସି ହୋଇଗଲା । ସେ ଚିତ୍କାର କରି ଉଠିଲା – "ଭାଇମାନେ ବୁଢ଼ୀ କୋକେଇରେ ନାହିଁ । ସମସ୍ତେ ତାକୁ ଘେରିଗଲେ । କୋକେଇ ବାଉଁଶ, ପାଳ ଦଉଡ଼ି, ଛିଣ୍ଡା ବିଛଣା, ସପ ଆଉ ବୁଢ଼ୀର ଲୁଗାପଟା, ଖଇନି ଦାନି, ଏପରିକି ଗାତ ଭିତରର କନ୍ଥା ଓ ବେଡ୍‌ସିଟ୍‌କୁ ତନ୍ନ ତନ୍ନ କରି ଦେଖିଲେ । ନାଁ– କେଉଁଠି ବୁଢ଼ୀର ଗନ୍ଧ ବାସ୍ନା କିଛି ମିଳୁନି ।

କ'ଣ କରାଯିବ । ଏପଟେ ଘନ ଅନ୍ଧାର । ମୁହଁକୁ ମୁହଁ ଆଉ ଦିଶୁନି । ସେପଟେ କିଆବୁଦା ଆଉ ଗହୀରରୁ ଶିଆଳ, ହେଟାବାଘ, ପଲପଲ ହୋଇ ମାଡ଼ିଆସିଲେଣି । ଏମାନଙ୍କ ରଡ଼ିରେ ଗାଁର କୁକୁର ଦଳ ମଶାଣୀ ପର୍ଯ୍ୟନ୍ତ ଖେଦି ଆସିଲେଣି ।

ବିଚିତ୍ର ଏକ ପରିବେଶ ସୃଷ୍ଟି ହେଲା ମଶାଣୀ ଭୂଇଁରେ । ଆଗରେ ବୁଢ଼ୀକୁ କାନ୍ଧେଇଥିବା ଶବବାହକ ଦୁଇଜଣ କହିଲେ ଗୋହିରୀ ପାଖ କିଆବୁଦା ପାଖରେ କ'ଣ ଗୋଟେ ଧୂସ୍ କିନା ଶବ୍ଦ ହେଲା । କୋକେଇଟା ଆମକୁ ହାଲୁକା ଲାଗିଲା ବୁଢ଼ୀଟା ସେଇଠି ଗଳିପଡ଼ିଲା କିରେ !

Digitized by PPRACHIN, SOA

ପଛରେ କାନ୍ଧ ଦେଇଥିବା ତୃତୀୟ ଜଣକ କହିଲା – ଯାଃ ଶଳା । ମୁଁ ଯାହା ଭାବୁଥିଲି ସେୟା ହେଲା । ନିଶାପାଣି ଜୋର ଟିକେ ଧରିଦେଇଥିଲା । ଗୋଡ଼ ଦୁଇଟା ତ ମୋର ଶୂନ୍ୟେ ଶୂନ୍ୟେ ଉଡୁଥିଲା । ମୋତେ ଗୋଟେ ଶବ୍ଦ ବି ଶୁଭିଲା । ମୁଁ ସ୍ୟାଡ଼େ ନଜର ଦେଲି ନାହିଁ ।

ଶେଷରେ ଚତୁର୍ଥ ଶବବାହକ ଜଣକର ଟିକିଏ ହୋସ୍ ଆସିବାରୁ କହିଲା "ଭାଇମାନେ ନିଶାପାଣି ପଡ଼ିଥିଲା । ଭାରି କ'ଣ ହାଲୁକା କ'ଣ ଆମେ କେମିତି ବାରିବା ! ଏବେ ଚାଲ, ରାସ୍ତେ ରାସ୍ତେ ଯିବା । ବୁଢ଼ୀଟାକୁ ଗୋଟାପଣେ ମୁଁ କାନ୍ଧେଇ ନେଇଆସିବି । ଗାତରେ ଖଚି ଦେଇ ପଳାଇଯିବା । ମାଟି ଫାଟି କିଛି ଦେବା ନାହିଁ । ହେଟା ଶିଆଳ ତାକୁ ଝୁଣି ଖାଇଯିବେ । ସକାଳେ ଲୋକ ଭାବିବେ ମାଟି ତାଡ଼ି ହେଟା ବୁଢ଼ୀଟାକୁ ଖାଇଯାଇଛି । ବୁଢ଼ୀଟା ବଞ୍ଚିଥିଲା ବେଳେ ଯାହା ହଇରାଣ ହରକତ କରୁଥିଲା ମଲାପରେ ବି ଆହୁରି ଦୁଃଖ ବଳିଗଲାରେ ।

ଆପାତତଃ ଏବେ ସମସ୍ତେ ଘରମୁହାଁ ହେଲେ । ରାସ୍ତାର ଦୁଇପାଖେ ବୁଢ଼ୀକୁ ଦରାଣ୍ଡି ଦରାଣ୍ଡି ଆସୁଥା'ନ୍ତି । ଅନ୍ଧାର ଭିତରେ ଏକ ଅଜବ ଦୃଶ୍ୟ ସେମାନଙ୍କୁ ଝାପ୍‌ସା ଦିଶିଲା । ହେଟାପଲ ତାଙ୍କ ଛୋଟ ପିଲାପିଲିମାନଙ୍କ ସହିତ ବୁଢ଼ୀକୁ ଝିଣି ଖାଉଥା'ନ୍ତି । ଶିଆଳଗୁଡ଼ା ଦଳଦଳ ହୋଇ ମାଂସ ଖଣ୍ଡିଏ ପାଇଁ ରାସ୍ତାଗୋଟାକୁ ଆବୋରି କରି ରଖିଥା'ନ୍ତି ।

ଉପାୟ ଶୂନ୍ୟ ହୋଇ ଶବବାହକମାନେ ଅନ୍ୟ ଏକ ରାସ୍ତା ଦେଇ ଫେରି ଆସିଲେ ମାହାନ୍ତି ବୁଢ଼ା ଘରକୁ । ବାଟରେ କଥାଟା ପକ୍କା କରିନେଲେ । ମାହାନ୍ତି ବୁଢ଼ା ସେମାନଙ୍କ ବାଟ ଜଗିଥାଏ । ଏତେ ଡେରି କ'ଣ ହେଲା ପ୍ରଶ୍ନ କଲାରୁ ବୟସ୍କ ଶବବାହକ ଜଣକ ଅଭିନୟ ଭଙ୍ଗୀରେ କହି ପକେଇଲା – "କ'ଣ କରିବୁ ବାବୁ ! ବୁଢ଼ୀଟା ଆମକୁ ଯେତେ କଷ୍ଟ ଦେଲାଣି ଜୀବନ

Digitized by PPRACHIN, SOA

କାଳରେ ସେ ବି ଆପଣଙ୍କୁ ସେତେ କଷ୍ଟ ଦେଇ ନଥିବ । ଶୁଖିଲା ମାଟି ତାଡ଼ି ତାଡ଼ି ଦେହ ମୁଣ୍ଡ ପାଚିଗଲାଣି । ଯାହା କିଛି ଦେଇଥିଲେ ସମୁଦ୍ରକୁ ଶଙ୍ଖେ । ଆମକୁ କିଛି ବକ୍‌ସିସ୍ ଦିଅନ୍ତୁ । ବୁଢ଼ୀଟା ଆମ ନିଶା ପୂରା ଉତାରି ଦେଲାଣି । ମାହାନ୍ତି ବୁଢ଼ା ମୁଣ୍ଡରୁ ପାହାଡ଼ଟା ଓହ୍ଲାଇଗଲା ଯେପରି । ସେ ଖୁସିରେ ଗଦ୍‌ଗଦ୍ ହୋଇ ଚାରିଖଣ୍ଡ ଶହେଟଙ୍କିଆ ଖଡ଼ଖଡ଼ିଆ ନୋଟ୍ ବଢ଼ାଇଦେଲେ ଶବବାହକମାନଙ୍କ ହାତକୁ । ଭକ୍ତିରେ ଗଦ୍‌ଗଦ୍ ହୋଇ ମୁଣ୍ଡିଆ ମାରି ବୁଢ଼ା ଗେଟ୍ ପାରି ହେଲା ବେଳେ ଟୋକା ଶବବାହକ ଜଣକ ପାଟିରୁ ବାହାରି ପଡ଼ିଲା – "ଧନ୍ୟ ପ୍ରଭୁ ଧନ୍ୟ ତୋ'ର ଲୀଳା ।"

Digitized by PPRACHIN, SOA

Digitized by PPRACHIN, SOA

ବତୀଘର

ସତ୍ୟ-ଅସତ୍ୟ, ଧର୍ମ-ଅଧର୍ମ, ନ୍ୟାୟ-ଅନ୍ୟାୟ, ହିଂସା-ଅହିଂସା, ସୁଖ-ଅସୁଖ ମଣିଷର ଜୀବନ ପରିଧିକୁ ପଶିଆସି ଯେପରି ତା'ର ଜୀବନ-ଶୈଳୀକୁ ନିୟନ୍ତ୍ରଣ କରିଥାଏ, ଠିକ୍ ସେହିପରି ସଂସାରର ଆଲୋକ-ଅନ୍ଧାରର ଚକାଭଉଁରୀ ଘୂର୍ଣ୍ଣନ ମଧ୍ୟରେ ମଣିଷ କେଉଁଠି ଯାଇ ପହଞ୍ଚିଯାଏ, ତାହା ସେ ନିଜେ ଜାଣିବା କଷ୍ଟକର ହୋଇପଡ଼େ । ଆଲୁଅ ତାକୁ ସତ୍ୟ, ନ୍ୟାୟ ଧର୍ମ ଓ ଜ୍ଞାନର ମାର୍ଗ ଦର୍ଶାଉଥିବା ବେଳେ ଅନ୍ଧାର ତାକୁ ଟାଣି ଟାଣି ଘୋଷାରି ନେଇଯାଏ ତା' ମୂଳକର ଅନ୍ଧକୂପ ଆଡ଼େ । ବିଚରା ମଣିଷ ! କ'ଣ ବା କରିପାରିବ ? ବିଧିର ବିଧାନ ପାଖରେ ତାକୁ ଆତ୍ମ ସମର୍ପଣ କରିବାକୁ

Digitized by PPRACHIN, SOA

ପଡ଼ିଥାଏ । ସେ ନିମିତ୍ତ ମାତ୍ର ଆଉ ଏ ସଂସାରର ସକଳ କାର୍ଯ୍ୟ ଯେ ବିଧି ନିର୍ଦ୍ଦେଶିତ ତାହା ସ୍ୱୀକାର କରିବା ଛଡ଼ା ଅନ୍ୟ କିଛି ଚାରା ନଥାଏ ତା' ପାଖରେ । ନିଜକୁ ଅସହାୟ ମନେକରେ ସେ ।

ଦୂରଦର୍ଶୀ ମଣିଷ କିନ୍ତୁ ଏ ସତ୍ୟକୁ ସହଜରେ ଗ୍ରହଣ କରିନିଏ । ଆଉ ଯିଏ ଗ୍ରହଣ ନକରେ ତା'ପାଇଁ ସୃଷ୍ଟି ହଳାହଳମୟ ହୋଇଯାଏ । ମାନବ ଜନ୍ମ ତା'ପାଇଁ ଦୁର୍ଲଭ ଜନ୍ମ ନହୋଇ ଦୁଃସହ ହୋଇଉଠେ । ଯେଉଁ ମଣିଷ ସୃଷ୍ଟିର ଗୂଢ଼ ରହସ୍ୟକୁ ବୁଝିପାରେ, ସେ ସୃଷ୍ଟି ଆହୁରି ସରସ ସୁନ୍ଦର କରିବା ପାଇଁ ତା'ର ବିଦ୍ୟା ବୁଦ୍ଧି ପ୍ରୟୋଗ କରେ । ଷ୍ଟେଚ୍ୟୁ ଅଫ୍ ଲିବର୍ଟି ତିଆରି କରେ । ତିଆରି କରେ ଗ୍ରେଟ୍ ୱାଲ୍ ଅଫ୍ ଚାଇନା, ତାଜମହଲ ତିଆରି କରେ ପୁଣି ତିଆରି କରେ ବ୍ଲାକ୍ ପାଗୋଡ଼ା । ଦୁଇ ପାହାଡ଼କୁ ସଂଯୋଗ କରି ତିଆରି କରେ ଏସିଆ ମହାଦେଶର ଦ୍ୱିତୀୟ ନଦୀବନ୍ଧ ଓଡ଼ିଶାର ହୀରକୁଦ ଡ୍ୟାମ୍ । ଆଉ ଅନନ୍ତ, ଅଶାନ୍ତ, ଅସୀମ ସାଗର ମହାସାଗରରେ ଆନ୍ତର୍ଜାତିକ ନୌବାଣିଜ୍ୟ ପାଇଁ ଭାସୁଥିବା ମାଲମାଲ ଜାହାଜର ଗତିପଥକୁ ଦିଗ୍‌ଦର୍ଶନ ଦେବା ପାଇଁ ତିଆରି କରେ ବତୀଘର । ଗଭୀର ଅନ୍ଧକାର ରାତ୍ରିରେ ଜଳପଥ ଭୁଲିଯାଇଥିବା ଜାହାଜ ଆଉ ଜୀବନ ଜୀବିକା ପାଇଁ ସମୁଦ୍ରବକ୍ଷକୁ ମାଛମାରି ଯାଇଥିବା ନାବିକମାନଙ୍କ ପାଇଁ ଆଶ୍ୱାସନାର ଉସ୍ସ ରୂପେ ସୁଉଚ୍ଚ ସ୍ଥାନରେ ତିଆରି ହୋଇଥାଏ ବତୀଘର ।

ବତୀଘର ! ଜଳପଥରେ ଜୀବନ ଜୀବିକା ଅର୍ଜନ କରି ଚଳୁଥିବା, ବହିର୍ବାଣିଜ୍ୟ କରି ବ୍ୟବସାୟ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଆଶା ଓ ବିଶ୍ୱାସର ଦିଗବାରେଣୀ । କାହିଁ କେଉଁକାଳରୁ ଶହ ଶହ ବର୍ଷ ଧରି ବ୍ୟବସାୟ ବାଣିଜ୍ୟର ମୂକସାକ୍ଷୀ ରୂପେ ଦଣ୍ଡାୟମାନ । ସମୁଦ୍ର ଉପରେ ଭରସା ରଖି ପିଲାଛୁଆ ପ୍ରତିପୋଷଣ କରୁଥିବା ମଣିଷର ନିତିଦିନିଆ ସାଥୀ ସେ । ଆଜୀବନ ସମୁଦ୍ରକୁ ସାଥୀ କରିଥିବା ନାବିକମାନଙ୍କର ଏକମାତ୍ର ଆଶା ଓ ଭରସାର ପ୍ରତୀକ

Digitized by PPRACHIN, SOA

ବତୀଘର । ବର୍ଷଣ ମୁଖର ରାତ୍ରିରେ ଝଡ଼ର ତାଣ୍ଡବଲୀଳା ଚାଲିଥିବା ବେଳେ ଅଶାନ୍ତ ସମୁଦ୍ର ବକ୍ଷରେ ନିଜ ଜୀବନକୁ ବାଜି ଲଗାଇ ଦୁଃସାହସିକ ନାବିକ ପୋତାଶ୍ରୟ ଆଡ଼େ ବତୀଘରକୁ ଲକ୍ଷ୍ୟ କରି ତା'ର ତରୀଟିକୁ ଆଗେଇନିଏ । ଏ ପୃଥିବୀରେ କୋଟି କୋଟି ମେହନତୀ ମଣିଷର ସାଥୀ ବତୀଘର ।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ ତାଳ ଦେଇ ମଣିଷ ସମାଜ ଯେତେ ଅଗ୍ରସର ହେଲେ ମଧ ସଚେତନତା ଅଭାବରୁ ପରିବେଶ ଦ୍ରୁତ ଗତିରେ ଅବକ୍ଷୟ ହେବାରେ ଲାଗିଛି । ଫଳରେ ଭୂସ୍ଖଳନ, ମହାବାତ୍ୟା, ସୁନାମୀ, ଫାଇଲିନ୍ ପରି ପ୍ରାକୃତିକ ବିପର୍ଯ୍ୟୟ ଘଟି ଚାଲିଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଜଙ୍ଗଲ କ୍ଷୟ ହେଉଛି । ଖଣି ଖାଦାନର ଗର୍ତ୍ତ ଠିକ୍ ଭାବେ ପୂର୍ଣ୍ଣ କରାଯାଉ ନଥିବାରୁ ଭୂକମ୍ପର ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିଚାଲିଛି । ନଦୀ ସଂସ୍କାର, ନଦୀ ମୁହାଣ ଖନନ କାର୍ଯ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ମଣିଷର ମେରୁଦଣ୍ଡ ଦୋହଲାଇ ଦେଉଛି । କେତେ ଯେ ଧନଜୀବନ ନଷ୍ଟ ହେଉଛି ତା'ର ଇୟତା ନାହିଁ । ନେପାଳରେ ବନ୍ୟା, ଚେନ୍ନାଇରେ ନାହିଁ ନଥିବା ବନ୍ୟା ଓ କ୍ଷୟକ୍ଷତି ତଥା ଥାଇଲାଣ୍ଡର ଭୂମିକମ୍ପକୁ ଉଦାହରଣ ଭାବେ ନିଆଯାଇପାରେ ।

ସୁନାମୀ ଆସେ । ଫାଇଲିନ୍ ଆସେ । ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି ହୁଏ । ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଏ କେତେ ଦେଶ, କେତେ ସଭ୍ୟତା । ପୁଣି ମଣିଷ ଏକାଠି ହୁଏ । ସଜାଡ଼ି ନିଏ ନୂଆକରି ତା'ର ଜନ୍ମମାଟିକୁ । ନୂଆ ସଭ୍ୟତା ପୁଣି ମୁଣ୍ଡ ଟେକେ । ଆଶାବାଦୀ ମଣିଷ । ଆଶାକୁ ପାଥେୟ କରି ଆଗେଇ ଚାଲେ । ନୂଆ ସକାଳର ସୂର୍ଯ୍ୟୋଦୟକୁ ସ୍ୱାଗତ ଜଣାଏ । ଭାଙ୍ଗି ପଡ଼ିଥିବା ସାମୁଦ୍ରିକ ବତୀଘର ଓ ତା' ମନର ବତୀଘରକୁ ପୁଣି ଆଲୋକିତ କରିବା ପାଇଁ ସକାଳ ପ୍ରୟାସ କରେ । ତା' ଭିତରେ ଲୁଚି ରହିଥିବା ପ୍ରତିଭାର ସଦୁପଯୋଗ କରିବା ପାଇଁ ଅଣ୍ଟା ଭିଡ଼େ । ସଂଗ୍ରାମ ପରେ ସଂଗ୍ରାମ ଜାରି ରଖେ । ସଂଘର୍ଷମୟ

Digitized by PPRACHIN, SOA

ଜୀବନର ସ୍ୱାଦ ଟିକିଏ ଚାଖିବା ପାଇଁ ଜୀବନକୁ ପୁଣି ବାଜି ଲଗାଇଦିଏ । ଲଢ଼େଇ କରେ ପ୍ରକୃତି ବିରୁଦ୍ଧରେ । ସେ ଜାଣେ ପ୍ରକୃତିର ଅପରିସୀମ ଶକ୍ତି ନିକଟରେ ତା'ର ପ୍ରଚେଷ୍ଟା ତୁଚ୍ଛ । ତଥାପି ସେ ଲଢ଼େଇ ଜାରି ରଖେ । ଆଗାମୀ ପିଢ଼ିକୁ ଏକ ନୂତନ ପୃଥିବୀର ଉପହାର ଦେବା ପାଇଁ ଆଲୋକର ଉତ୍ସ ବତୀଘରକୁ ଠିକ୍ ଭାବେ ସଜାଡ଼ି ରଖିବାକୁ ଆପ୍ରାଣ ଉଦ୍ୟମ କରେ ।

ବହୁତ ଖୁସି ହୁଏ ବତୀଘର । ତା'ର ସଜଡ଼ା ଜୀବନ ପୁଣି ଭରିଦେବ ମେହେନତୀ ମଣିଷ ମୁହଁରେ ହସ । ମଣିଷର ଦୁଃଖ ଦୁର୍ଦ୍ଦଶାକୁ ଆକଳନ କରିପାରେ ସେ । ତା'ର ଯେ ସୃଷ୍ଟି ମଣିଷକୁ ସେବା ଯୋଗାଇବା ପାଇଁ ତାହା ସେ ଜାଣେ । ନିଜେ ଜଳି ଅନ୍ୟକୁ ଆଲୋକ ଦେବା, ଅନ୍ଧାରରେ ବାଟବଣା ହେଉଥିବା ପଥିକକୁ ବାଟ କଢ଼ାଇନେବା ତା'ର ଜୀବନ ଦର୍ଶନ । ତ୍ୟାଗରେ ସେ ବିଶ୍ୱାସ କରେ ଭୋଗରେ ନୁହେଁ । ନିଜେ ତ୍ୟାଗ କରି ଅନ୍ୟକୁ ଭୋଗ କରିବାର ଆଲୋକ ଦେଖାଏ । ତା'ର ଏତେ ସବୁ ତ୍ୟାଗ ବଦଳରେ ଦିଗହରା ନାବିକ ଯଦି ଯୋଡ଼ ହସ୍ତରେ 'ଦୀପଂ ଜ୍ୟୋତି ପରଂବ୍ରହ୍ମ, ଦୀପଂ ଜ୍ୟୋତି ଜନାର୍ଦ୍ଦନ' କହି ପ୍ରଣିପାତଟିଏ କରନ୍ତା ତେବେ ତା'ର ତ୍ୟାଗପୂତ ଜୀବନର ଚରମ ସାର୍ଥକତା ସେ ଲାଭ କରିପାରନ୍ତା । ତା' ସୃଷ୍ଟିର ଅମର୍ଯ୍ୟାଦା ହୁଅନ୍ତା ନାହିଁ ।

ସ୍ୱାର୍ଥୀ ମଣିଷ କିନ୍ତୁ ବିପଦମୁକ୍ତ ହେବା ପରେ ତାକୁ ଭୁଲିଯାଏ ପୁଣି ବିପଦ ଆସିବା ଯାଏ । ସେଥିପ୍ରତି କିନ୍ତୁ ଧ୍ୟାନ ନଥାଏ ବତୀଘରର । ସେ ଖାଲି ବିଶ୍ୱ ନିୟନ୍ତାଙ୍କ ପାଖରେ ପ୍ରଣତି ଜଣାଏ ତାକୁ ଭଲରେ ରଖିବା ପାଇଁ କାରଣ ତା' ଭଲରେ ସଂସାରରେ କୁପଥଗାମୀ ମଣିଷ ସୁପଥଗାମୀ ହୋଇପାରିବ । ସାମୁଦ୍ରିକ ଜଳପଥ ଛାଡ଼ି ବିପଥଗାମୀ ହେବ ନାହିଁ ନାବିକର ଜାହାଜ । ସାମୁଦ୍ରିକ ଦସ୍ୟୁଙ୍କର ଭୟ, ବୁଡ଼ନ୍ତା ପାହାଡ଼ର ଭୟ, ଦେଶ ଦେଶ ଭିତରେ ଯୁଦ୍ଧ ବିପ୍ଳବର ଭୟ ନଥିବ । ନିର୍ବିଘ୍ନରେ ସେ ତା'ର ଗନ୍ତବ୍ୟ ପଥରେ ଯାଇ ଲକ୍ଷ୍ୟସ୍ଥଳରେ

Digitized by PPRACHIN, SOA

ପହଞ୍ଚି ପାରିବ ।

ବତୀଘର ସବୁରି ପ୍ରିୟ । ସବୁରି ଆପଣାର । ସବୁରି ଆଶା ଆଉ ଭରସାର ଅଫୁରନ୍ତ ଉତ୍ସ । ତା' ପାଖରେ ପର-ଅପର, ଶତ୍ରୁ-ମିତ୍ର ସବୁ ସମାନ । ପର-ଆପଣାର ଭେଦଭାବରେ ସବୁରି ଊର୍ଦ୍ଧ୍ୱରେ ସେ । ତା' ପାଖରେ ନିରାଶାର ଶବ୍ଦ ନଥାଏ । କେବଳ 'ଆଶା ହିଁ ଆଶା' ସଭିଙ୍କ ସୁଖରେ ସେ ସୁଖୀ ଆଉ ସଭିଙ୍କ ଦୁଃଖରେ ତା'ର ଦୁଃଖ ଅସୁମାରୀ .... ଅବର୍ଣ୍ଣନୀୟ ।

Digitized by PPRACHIN, SOA

Digitized by PPRACHIN, SOA

ହଳିଆ ବଳଦ

ଭାରତ ବର୍ଷ ଏକ କୃଷି ପ୍ରଧାନ ତଥା ଋଷି ପ୍ରଧାନ ଦେଶ ଭାବେ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । କୃଷିକାର୍ଯ୍ୟ ଦ୍ୱାରା ମାଟିମା'ର ସେବା କରି ସାରା ଜଗତକୁ ଆହାର ଯୋଗାଇଥାଏ କୃଷକ ବନ୍ଧୁ । ତା' ଘରର ସମସ୍ତ ପ୍ରାଣୀ ମାଟି ମାଆର ପୂଜା ଆରାଧନାରେ ଶତତ ବ୍ରତୀ ରହି ଦେଶ ଓ ଜାତିର ଶୁଭ ମନାସନ୍ତି । ବାରମାସରେ ବିଭିନ୍ନ ପ୍ରକାର କୃଷି ଭିତ୍ତିକ ପର୍ବପର୍ବାଣୀ ପାଳନ କରି ମଣିଷ ମନରେ ଭକ୍ତି, ସ୍ନେହ, ଶ୍ରଦ୍ଧା ଓ ପ୍ରେମ ଜାଗ୍ରତ କରାଇବାରେ କୃଷକ ପରିବାରର ମାଧ୍ୟମ ସାଜିଥାଏ । ଏସବୁ କାର୍ଯ୍ୟ ସଂପାଦନ କରିବାକୁ ତାକୁ କୌଣସି ଗଣମାଧ୍ୟମର ପ୍ରଚାର ପ୍ରସାର ସେ ଲୋଡ଼ିନଥାଏ । ଡାକବାଜି ଯନ୍ତ୍ର ବା ପ୍ରଚାରପତ୍ର

Digitized by PPRACHIN, SOA

ବାଣ୍ଟିନଥାଏ । ସ୍ୱତଃ ଏବଂ ସ୍ୱଚ୍ଛ ଅନ୍ତଃକରଣରେ ଏ କାର୍ଯ୍ୟ ସଂପାଦିତ ହୋଇଥାଏ ଏବଂ ତାହା ମୃଦୁମନ୍ଦ ମଳୟରେ ସୁରଭିତ ହୋଇ ସଞ୍ଚରିତ ହୁଏ ଗୋଟିଏ ସ୍ଥନାରୁ ଅନ୍ୟ ସ୍ଥାନକୁ । ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ । ଦୂରକୁ ବହୁ ଦୂରକୁ । ଏହା ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ପ୍ରଚାର କରିଥାଏ । ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା'ର ବାର୍ତ୍ତା ପ୍ରଚାର କରିଥାଏ । ସରଳ ନିଷ୍କପଟ କୃଷକ ପରିବାର ଭଗବତ୍ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ନଦନଦୀ, ପାହାଡ଼ପର୍ବତ, ବୃକ୍ଷଲତା, ପଶୁପକ୍ଷୀ, ଜଳଅଗ୍ନି, ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ରଙ୍କୁ ତା'ର ଆରାଧ୍ୟ ଦେବ ରୂପେ ପୂଜା ଆରାଧନା କରେ ବିଶ୍ୱର ମଙ୍ଗଳ ପାଇଁ । ତାକୁ ଘେରି ରହିଥିବା, ତା'ର ଚତୁଃପାର୍ଶ୍ୱରେ ଘୂରି ବୁଲୁଥିବା ସମସ୍ତ ସ୍ଥାବର, ଅସ୍ଥାବର, ସଜୀବ, ନୀର୍ଜିବ କାହାକୁ ସେ ପର କରେନାହିଁ । ସମସ୍ତେ ତା'ର ଅତି ନିଜର, ଅତି ଆପଣାର । ବିଶ୍ୱନିୟନ୍ତାଙ୍କ ସୃଷ୍ଟି ଯେ ମଧୁମୟ ତାହାର ଡିଣ୍ଡିମ ପିଟିବା ପାଇଁ ସେ କୌଣସି ମାଧ୍ୟମର ଆଶ୍ରୟ ନନେଇ ନିଜେ ମାଧ୍ୟମ ସାଜେ । ଭାଙ୍ଗିଯାଇଥିବା ଜିନିଷକୁ ପୁଣି ସେ ଗଢ଼େ । ଅସଜଡ଼ା ହୋଇ ପଡ଼ିଥିବା ପଦାର୍ଥକୁ ସେ ସଜାଡ଼ି ବସେ । ତା' ଚତୁଃପାର୍ଶ୍ୱରେ ଥିବା ଅଳନ୍ଧୁକୁ ସେ ଝାଡ଼ିଝୁଡ଼ି ସଫା କରେ । ଅରଣା ମଇଁଷି ଦଳକୁ ବୋଲ ମନାଇବାରେ ସେ ଲାଗିପଡ଼େ । ବାଟରେ ପଡ଼ିଥିବା କଣ୍ଟାଝଟା ସବୁ ସଫା କରିବସେ ଆଉ ଅବାଟକୁ ବାଟ କରିବାରେ ସର୍ବଦା ଚେଷ୍ଟିତ ଥାଏ ।

ତା'ର ଏକାଗ୍ର ଭାବ ଦ୍ୱାରା ଏସବୁ କାର୍ଯ୍ୟ ସଂପାଦନ ସହଜ ଓ ସରଳ ହୋଇଥାଏ । କାହାରି ସାହାଯ୍ୟ ନେବା ତା'ର ଆବଶ୍ୟକ ହୁଏନାହିଁ । ନା ଲୋକବଳ, ନା କଞ୍ଚାମାଲ୍ ନା କଳକାରଖାନାର ଯନ୍ତ୍ରପାତି । ଈଶ୍ୱରଙ୍କ ଉପରେ ଗଭୀର ବିଶ୍ୱାସ, ସୃଷ୍ଟିକୁ ଚିରନ୍ତନ କରିବାର ନିଶା ତାକୁ ଏସବୁ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇଥାଏ । ତା'ର ମାନସିକତାରେ ସତ୍ୟ, ଶିବ, ସୁନ୍ଦର ସର୍ବଦା ବିରାଜିତ । ସେ ମଣିଷ । ସେ ଅମୃତର ସନ୍ତାନ । ଅମୃତ

Digitized by PPRACHIN, SOA

ପର୍ଶ୍ୱ ସମାଜର ସଦସ୍ୟ ତା'ର ଜନ୍ମ । ତା'ର ଜନ୍ମ କିଛି କର୍ମ ସଂପାଦନ କରିବା ପାଇଁ । ନିକମା ହୋଇ ବଞ୍ଚିରହିବା ପାଇଁ ନୁହେଁ । କେବଳ ଖାଇ ବଞ୍ଚିରହିବା ପାଇଁ ତା'ର ଜନ୍ମ ନୁହେଁ ବରଂ ବଞ୍ଚିରହିବା ପାଇଁ ସେ ଖାଏ ନଖାଇଲେ ସେ ତା'ର କର୍ମ ସଂପାଦନ କରିବ କେମିତି ? 'ଶରୀରମ୍ ଆଦ୍ୟମ୍, ଖଲୁ ଧର୍ମ ସାଧନମ୍' । ନିଜେ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ ଏବଂ ସାମାଜିକ ଧାରା ପରିପୁଷ୍ଟ ହେବ । କେବଳ ଖାଇ ପିଇ ବଞ୍ଚିରହିବା ପାଇଁ ତା'ର ସେ ଜନ୍ମ ନୁହେଁ, ତା'ର ଜନ୍ମ କିଛି ପବିତ୍ର କର୍ମ କରି ଏ ଧରାପୃଷ୍ଠରେ କିର୍ତ୍ତୀସ୍ତମ୍ଭ ସ୍ଥାପନ କରିବା । ଯାହା ଅନ୍ୟମାନଙ୍କୁ ପ୍ରୋତ୍ସାହନ ଯୋଗାଇବ । ଅନ୍ୟମାନଙ୍କ ପାଇଁ ଦିଗବାରେଣୀ ସାଜିବ ।

ସନାତନ ହିନ୍ଦୁଧର୍ମରେ ଆର୍ଯ୍ୟ ପୁରୁଷମାନେ ସେବା ପୂଜାର ଯେଉଁ ମହାନ୍ ପରମ୍ପରା ସୃଷ୍ଟି କରି ଯାଇଛନ୍ତି ତାକୁ ବଞ୍ଚାଇ ରଖିବା ଏବଂ ଆଗେଇ ନେବା ମଣିଷର ପରମ କର୍ତ୍ତବ୍ୟ ବୋଲି ସେ ବିବେଚନା କରିଥାଏ । ତେଣୁ କୌଣସି ଅପକର୍ମ କରିବା ତା'ର ମାନସିକତାରେ ନଥାଏ ।

ମାତ୍ର ବିଚିତ୍ର ଏ ସୃଷ୍ଟି । ସବୁ ଭଲ ପଛରେ କିଛି ମନ୍ଦ ଲୁଚି ରହିଥାଏ । ଯେପରି ସତ୍ କର୍ମ, ସତ୍ ଚିନ୍ତନ, ସତ୍ ଦର୍ଶନ, ସତ୍ ଶ୍ରବଣ, ଧର୍ମ, ଦୟା, ନ୍ୟାୟ ସହିତ ଆପେ ଆପେ ଯେଉଁ ହୋଇଯାଏ ହିଂସା, ଦ୍ୱେଷ, ପରଶ୍ରୀକାତରତା, ଭୀରୁତା, କାମ, କ୍ରୋଧ, ମୋହ, ମାୟା । ଅନ୍ୟଗ୍ରହର ଏଲିୟେନ୍ ପୃଥିବୀକୁ ପଶିଆସିଲା ପରି ଆମର ସୁନ୍ଦର ପୃଥିବୀ ଏତାଦୃଶ ଏଲିୟେନ୍‌ମାନଙ୍କ ଦ୍ୱାରା କଳୁଷିତ ହୋଇଯାଏ । ଧରା ସ୍ୱର୍ଗ ପାଲଟିବା ପରିବର୍ତ୍ତେ ନର୍କଗାମୀ ହୁଏ ।

ବିଚରା ବୁଢ଼ା ହଡ଼ା ବଳଦଟା ତା'ର ମାଲିକ ଗୁହାଳ ଦାଣ୍ଡରେ ବନ୍ଧା ହୋଇ ପାକୁଳି କରୁଥିବା ଅବସ୍ଥାରେ ଏସବୁ ଦୃଶ୍ୟ ଆଖି ଆଗରେ ଦେଖି

Digitized by PPRACHIN, SOA

ଦେଖି, ଭାବି ଭାବି ତା'ର ଦୁଇ ଆଖିରୁ ଟୋପା ହୋଇ ଲୁହ ନିଗିଡ଼ି ପଡ଼େ । ତା' ମାଲିକର ଖୋଦ୍ ଆପଣାର ସେ । ମାଲିକର ନିହାତି ବିଶ୍ୱସ୍ତ । ଗଲା ସନ ତା' ସାଙ୍ଗ କଷରାଟା ଜ୍ୱର ବାଧକିରେ ପଡ଼ି ମରିଗଲା । ଭଲ ହୋଇଛି ଏ ସବୁ ଅଘଟଣ ଦେଖିବାକୁ ସେ ନାହିଁ । ନହେଲେ ସଦା ସର୍ବଦା ହସକୁଳା ତା'ର ମାଲିକଟା ଏବେ ଥକ୍କା ମାରି ବସୁଥିବାର ଦୃଶ୍ୟ ସେ ଦେଖି ପାରି ନଥା'ନ୍ତା । ଆଜକୁ ସାତ ଆଠ ଦିନ ହେବ ମାଲିକର ବିଶ୍ୱସ୍ତ ଘୋଡ଼ା 'ସେତୋ'ଟା କୁଆଡ଼େ ଜିନ୍ ଛିଡ଼ାଇ ଘୋଡ଼ା ଶାଳରୁ ଯାଇଛି ଯେ ଯାଇଛି । ତା'ର କିଛି ଖୋଜ ଖବର ନାହିଁ । କ'ଣ ବା କାମ କରୁଥଲା ? ଖାଲି ଫସଲ ଅମଳ ସମୟରେ ଫସଲ ବୁହାବୋହି ବିକ୍ରିବଟାରେ ଯାହା ଟିକେ ମାଲିକକୁ ସାହାଯ୍ୟ କରୁଥିଲା । ନହେଲେ ଆମ କାଳିଆ କଷରାଙ୍କ ପରି କ'ଣ ସେ ଖଟୁଥିଲା ? ଦେହରୁ ତା'ର ତେଲ ନିଗିଡ଼ି ପଡୁଥିଲା । ବେଶୀ ଖାଇବ ବୋଲି କୁଆଡ଼େ ଯାଇଛି ଯାଉ । ବଳେ ପେଟ ପୋଡ଼ିଗଲେ ଫେରିବ । କେହି କେହି ତାକୁ ଏକମୁହାଁ ହୋଇ ଦଉଡ଼ି ପଳାଇବାର ଦେଖିଛନ୍ତି । ଆଉ କେହି କେହି କୁହନ୍ତି 'ସେତୋ'କୁ ସେମାନେ ଦୂର ସହରରେ ଦେଖି ଆସିଛନ୍ତି । ଶୁଖି କଳାକାଠ ପଡ଼ିଯାଇଛି । ଆଖିରେ ତାକୁ ଦେଖି ହେବନାହିଁ । ସବୁବେଳେ ସେ ତା'ର ମାଲିକ ଆଉ ଘୋଡ଼ାଶାଳ କଥା ଭାବି କାନ୍ଦୁଛି । ହୋଇଥିବ ! ମାଲିକ ଏକଥା ଶୁଣି ବୋଧେ ମୁହଁ ଶୁଖାଇ ଗୁମ୍ମାରି ବସୁଛନ୍ତି ।

'ସେତୋ'ଟା ବିଶ୍ୱାସଘାତକ ହୋଇ କାନ୍ଦୁଛି । ଆଉ ମୁଁ ମାଲିକର ବିଶ୍ୱସ୍ତ ହୋଇ ଏ ବୁଢ଼ା ବୟସରେ ମୋର ଆଉ ଜୁ' ପାଉନାହିଁ । ମାଲିକକୁ ସାହାଯ୍ୟ କରିବା ପାଇଁ ଚିନ୍ତା କରି କରି କାନ୍ଦୁଛି । ମୋର ଆଉ ଚାରା କ'ଣ ? ମାଲିକ ବେଳେ ବେଳେ ମୋ ମନୋଭାବ ଜାଣି ପାରେକି କ'ଣ ମୋ ଦେହ ଓ ମୁଣ୍ଡରେ ହାତ ବୁଲେଇ ଆଣେ । ମୋ ଛାତି ଫାଟିପଡ଼େ । ମାଲିକ ମନରେ ମରମ ବେଦନା ମୁଁ ବୁଝିପାରେ । ହେଲେ ମୁଁ ପଶୁଜାତି । କେମିତି କ'ଣ କହି

Digitized by PPRACHIN, SOA

ମାଲିକଙ୍କୁ ବୁଝାଇବି ? ଖାଲି ତାଙ୍କ ଗୋଡ଼ ଉପରେ ମୁଣ୍ଡଟି ଲଦିଦେଇ ସମବେଦନା ଜଣାଏ । ଆଖିରୁ ଲୁହ ନିଗାଡ଼ି ତାଙ୍କ ମନର ବେଦନା ବୁଝିପାରୁଛି ବୋଲି ସମ୍ମତି ଜଣାଏ ।

ମନେ ପଡ଼ିଯାଉଛି ମୋ ପିଲାଦିନର କଥା । ଆମ ଦୁଇଭାଇ (କାଳିଆ, କଷରା)ଙ୍କୁ ବାଛୁରୀ ବେଳୁ ପାଖ ଗାଁ ଗୋରୁହାଟରୁ କିଣି ଆଣିଥିଲା ଆମ ମାଲିକ । ଖୁସିରେ ଆମ ଦୁଇଭାଇଙ୍କୁ ଯାଜପୁରିଆ ବନ୍ଧୁ ବୋଲି ଡାକେ । ଛୋଟବେଳେ ଆମକୁ ଚରିବାକୁ ଛାଡ଼ିଦିଏ । ଦିନ ତମାମ୍ ଆମେ ଦୁଇଭାଇ ଘରକୁ ଫେରୁନା । ଘାସ ଖାଇ ବିଲ ପୋଖରୀରେ ପାଣି ପିଇ ଗାଁ ତୋଟାରେ ଗୋରୁଙ୍କ ମେଳରେ ଶୋଉ । ସଂଧ୍ୟା ହେଲେ ଘରକୁ ଫେରୁ । ସବୁ ଗୋରୁଗାଈ ଗୁହାଳକୁ ଆସିସାରିଥା'ନ୍ତି । ମାଲିକ ମାଲିକାଣୀ ବ୍ୟସ୍ତ ହୋଇପଡ଼ନ୍ତି । ମା' ତାଗିଦ୍ କରି ମାଲିକଙ୍କୁ କହନ୍ତି ଯାଉନ ଟିକେ ବିଲଆଡ଼େ ବୁଲିଆସିବ । ସଂଧ୍ୟା ହେଲା । ପିଲା ଦି'ଟା କୁଆଡ଼େ ଗଲେ ?

ଏହି ସମୟରେ ଆମେ ମା'ମା' ରଡ଼ି ଦେଇ ଲାଞ୍ଜ ଟେକି ଡେଇଁ ଡେଇଁ ଆସୁ । ମାଲିକଙ୍କୁ ଦେଖି ମୁହଁ ତଳକୁ କରିଦେଉ । ମାଲିକ କହନ୍ତି "ଦେଖୁନ ପୋତାମୁହାଁଙ୍କୁ ଦେଖ । ତୁମ ପାଟି ଶୁଣି ହମ୍ବାରଡ଼ି ଦେଉଥିଲେ ଆଉ ମୋତେ ଦେଖିଲା କ୍ଷଣି କେମିତି ପୋତାମୁହାଁ ପାଲଟି ଯାଉଛନ୍ତି ଯେମିତି କିଛି ଜାଣି ନାହାନ୍ତି । ସଂଧ୍ୟା ହେଲାଣି । ସବୁ ଗୋରୁଗାଈ ଛେଳିମେଣ୍ଢା ଫେରିଲେଣି । ତୁମ ପେଟ କ'ଣ ପୂରି ନଥିଲା ?" ଆମେ ଦୁହେଁ ଚୁପ୍‌ଚାପ୍ ଗୁହାଳକୁ ଯାଉ । ମା' ଆମକୁ ଆମ ପଘାରେ ବାନ୍ଧି ଆଉଁସି ଦେଇ କହନ୍ତି: ସଂଧ୍ୟା ପର୍ଯ୍ୟନ୍ତ ରହିବ ନାହିଁ । ଜଲଦି ପଳାଇ ଆସିବ । ବାଟବଣା ହୋଇ ବିଲରେ କେଉଁ ଗାଆଁକୁ ଚାଲିଗଲେ ସେମାନେ ତୁମକୁ ନେଇ ପୁଣି କେଉଁ ଗୋରୁହାଟରେ ବିକି ଦେବେ ।" ଏକଥା ଶୁଣିଲେ ଭୟରେ ଆମ ଦେହ ଶିହରୀ ଉଠୁଥିଲା । ଘଣ୍ଟାଏ ଡେରିରେ ଫେରିଲେ, ଦଣ୍ଡେ କି ଘଡ଼ିଏ ମା'

Digitized by PPRACHIN, SOA

ଶାନ୍ତିରେ ରହିପାରୁନଥିଲା । 'ସେଡୋ'ଟା ସାତ ଆଠ ଦିନ ହେଲା କୁଆଡ଼େ ଯାଇଛି ? ତା'ର ପତ୍ତା ନାହିଁ । ସବୁ ବିପଦର ପାହାଡ଼ ଆମ ମାଲିକ ମାଲିକାଣି ଉପରେ ଛିଡ଼ି ପଡ଼ିଛି । ଏପଟେ 'କଷରା' ମଲା ଦିନୁଁ ମାଲିକର 'ଯାଜପୁରିଆ ବନ୍ଧୁ' ଡାକ ଆଉ ଶୁଭୁନାହିଁ । ମୁଁତ ହଡ଼ା ପାଲଟି ଗଲିଣି । ପୁଣି ଟ୍ରାକ୍ଟର, ପାଓ୍ୱାରଟିଲର୍‌ର ଯୁଗ ଚାଲିଛି । ସେଥିପାଇଁ ବୋଧେ ମାଲିକ ଥକ୍କା ମାରିବା ବାହାନାରେ ମୋ ପାଖରେ ବସି ଦେହ ଆଉଁସି ନେଲା ବେଳେ କ'ଣ ସବୁ କହି ଯାଉଛନ୍ତି । ହାଟକୁ ଯାଇ ଆଉ ହଳେ ବଳଦ କିଣିବେ କି ଟ୍ରାକ୍ଟର ପକାଇ ବିଲ ହଳ କରିବେ ସେକଥା ବୋଧେ ଭାବୁଛନ୍ତି । ମୁଁ ତାଙ୍କୁ କିପରି ବୁଝାଇବି ଯେ ଯେତେବେଳେ ସ୍ନେହ ମମତା ତୁମେ ଆମକୁ ଦେଇଛ ସେ ଭାଗରେ ଆଉ କେହି ଭାଗିଦାରୀ ନହେଉ । ତୁମେ ଟ୍ରାକ୍ଟର ପକାଇ ବିଲ ହଳ କର । 'କଷରା'ର ନହେଲା ନାହିଁ ମୋର ଖଣ୍ଡିଏ ଫଟୋ ଉଠାଇ ତୁମ ଶୋଇଲା ଘର କାନ୍ଥରେ ଟାଙ୍ଗିଦିଅ । ମୋତେ ଦେଖି ଦେଖି 'କଷରା'ର ଦୁଃଖ ମା' ଭୁଲିଯିବେ ।"

Digitized by PPRACHIN, SOA

ପ୍ରଫେସର୍ ଅଟଳ ବିହାରୀ ନାୟକ ଜଣେ ବିରଳ ବ୍ୟକ୍ତିତ୍ୱ । ଏକାଧାରରେ ସେ ଜଣେ ମେଧାବୀ ଛାତ୍ର, ପ୍ରବୀଣ ଅଧ୍ୟାପକ, ନିର୍ମଳ ପ୍ରଶାସକ, ନିଷ୍ଠାପର ସମାଜସେବୀ, ଲୋକପ୍ରିୟ, ସରଳ, ଅମାୟିକ ତଥା ଗାଁ ଓ ମାଟିମନସ୍କ ମଣିଷଟିଏ । ଦ୍ରୁତ ଅବକ୍ଷୟମୁଖୀ ସମାଜକୁ ଉଚିତ୍ ମାର୍ଗରେ ପରିଚାଳିତ କରିବା ପାଇଁ ତାଙ୍କ ଲେଖନୀ ସର୍ବଦା ଚେଷ୍ଟିତ । କବିତା, ଗଳ୍ପ, ନାଟକ ଓ ପ୍ରବନ୍ଧ ରଚନା ମାଧ୍ୟମରେ ସାମାଜିକ ମୂଲ୍ୟବୋଧର ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଲେଖକ ପ୍ରୟାସ ଜାରି ରଖିଛନ୍ତି । ପ୍ରତି ମୁହୂର୍ତ୍ତରେ ବହୁ ଘାତ ପ୍ରତିଘାତର ସାମ୍ନା କରୁଥିଲେ ମଧ୍ୟ ଲକ୍ଷ୍ୟପଥରୁ ସେ କେବେ ବିଚ୍ୟୁତ ହୋଇନାହାନ୍ତି ।

ସେ ଅଟଳ, ଅଚଳ ମହାମେରୁ । ସୁଖରେ ସେ କେବେ ଉଲ୍ଲସିତ ହୋଇ ନାହାନ୍ତି କିମ୍ବା ଦୁଃଖରେ ବି କେବେ ଭାଙ୍ଗି ପଡ଼ିନାହାନ୍ତି ଠିକ୍ ତାଙ୍କ କାହାଣୀର ଚରିତ୍ରମାନଙ୍କ ପରି । ନିକଟରେ ବିଶ୍ୱ ନାଟ୍ୟ ଦିବସ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ଉତ୍ସବରେ ତାଙ୍କ ରଚିତ ନାଟକ 'ଏ ନୁହେଁ କାହାଣୀ' ଦର୍ଶକଙ୍କର ମନ ମୋହିବା ସଙ୍ଗେ ସଙ୍ଗେ ଶିକ୍ଷକ ଜୀବନର ମୂଲ୍ୟବୋଧକୁ ଦର୍ଶକ ଦରବାରରେ ପହଞ୍ଚାଇବାରେ ସଫଳ ହୋଇଛି । ଓଡ଼ିଶାର ଖ୍ୟାତନାମା ଚଳଚ୍ଚିତ୍ର ନାୟକ ତଥା ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଅଜିତ୍ ଦାସଙ୍କ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ମୂଳତଃ ଜଣେ ପ୍ରାବନ୍ଧିକ ଏବଂ କ୍ଷୁଦ୍ରଗଳ୍ପ ଲେଖକ ହୋଇଥିଲେ ମଧ୍ୟ ବହୁ ବିଳମ୍ବରେ ତାଙ୍କର ପ୍ରଥମ କ୍ଷୁଦ୍ର ଗଳ୍ପ ପୁସ୍ତକ 'ଛୁଆମା' ପ୍ରକାଶିତ ହୋଇଛି । ଏହା ପାଠକୀୟ ସ୍ୱୀକୃତି ଲାଭ କରିବ ଏଇ ଆଶା ନେଇ ରହୁଛି ।

ବିକାଶ କୁମାର ଶତପଥୀ, ସଂପାଦକ
ଓଡ଼ିଆ ଭାଷା ସଂସ୍କୃତି ବିକାଶ ମଞ୍ଚ,
ବାସୁଦେବବପୁର
ଦୂରଭାଷ

Digitized by PPRACHIN, SOA

ଅକ୍ଷର ସଜ୍ଜା ଓ ମୁଦ୍ରଣ:
ମିନର୍ଭା ପ୍ରିଣ୍ଟର୍ସ, ବେତଡ଼ା,
ମୋ.: ୯୯୩୭୩୧୧୦୪୪